SEPTEMBER 03, 2026
THURSDAY, BHUBANESWAR

ସେପ୍ଟେମ୍ବର ୦୩, ୨୦୨୬
ଗୁରୁବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 1 ବର୍ଷ- ୨ ● ସଂଖ୍ୟା- ୧ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ରାମ ମନ୍ଦିର ସିଇଓ ହେଲେ ଜିତେନ୍ଦ୍ର ମିଶ୍ରା



ନୂଆଦିଲ୍ଲୀ,୨।୯: ରାମ ମନ୍ଦିର ଟ୍ରଷ୍ଟର ପ୍ରଥମ ସିଇଓଙ୍କ ନାମ ଘୋଷଣା କରାଯାଇଛି । ସୂଚନା ଅନୁସାରେ, ଅବସରପ୍ରାପ୍ତ ଏୟାର ମାର୍ଶଲ ଜିତେନ୍ଦ୍ର ମିଶ୍ରାଙ୍କ ନାଁରେ ମୋହର ଲାଗିଛି । ଏୟାର ମାର୍ଶଲ ଜିତେନ୍ଦ୍ର ମିଶ୍ରା ନିଯୁକ୍ତି ଦିନଠାରୁ ୩ ବର୍ଷ ପର୍ଯ୍ୟନ୍ତ CEO ପଦରେ ରହିବେ । ସେ ଚଳିତ ବର୍ଷ ଏପ୍ରିଲ୍‌ରେ ଭାରତୀୟ ବାୟୁସେନାରୁ ଅବସର ନେଇଥିଲେ । ଜିତେନ୍ଦ୍ର ମିଶ୍ରା ପ୍ରାୟ ୩୮ ବର୍ଷ ଧରି ଭାରତୀୟ ବାୟୁସେନାରେ ସେବା ଦେଇଛନ୍ତି । ସେ ଫାଇଟର୍ ପାଇଲଟ୍, କମ୍ବାଟ୍ ଇନ୍‌ଷ୍ଟ୍ରକ୍ଟର୍ ଏବଂ ଟେଷ୍ଟ ପାଇଲଟ୍ ଭାବେ ମଧ୍ୟ କାମ କରିଛନ୍ତି ।

ଗତ ବର୍ଷର ଅପରେସନ୍ ସିନ୍ଦୂର ଏବଂ ୧୯୯୯ ମସିହାର କାର୍ଗିଲ୍ ଯୁଦ୍ଧରେ ମଧ୍ୟ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କୁହାଯାଉଛି । ତାଙ୍କର ୩ ହଜାର ଘଣ୍ଟାରୁ ଅଧିକ ଉଡ଼ାଣ ଅଭିଜ୍ଞତା ରହିଛି । ଉତ୍ତରପ୍ରଦେଶର ଦେଓରିଆ ଜିଲାର ବାସିନ୍ଦା ଜିତେନ୍ଦ୍ର ମିଶ୍ର NDA ଖଡ଼କବାସଲାର ପୂର୍ବତନ ଛାତ୍ର । ତାଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ମେଡାଲ୍‌ରେ ସମ୍ମାନିତ ☞ପୃଷ୍ଠା-୨

ବିଜେପିରେ ମିଶିଲେ ପୁରୀ-ଗଞ୍ଜାମର ଛାମୁଆ କର୍ମୀ

ପଦ୍ମ ଶିବିରରେ ବଢ଼ିଲା ଶକ୍ତି

- ବିଜେଡି-କଂଗ୍ରେସ-ବାମ ଦଳ ଛାଡ଼ି ଶତାଧିକ ନେତା-କର୍ମୀ ପଦ୍ମ ଶିବିରରେ
- ମୋଦୀ-ମୋହନଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ବଢୁଛି: ମନମୋହନ ସାମଲ



ଭୁବନେଶ୍ୱର, ୨/୯: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାରର ଜନକଲ୍ୟାଣମୂଳକ କାର୍ଯ୍ୟ ଏବଂ ବିକାଶର ଧାରା ପ୍ରତି ଆସ୍ଥା ପ୍ରକଟ କରି ପୁରୀ ଓ ଗଞ୍ଜାମ ଜିଲ୍ଲାର ଶତାଧିକ ନେତା ଓ କର୍ମୀ ବୁଧବାର ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି, କଂଗ୍ରେସ ଓ କମ୍ୟୁନିଷ୍ଟ ଦଳର ବହୁ ନେତା, ନିର୍ବାଚିତ ଜନପ୍ରତିନିଧି ଓ କର୍ମୀ ଆନୁଷ୍ଠାନିକ ଭାବେ ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି, ‘‘ବିଜେପିର ଅନ୍ୟନାମ ବିକାଶ । ଓଡ଼ିଶାରେ ବିଜେପି ସରକାର ଗଠନ ପରେ ନିର୍ବାଚନୀ ଘୋଷଣାପତ୍ରରେ ଦିଆଯାଇଥିବା ଅଧିକାଂଶ ପ୍ରତିଶ୍ରୁତି ପୂରଣ କରାଯାଇଛି । ଏହା ଫଳରେ ଲୋକଙ୍କ ମଧ୍ୟରେ ସରକାର ଓ ବିଜେପି ସଂଗଠନ ପ୍ରତି ଆସ୍ଥା ବଢ଼ିଛି ।’’

ସେ କହିଥିଲେ, ବିଜେପି ଏକ କାର୍ଯ୍ୟକର୍ତ୍ତା ଆଧାରିତ ଦଳ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରର ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ଯୋଗୁଁ ରାଜ୍ୟରେ ଦଳର ସଂଗଠନ ଦିନକୁ ଦିନ ମଜଭୁତ ହେଉଛି । ନୂତନ ଓ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସମନ୍ୱୟରେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଦଳର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ମିଶ୍ରଣ ପର୍ବରେ ଗତ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ସାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ମନୋଜ କୁମାର ରଥ ବିଜେପିରେ ଯୋଗ ଦେଇଥିଲେ । ସେହିପରି ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସି ଅଞ୍ଚଳରୁ ବିଜେଡି ଓ କଂଗ୍ରେସର ବହୁ ନେତା ଓ କର୍ମୀ ନିଜ ସମର୍ଥକଙ୍କ ସହ ବିଜେପିରେ ☞ପୃଷ୍ଠା-୨

ପ୍ରକାଶ ପାଇଲା ଓଟିଇଟି-୨୦୨୬ ଫଳ

କଟକ, ୦୨/୦୯: ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଓଟିଇଟି -୨୦୨୬ର ଫଳ ପ୍ରକାଶ ପାଇଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଫଳାଫଳ ଅନୁଯାୟୀ, ଏଥର ମୋଟ ପାସ୍ ହାର ୬୪.୪୮ ପ୍ରତିଶତ ରହିଛି । ମୋଟ ୯୭,୧୫୧ ଜଣ ଆବେଦନ କରିଥିବା ବେଳେ

ପାସ୍ ହାର ୬୪.୪୮%

୫୩,୩୧୪ କୃତକାର୍ଯ୍ୟ

୮୪,୭୩୧ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୩,୩୧୪ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ପେପର୍-୧ରେ ପାସ୍ ହାର ୬୮.୨୮ ପ୍ରତିଶତ ଥିବା ବେଳେ ପେପର୍-୨ରେ ୬୦.୬୮ ପ୍ରତିଶତ ରହିଛି । ପେପର୍-୧ ପାଇଁ ୨୪,୯୧୧ ଜଣ ଓ ପେପର୍-୨ ପାଇଁ ୫୯,୭୪୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପରିଷଦର ୱେବସାଇଟ୍‌ରେ ବୁଧବାର ସନ୍ଧ୍ୟା ୬ଟାରୁ ଫଳାଫଳ ଉପଲବ୍ଧ ହେବ । କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଆସନ୍ତା ୭ ତାରିଖ ଦିନ ୧୧ଟା ପରଠାରୁ ☞ପୃଷ୍ଠା-୨

ବରିଷ୍ଠ ତୀର୍ଥଯାତ୍ରାରେ ବାରାଣସୀ-ଅଯୋଧ୍ୟା ଯାତ୍ରା ଆରମ୍ଭ

ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଭୁବନେଶ୍ୱର, ୨।୯(ଅକ୍ଷର ଓଡ଼ିଶା): ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାରାଣସୀ-ଅଯୋଧ୍ୟା ଯାତ୍ରା ଆରମ୍ଭ ହୋଇଛି । ବୁଧବାର ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ (ପଟିଆ) ଠାରେ ପୂର୍ବାହ୍ନ ୧୧ଟା ସମୟରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ପୁରୀ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି । ଯାତ୍ରୀଙ୍କ ସୁବିଧା ଓ ଯତ୍ନ ନେବା ପାଇଁ ୨୫ ଜଣ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯାତ୍ରା କରୁଛନ୍ତି । ଯାତ୍ରୀଙ୍କ ମଧ୍ୟରେ ୩୩୩ ଜଣ ମହିଳା ଓ ୪୩୨ ଜଣ ପୁରୁଷ ରହିଛନ୍ତି । ଜିଲ୍ଲାୱାରୀ ଭାବେ ଖୋର୍ଦ୍ଧାରୁ ୧୬୯ ଜଣ, ଜଗତସିଂହପୁରରୁ ୮୫, କଟକରୁ ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳରୁ ୮୯ ଜଣ ବରିଷ୍ଠ ନାଗରିକ ଯାତ୍ରାରେ ସାମିଲ ହୋଇଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ଧାମକୁ ଆରମ୍ଭ ହୋଇଥିବା ଏହି ଯାତ୍ରା ସଫଳ ହେଉ । ତୀର୍ଥଯାତ୍ରୀମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଧ୍ୟ ଲାଭ କରିବାର ସୁଯୋଗ ପାଇବେ । ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟର ଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦେଶର ପ୍ରମୁଖ ତୀର୍ଥସ୍ଥାନ ପରିଦର୍ଶନ କରିବା ସହ ସେଗୁଡ଼ିକର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ଜାଣିପାରିବେ ।

ପ୍ରଥମ ପର୍ଯ୍ୟାୟରେ ୭୭୫ ବରିଷ୍ଠ ନାଗରିକ ସାମିଲ

କାର୍ଯ୍ୟକ୍ରମରେ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସାଇଁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପ୍ରମୁଖ ☞ପୃଷ୍ଠା-୨

ନେପାଳକୁ ବନ୍ୟା ସହାୟତା

ଭାରତକୁ ପ୍ରଶଂସା କଲେ ନେପାଳ ପ୍ରଧାନମନ୍ତ୍ରୀ

କାଠମାଣ୍ଡୁ,୨।୯: ନେପାଳରେ ଭୟଙ୍କର ବନ୍ୟା ପରେ ଭାରତ ପକ୍ଷରୁ ମିଳୁଥିବା ଲଗାତାର ସହାୟତାକୁ ନେଇ ଭାରତ ଓ ଚାଇନାକୁ ଧନ୍ୟବାଦ ଜଣାଇଛନ୍ତି ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହା । ବୁଧବାର, ସଂସଦରେ ଉଦ୍‌ବୋଧନ ଦେଇ ସେ

- ୧,୧୨୭ ଜଣଙ୍କ ମୃତ୍ୟୁ
- ୪ ହଜାରରୁ ଅଧିକ ନିଖୋଜ



କହିଛନ୍ତି ଯେ, ଏଭଳି ବଡ଼ ବିପର୍ଯ୍ୟୟ ସମୟରେ ଅନ୍ତର୍ଜାତୀୟ ସହଯୋଗ ନେବାରେ କୌଣସି ଦ୍ୱିଧା ରହିବା ଉଚିତ ନୁହେଁ ।

ପ୍ରଧାନମନ୍ତ୍ରୀ ଶାହା କହିଛନ୍ତି, ବିପର୍ଯ୍ୟୟର ପ୍ରଥମ ଦିନରୁ ହିଁ ନେପାଳ ସରକାର ଡିଜାଷ୍ଟର ମ୍ୟାନେଜମେଣ୍ଟ ପାଇଁ ଅନ୍ତର୍ଜାତୀୟ ସହଯୋଗ ନେଉଛି । ବିଦେଶୀ ସହାୟତା ନେବାରେ ସରକାର ହେଜିଟେସନ୍ କରୁଥିବା ନେଇ ପ୍ରଶ୍ନ ଉଠିବା ପରେ ସେ କହିଛନ୍ତି, ‘‘ଏତେ ବଡ଼ ବିପର୍ଯ୍ୟୟରେ ଅନ୍ତର୍ଜାତୀୟ ସହଯୋଗ ନନେବାର ପ୍ରଶ୍ନ ହିଁ ଉଠୁନାହିଁ ।’’ ଅଗଷ୍ଟ ୨୬ ତାରିଖରେ ନେପାଳରେ ହଠାତ୍ ଆସିଥିବା ଭୟଙ୍କର ବନ୍ୟା ପରେ ଏବେ ବି ୪ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଏପର୍ଯ୍ୟନ୍ତ ୧,୧୨୭ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ଜଣାପଡ଼ିଛି । ବନ୍ୟା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ ଶାହାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ☞ପୃଷ୍ଠା-୨

୭କୁ ଘୁଞ୍ଚିଲା ଓଡ଼ିଶା ଡିଜିପି ଚୟନ ମାମଲା



ଭୁବନେଶ୍ୱର, ୨।୯: ଓଡ଼ିଶାର ସ୍ଥାୟୀ ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଜନସାର୍ଥ ମାମଲାର ଶୁଣାଣି ଆସନ୍ତା ୭ ତାରିଖକୁ ଘୁଞ୍ଚିଛି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ । ସେପର୍ଯ୍ୟନ୍ତ ଓଡ଼ିଶା ଡିଜିପି ପଦ ପାଇଁ ସମ୍ଭାବ୍ୟ ଅଧିକାରୀଙ୍କ ନାମ ଚୂଡ଼ାନ୍ତ ନକରିବାକୁ ୟୁପିଏସ୍‌ସିକୁ କୁହାଯାଇଛି । ଡିଜିପି ଚୟନରେ ସୁପ୍ରିମକୋର୍ଟଙ୍କ ୨୦୦୬ର ‘ପ୍ରକାଶ ସିଂହ’ ରାୟରେ ନିର୍ଦ୍ଧାରିତ ନିୟମ ପାଳନ ହୋଇଛି କି ନାହିଁ, ତାହା ଏହି ମାମଲାର ପ୍ରମୁଖ ପ୍ରସଙ୍ଗ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଅଭିଯୋଗ କରିଛନ୍ତି ଯେ, ଜଣେ ଜୁନିଅର ଅଧିକାରୀଙ୍କୁ ଡିଜିପି ଚୟନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ତାଙ୍କୁ ଡିଜି ପଦକୁ ପଦୋନ୍ନତି ଦିଆଯାଇଥିଲା । ଏହା ‘ପ୍ରକାଶ ସିଂହ’ ଗାଇଡଲାଇନ୍‌ର ଉଲ୍ଲଙ୍ଘନ ବୋଲି ଆବେଦନକାରୀ ପକ୍ଷ ଦାବି କରିଛନ୍ତି ।

ଓଡ଼ିଶାରେ ଜଳ ଭିତ୍ତିଭୂମିର ମାଇଲଖୁଣ୍ଟ

୨ ବର୍ଷରେ ୫୪,୦୦୦ କୋଟିର ପ୍ରକଳ୍ପ ମଞ୍ଜୁର

- ୩.୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯: କୃଷିପ୍ରଧାନ ଓଡ଼ିଶାରେ ଜଳ ସୁରକ୍ଷା ଓ ଜଳସେଚନ ବିକାଶକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ଗତ ଦୁଇ ବର୍ଷରେ ରାଜ୍ୟରେ ୫୪,୦୦୦ କୋଟିର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ମିଳିଥିବା ବେଳେ ୩ ଲକ୍ଷ ୨୦ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ନୂଆଦିଲ୍ଲୀରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ବିଭାଗୀୟ ସମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟଙ୍କ ସମେତ ବିଭିନ୍ନ ରାଜ୍ୟର ଜଳ ସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଓ ଜଳ ଭିତ୍ତିଭୂମି ବିକାଶର ସଫଳତା ଉପସ୍ଥାପନ କରିଥିଲେ । ରାଜ୍ୟରେ ୭୭୦ଟି ନୂଆ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ☞ପୃଷ୍ଠା-୨



ମହିଳାଙ୍କ ପାଇଁ ସୁରକ୍ଷିତ ସହର ପ୍ରଗତିର ନୂଆ ଦିଗବଳୟ

ଭୁବନେଶ୍ୱର, ୨।୯: ମହିଳାଙ୍କ ସୁରକ୍ଷା, ସୁଗମତା ଓ ସକ୍ରିୟ ଅଂଶଗ୍ରହଣକୁ ସହରୀ ପରିବହନ ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ପ୍ରାଥମିକତା ଦେବା ଆବଶ୍ୟକ । ‘‘ଯେତେବେଳେ ମହିଳାମାନେ ଆଗକୁ ବଢ଼ନ୍ତି, ସହର ବି ଆଗକୁ ବଢ଼େ’’ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ମେଫେୟାରରେ ଆୟୋଜିତ ‘ଶକ୍ତି ସମ୍ମିଳନୀ ୨୦୨୬: ରାଜ୍ୟ ମହିଳା ଓ ଶିଶୁ ବିକାଶ ନେତୃତ୍ୱ କନକ୍ଲେଭରେ ‘ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା ପାଇଁ ଓଡ଼ିଶାର ପଦକ୍ଷେପ’ ବିଷୟରେ ବକ୍ତବ୍ୟ ରଖି



ସେ କହିଥିଲେ, ସହରୀ ପରିବହନର ଯୋଜନା, ଡିଜାଇନ୍ ଓ ସେବା ପ୍ରଦାନର ପ୍ରତ୍ୟେକ ସ୍ତରରେ ମହିଳାଙ୍କ ଆବଶ୍ୟକତା ଓ ଅଭିଜ୍ଞତାକୁ କେନ୍ଦ୍ରରେ ରଖିବା ଦରକାର । ସୁରକ୍ଷିତ ଜନପରିବହନ, ପଥଚାରୀ-ଅନୁକୂଳ ଭିତ୍ତିଭୂମି, ପର୍ଯ୍ୟାପ୍ତ ଆଲୋକୀକରଣ, ସୁରକ୍ଷିତ ସର୍ବସାଧାରଣ ସ୍ଥାନ, ସହଜ ଶେଷ-ମାଇଲ୍ ସଂଯୋଗ ଓ ଉତ୍ତରଦାୟୀ ପରିବହନ ସେବା ମହିଳା-ଅନୁକୂଳ ସହରର ଅତ୍ୟାବଶ୍ୟକ ଅଙ୍ଗ ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଜଣେ ମହିଳା ଡ୍ରାଇଭରଙ୍କୁ ଉପସ୍ଥିତ ଦର୍ଶକଙ୍କ ସହ ପରିଚିତ କରାଇ ଶ୍ରୀମତୀ ପାଢ଼ୀ କହିଥିଲେ, ପାରମ୍ପରିକ ଭାବେ ପୁରୁଷ-ପ୍ରଧାନ ବୋଲି ଧରାଯାଉଥିବା କ୍ଷେତ୍ରରେ ମହିଳାଙ୍କ ସଫଳ ଅଂଶଗ୍ରହଣ ରୂଢ଼ିବାଦୀ ଧାରଣାକୁ ଭାଙ୍ଗିବା ସହ ଅନ୍ୟ ମହିଳାଙ୍କ ପାଇଁ ନୂଆ ସୁଯୋଗ ☞ପୃଷ୍ଠା-୨



ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ପଦ୍ମ ପୋଖରୀରେ ପଦ୍ମ ଫୁଲ ଦେଖି
କର୍ମୀ ହେଲେ ହାଇଁ ପାଇଁ
ପଦ୍ମ ପୋଖରୀକୁ ଡିଆଁ ମାରୁଛନ୍ତି
ଦେଖ ଖାଲି ଘାଇଁ ଘାଇଁ
ବିରୋଧି ତ କଇଁ କଇଁ
ତାଙ୍କ ପୋଖରୀ ତ ଶୁଖିଲା ପଡ଼ିଛି
ଟୋପାଏ ବି ପାଣି ନାହିଁ

ଡାଟା ଭିତ୍ତିକ ହେବ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା



ୟୁଏନ୍‌ଡିପି ଓ ସିଭିକ୍ ଡାଟାଲ୍ୟାବ୍ ସହ ଓସ୍‌ଡମାର ଦୁଇ ବୁଝାମଣାପତ୍ର

ଭୁବନେଶ୍ୱର, ୨/୯: ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ଡାଟା ଭିତ୍ତିକ, ବୈଜ୍ଞାନିକ ଓ ପ୍ରଯୁକ୍ତିସମ୍ପନ୍ନ କରିବା ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ପକ୍ଷରୁ ୟୁଏନ୍‌ଡିପି ଏବଂ ସିଭିକ୍ ଡାଟାଲ୍ୟାବ୍ ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସାକ୍ଷର ହୋଇଛି । ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସାକ୍ଷରିତ ହୋଇଥିଲା । ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ବିପର୍ଯ୍ୟୟ ଘଟିବା ପରେ ପ୍ରତିକ୍ରିୟା ଦେବା ଅପେକ୍ଷା ତଥ୍ୟ ଆଧାରରେ ପୂର୍ବରୁ ବିପଦର ଆକଳନ ଓ ପ୍ରସ୍ତୁତି ଏବେ ଅଧିକ ଜରୁରୀ । ସଠିକ୍ ତଥ୍ୟ ଭିତ୍ତିକ ନିଷ୍ପତ୍ତି ଧନଜୀବନ ସୁରକ୍ଷା ସହ ବିକାଶମୂଳକ ଯୋଜନାକୁ ମଧ୍ୟ ଅଧିକ ପ୍ରଭାବଶାଳୀ କରିପାରିବ । ଏହି ଦୁଇ ସହଭାଗିତା ଓଡ଼ିଶାକୁ ଅଧିକ ବିପର୍ଯ୍ୟୟ ସହନଶୀଳ ଓ ସୁରକ୍ଷିତ ରାଜ୍ୟରେ ପରିଣତ କରିବାରେ ମାଇଲଖୁଣ୍ଟ ହେବ ବୋଲି ସେ କହିଛନ୍ତି । ଓସ୍‌ଡମା ଓ ୟୁଏନ୍‌ଡିପି ମିଳିତ ଭାବେ ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ‘ବିପଦ, ଆଶଙ୍କା ଓ ସଂକଟାପନ୍ନ ସ୍ଥିତି ଆକଳନ’ କରିବେ । ବାତ୍ୟା ଓ ବନ୍ୟାପ୍ରବଣ ୧୦ ଉପକୂଳ ଜିଲ୍ଲାରେ ଗ୍ରାମସ୍ତରରୁ ଏବଂ ଅବଶିଷ୍ଟ ୨୦ ଜିଲ୍ଲାରେ ଗ୍ରାମପଞ୍ଚାୟତସ୍ତରରୁ ତଥ୍ୟ ସଂଗ୍ରହ ହେବ । ଏହାକୁ ଆଧାର କରି ଏକ GIS-ସକ୍ଷମ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରାଯିବ, ଯାହା ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ନିୟମିତ ଅପଡେ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାମ ମନ୍ଦିର ସିଇଓ...

କରାଯାଇଛି । ରାମ ମନ୍ଦିର ଟ୍ରଷ୍ଟର CEO ପଦ ପାଇଁ ୫,୫୦୦ରୁ ଅଧିକ ଆବେଦନ ଆସିଥିଲା । ଏଥିରୁ ୧୮ ଜଣଙ୍କ ନାଁ ସର୍ଟଲିଷ୍ଟ କରାଯାଇଥିଲା । ସର୍ଟଲିଷ୍ଟ ପ୍ରାର୍ଥୀଙ୍କୁ ଖାଦ୍ୟପେୟ, ଜୀବନଶୈଳୀ ଏବଂ ହିନ୍ଦୁ ଧର୍ମ ସମ୍ପର୍କିତ ବିଭିନ୍ନ ମାନ୍ୟତା ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚରାଯାଇଥିଲା । ରାମ ମନ୍ଦିରର CEOଙ୍କ ମୁଖ୍ୟ ଦାୟିତ୍ୱ ହେବ ମନ୍ଦିରର ପ୍ରଶାସନିକ, ଆର୍ଥିକ ଏବଂ ଆଇନଗତ ପରିଚାଳନା ଦେଖିବା । ଏହା ସହ ମନ୍ଦିର ସହ ଜଡ଼ିତ ବିଭିନ୍ନ ପ୍ରଶାସନିକ କାର୍ଯ୍ୟର ସମନ୍ୱୟ ମଧ୍ୟ ସିଇଓଙ୍କ ଦାୟିତ୍ୱରେ ରହିବ । ସିଇଓ ଚୟନ ପାଇଁ ଟ୍ରଷ୍ଟ ପକ୍ଷରୁ ଏକ ୩ ଜଣିଆ କମିଟି ଗଠନ କରାଯାଇଥିଲା । ଏହି କମିଟିରେ ଅବସରପ୍ରାପ୍ତ ଜଷ୍ଟିସ୍ ପ୍ରମୋଦ କୋହଲି, ବିଷ୍ଣୁକାନ୍ତ ଚତୁର୍ବେଦୀ ଏବଂ ସୁରେଶ ହାଣ୍ଡେ ସାମିଲ ଥିଲେ ।

ପଦ୍ମ ଶିବିରରେ...

ସାମିଲ ହୋଇଥିଲେ । ନିମାପଡ଼ା ଅଞ୍ଚଳରେ ନାଗପୁର, ବଳଙ୍ଗା, ଗୋପୀନାଥପୁର, ଉଚ୍ଛୁପୁର, ରେଞ୍ଜ, ଅଲଣ୍ଡା, ବଡ଼ଶିରିଗୁଳା, ଅରିଷଣ୍ଡ, ବାହାରଣା ଓ ଭିଲିଗ୍ରାମ ଆଦି ପଞ୍ଚାୟତର ବହୁ ନେତା ଓ କର୍ମୀ ଦଳରେ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ପୂର୍ବତନ ସରପଞ୍ଚ ଓ ବିଭିନ୍ନ ସ୍ତରର ଦଳୀୟ କର୍ମୀ ରହିଥିଲେ ।

ଗଞ୍ଜାମ ଜିଲ୍ଲାର ଛତ୍ରପୁର ପୌରପାଳିକାର ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ସମେତ ୯ ଜଣ କାଉନସିଲର ଏବଂ ବିଜେଡି, କଂଗ୍ରେସ ଓ କମ୍ୟୁନିଷ୍ଟ ଦଳର ବହୁ ନେତା ଓ କର୍ମୀ ମଧ୍ୟ ବିଜେପିରେ ଯୋଗ ଦେଇଥିଲେ । ବରିଷ୍ଠ କମ୍ୟୁନିଷ୍ଟ ନେତା ଟଙ୍କଜ ମହାପାତ୍ର, ପୂର୍ବତନ ଉପାଧ୍ୟକ୍ଷ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ, ବିଜେଡି ନେତା ଓ ଯୁବନେତାଙ୍କ ସମେତ ଗୋପାଳପୁର ନିର୍ବାଚନମଣ୍ଡଳୀର ବହୁ କର୍ମୀ ଦଳରେ ସାମିଲ ହୋଇଥିଲେ । ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ନୂତନ ସଦସ୍ୟମାନଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ଡ. ଯତୀନ ମହାନ୍ତି, ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟସଭା ସାଂସଦ ସୁଜିତ କୁମାର, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୁରୀ ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ତରାଇ ଓ ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ପ୍ରକାଶ ପାଇଲା...

ଆବଶ୍ୟକ ଫି' ଦେଇ ଡିଜିଟାଇଜ୍ଡ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ । ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ସେପ୍ଟେମ୍ବର ୫ରୁ ୧୨ ତାରିଖ ମଧ୍ୟରେ ବୋର୍ଡ ୱେବସାଇଟ୍‌ରୁ ନିଜ ଓଏମ୍‌ଆର୍ ଆନସର ସିଟ୍ ଡାଉନଲୋଡ୍ କରିପାରିବେ । ସୂଚନାଯୋଗ୍ୟ, ଓଟିଇଟି-୨୦୨୬ ପରୀକ୍ଷା ଗତ ଜୁଲାଇ ୫ ତାରିଖରେ ଅନୁଷ୍ଠିତ ହୋଇଥିଲା ।

ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ...

ତୀର୍ଥଯାତ୍ରୀମାନଙ୍କୁ ସମ୍ବୋଧିତ କରି ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ପ୍ରତୀକାତ୍ମକ ଭାବେ ତୀର୍ଥଯାତ୍ରୀଙ୍କୁ ରେଳ ଟିକେଟ୍ ଓ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା । ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତୁରାଜ, ଖୋର୍ଦ୍ଧା ରୋଡ୍ ଡିଭିଜନର ଅତିରିକ୍ତ ଡିଆରଏମ୍ ପ୍ରଦୀପ କୁମାର ବେହେରା, ଆଇଆରସିଟିସିର ଆଞ୍ଚଳିକ ପରିଚାଳକ ଅନୁଜ ଦତ୍ତ ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୨୦୨୬-୨୭ ବର୍ଷରେ ମୋଟ ୧୦ଟି ପର୍ଯ୍ୟାୟରେ ୮,୦୦୦ ବରିଷ୍ଠ ନାଗରିକଙ୍କୁ ଅଯୋଧ୍ୟା, ବାରାଣସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ ଓ ମଦୁରାଇ ଭଳି ପ୍ରମୁଖ ତୀର୍ଥସ୍ଥାନକୁ ଯାତ୍ରା କରାଯିବ ।

ନେପାଳକୁ ବନ୍ୟା...

ଏବଂ ଭାରତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନ ଦେଇଥିଲେ ।

ଏହାପରେ ଭାରତ ପକ୍ଷରୁ ଲଗାତାର ନେପାଳକୁ ରିଲିଫ୍ ସାମଗ୍ରୀ ପଠାଯାଉଛି । ଏଥିରେ ଖାଦ୍ୟ, ଔଷଧ, ବ୍ରିଜ୍ ନିର୍ମାଣ ସାମଗ୍ରୀ ସହ ଡିଏନ୍‌ଏ ବିଶେଷଜ୍ଞଙ୍କ ଟିମ୍ ମଧ୍ୟ ସାମିଲ ଅଛି । ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଠିକ୍ ସମୟରେ ସୂଚନା ଦିଆଯାଇନଥିବା ଅଭିଯୋଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଶାହା ମୁହଁ ଖୋଲିଛନ୍ତି ।

ସେ କହିଛନ୍ତି ଯେ, ସରକାର ପକ୍ଷରୁ ପ୍ରାୟ ୧୧ ଲକ୍ଷ SMS ପଠାଇ ନାଗରିକଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦିଆଯାଇଥିଲା । ତାଙ୍କ କହିବା ଅନୁସାରେ, ଏହି ବିପର୍ଯ୍ୟୟ ଆଶା କରାଯାଇଥିବା ସ୍ତରଠାରୁ ବହୁତ ବଡ଼ ଥିଲା । ସରକାର ଘଟଣା ସମ୍ପର୍କରେ ଜାଣିବା ମାତ୍ରେ ୧୧ ଲକ୍ଷ ଲୋକଙ୍କୁ SMS ଜରିଆରେ ସୂଚନା ପଠାଯାଇଥିବା ସେ କହିଛନ୍ତି । ରାଜ୍ୟ ଓ ସ୍ଥାନୀୟ ସ୍ତରରେ ସରକାର ମଧ୍ୟରେ ସମନ୍ୱୟର ଅଭାବ ଥିବା ଅଭିଯୋଗ ଉପରେ ମଧ୍ୟ ଶାହା ଜବାବ ରଖିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଓ ସ୍ଥାନୀୟ ସ୍ତରର ଅଧିକାରୀଙ୍କ ସହ ଲଗାତାର ଆଲୋଚନା ଚାଲିଛି । ସମନ୍ୱୟ ମାଧ୍ୟମରେ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ ଜାରି ରହିଥିବା ସେ ଦାବି କରିଛନ୍ତି ।

୨ ବର୍ଷରେ ୫୪,୦୦୦...

(ଆଇଏସ୍‌ଏସ୍) ନିର୍ମାଣ ଶେଷ ହୋଇଛି । ଏଥିସହ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି । ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ଆସନ୍ତା ବର୍ଷକ ମଧ୍ୟରେ ଆଉ ୧୪ଟି ଆଇଏସ୍‌ଏସ୍ ଓ ୬ଟି ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ।କୃଷି ଓ ଗ୍ରାମାଞ୍ଚଳର ବିକାଶ ପାଇଁ ୩,୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ୍, ୨୦,୨୨୮ଟି ଡିପ୍ ବୋରୱେଲ୍ ଏବଂ ୮,୯୧୭ଟି ସୋଲାର ଡିପ୍ ବୋରୱେଲ୍ ନିର୍ମାଣ କରାଯାଇଛି । 'ଛାତ' ଯୋଜନାରେ ୨୦ ହଜାର ରୁଫ୍‌ଟପ୍ ରେନ୍‌ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକଚର ଓ 'ଅରୁଆ' ଯୋଜନାରେ ୧,୨୦୦ଟି ରିଚାର୍ଜ ସାଫ୍ଟ ନିର୍ମାଣ ହୋଇଛି । ଜଳସେଚନରେ ସଚ୍ଛତା ଓ ପାରଦର୍ଶିତା ପାଇଁ ୪୦ ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତକୁ ସଶକ୍ତ କରାଯାଉଛି । ଏହି ପଦକ୍ଷେପ ପାଇଁ ଓଡ଼ିଶା ପଞ୍ଚମ ରାଷ୍ଟ୍ରୀୟ ଜଳ ପୁରସ୍କାରରେ 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ସମିଟ୍‌ରେ ମୁଖ୍ୟମନ୍ତ୍ରୀ ବହୁ ପ୍ରତୀକ୍ଷିତ କାନୁପୁର ପ୍ରକଳ୍ପର ସଫଳ ସମାପ୍ତି ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ୨୦୦୩-୦୪ରୁ ଅଟକି ରହିଥିବା ଏହି ପ୍ରକଳ୍ପର ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ଅଗଷ୍ଟ ୩୧ ସୁଦ୍ଧା ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆସନ୍ତା ବର୍ଷକ ମଧ୍ୟରେ କେନାଲ ନେଟୱାର୍କ ଶେଷ କରାଯାଇ ୨୫ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । ଡବଲ୍ ଇଞ୍ଜିନ୍ ସରକାରଙ୍କ ମାର୍ଗଦର୍ଶନରେ ଓଡ଼ିଶା ଜଳ ସମ୍ପଦର ସୁଦୃଢ଼ ପ୍ରବନ୍ଧନ ମାଧ୍ୟମରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ମହିଳାଙ୍କ ପାଇଁ ସୁରକ୍ଷିତ...

ସୃଷ୍ଟି କରେ। ଡ୍ରାଇଭର, ପରିବହନ କର୍ମଚାରୀ, ଯୋଜନାକାରୀ, ପ୍ରଯୁକ୍ତି ବିଶେଷଜ୍ଞ ଓ ସେବା ପ୍ରଦାନକାରୀ ଭାବେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ପରିବହନ ବ୍ୟବସ୍ଥାକୁ ଅଧିକ ସମାବେଶୀ ଓ ଜନକେନ୍ଦ୍ରିକ କରିପାରିବ । ସହରୀ ଭିତ୍ତିଭୂମି ଓ ପରିବହନ ବ୍ୟବସ୍ଥାର ପରିକଳ୍ପନା ସମୟରେ ମହିଳାଙ୍କ ଅଭିଜ୍ଞତା ଓ ମତାମତକୁ ଗୁରୁତ୍ୱ ଦେବା ସହ ବ୍ୟାପକ ପରାମର୍ଶ, ପ୍ରମାଣଭିତ୍ତିକ ଯୋଜନା ଓ ନିୟମିତ ମତାମତ ସଂଗ୍ରହର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଲିଙ୍ଗ-ସମ୍ବେଦନଶୀଳ ସହରୀ ଗମନାଗମନ କେବଳ ମହିଳାଙ୍କ ନିରାପଦ ଯାତ୍ରା ନୁହେଁ । ସହରର ଅର୍ଥନୈତିକ, ସାମାଜିକ ଓ ନାଗରିକ ଜୀବନରେ ମହିଳାଙ୍କ ସମାନ ଅଂଶଗ୍ରହଣ ପାଇଁ ଏହା ଏକ ମୌଳିକ ଆବଶ୍ୟକତା ବୋଲି ସେ ମତ ଦେଇଥିଲେ ।

ନୂଆପଡ଼ାରେ ଆଡାପ୍ଟ-୪-ଆର୍ ପ୍ରକଳ୍ପର ଦ୍ୱିତୀୟ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ



ନୂଆପଡ଼ା, ତା:- ୦୨/୦୯(ଅକ୍ଷର ଓଡିଶା) ନୂଆପଡ଼ା ଜିଲ୍ଲାରେ ଆଡାପ୍ଟ-୪-ଆର୍ (ADAPT4RAdaptation for Resilience) ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଅଗ୍ରଗତି ଓ ଆଗାମୀ କାର୍ଯ୍ୟଯୋଜନା ସମୀକ୍ଷା ନେଇ ଦ୍ୱିତୀୟ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କମିଟି (DPIC-2) ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରକଳ୍ପର ଏପର୍ଯ୍ୟନ୍ତ ଅଗ୍ରଗତି, ପ୍ରଥମ DPIC ବୈଠକର ନିଷ୍ପତ୍ତିର ଅନୁପାଳନ ଏବଂ ଆଗାମୀ ମାସଗୁଡ଼ିକର କାର୍ଯ୍ୟଯୋଜନା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜୀବିକା ସୁଦୃଢ଼ୀକରଣ, ସମ୍ପତ୍ତିକୁ ଜଳବାୟୁ ସହନଶୀଳ କରିବା, ଲାଷ୍ଟ ମାଇଲ୍ କ୍ଲାଇମେଟ୍ ସର୍ଭିସେସ୍ ଏବଂ ଜଳବାୟୁ ଅନୁକୂଳନ ଓ ସମାବେଶୀ ସମୁଦାୟ ସହିତ ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ ନେଇ ଆଲୋଚନା ହୋଇଥିଲା । ପ୍ରକଳ୍ପର ଜିଲ୍ଲା ନୋଡାଲ୍ ଅଧିକାରୀ ତଥା ଡିଏଫ୍ଓ, ଖଡ଼ିଆଳ ଅଜିଜ ଖାନ୍ ପ୍ରକଳ୍ପର ଅଗ୍ରଗତି ଓ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଉପସ୍ଥାପନ କରିଥିଲେ । ଜିଲ୍ଲାର ତୃଣମୂଳସ୍ତରରେ ପ୍ରକଳ୍ପର ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଅଧିକ ସମନ୍ୱୟ ଓ ସକ୍ରିୟ ପ୍ରୟାସର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ ।

ଜିଲ୍ଲାପାଳ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ଯୋଜନା ଓ ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଥିଲେ । ପ୍ରକଳ୍ପ ଅଞ୍ଚଳରେ ସରକାରୀ ଯୋଜନାଗୁଡ଼ିକର ଶତପ୍ରତିଶତ ପରିପୂରଣ ପାଇଁ ବିଭାଗୀୟ ସମନ୍ୱୟ ବଢ଼ାଇବା ସହ ଆବଶ୍ୟକସ୍ଥଳେ ସତନ୍ତ୍ର ଅଭିଯାନ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ । ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଆର୍ଥିକ ସାକ୍ଷରତା ବୃଦ୍ଧି ପାଇଁ ସତନ୍ତ୍ର ଡ୍ରାଇଭ୍, ଜଳବାୟୁ ପରିବର୍ତ୍ତନର ପ୍ରଭାବ ନେଇ ଲୋକଙ୍କୁ ସଚେତନ କରିବା ଏବଂ 'କ୍ଲାଇମେଟ୍ ଚାମ୍ପିଅନ୍'ମାନଙ୍କର ତାଲିମ ଓ ଦକ୍ଷତା ବିକାଶ ଉପରେ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ମୁକାବିଲା ପାଇଁ ତୃଣମୂଳସ୍ତରରେ ସହନଶୀଳତା ବୃଦ୍ଧି କରିବା ଦିଗରେ ପ୍ରକଳ୍ପକୁ ଅଧିକ ପ୍ରଭାବଶାଳୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆଡାପ୍ଟ-୪-ଆର୍ ପ୍ରକଳ୍ପର ନିୟମିତ ନିରୀକ୍ଷଣ ଓ ସମୀକ୍ଷା ସହିତ ସମ୍ପୃକ୍ତ ବିଭାଗଗୁଡ଼ିକର ସକ୍ରିୟ ସମନ୍ୱୟ ମାଧ୍ୟମରେ ନୂଆପଡ଼ାକୁ ଏକ 'ଜଳବାୟୁ ସହନଶୀଳ ମଡେଲ୍ ଜିଲ୍ଲା' ଭାବେ ଗଢ଼ିତୋଳିବା ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ମଡେଲ୍‌କୁ ପରବର୍ତ୍ତୀ ସମୟରେ ଅନ୍ୟ ଜିଲ୍ଲା ଓ ରାଜ୍ୟରେ ପ୍ରୟୋଗ କରିବାର ଲକ୍ଷ୍ୟ ରହିଛି । ବୈଠକରେ ଡିଏଫ୍ଓ, ସୁନାବେଡ଼ା ବନ୍ୟପ୍ରାଣୀ ବିଭାଗ ସମୀର ସାହୁ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇଙ୍କ ସମେତ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ପ୍ଲାନିଂ ଆଣ୍ଡ କନଭର୍ଜେନ୍ସ ବିଭାଗର ଉପନିର୍ଦ୍ଦେଶକ, ବୋଡେନ ଓ ଖଡ଼ିଆଳ ବିଡିଓ, ଜିଲ୍ଲା ଶ୍ରମ ଅଧିକାରୀ, ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ଓଡ଼ିଶା ଜୀବିକା ମିଶନର ଡିପିଏମ୍, ନାବାର୍ଡର ଡିଡିଏମ୍, ଏଲ୍ଡିଏମ୍, କଠକ-ନୂଆପଡ଼ାର ବରିଷ୍ଠ ବୈଜ୍ଞାନିକ, ଏସିଏଫ୍ ଓ ସମ୍ପୃକ୍ତ ରେଞ୍ଜ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା AJSA-Indiaର କର୍ମଚାରୀ ଏବଂ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (WFP)ର ଷ୍ଟେଟ ଟିମ୍‌ର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (WFP), ନୂଆଦିଲ୍ଲୀର NPMU ଟିମ୍ ଏବଂ WFP ଓଡ଼ିଶା ମୁଖ୍ୟାଳୟ, ଭୁବନେଶ୍ୱରର ପ୍ରତିନିଧିମାନେ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

ବାରିଷ୍ଟର ରଞ୍ଜିତ ମହାନ୍ତିଙ୍କ ୩୭ତମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭା



କଟକ, ୨/୯ (ଅକ୍ଷର ଓଡ଼ିଶା) ବାରିଷ୍ଟର ରଞ୍ଜିତ ମହାନ୍ତି ସ୍ମୃତି କମିଟି, ଓଡିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଙ୍ଘ ତରଫରୁ ବାରିଷ୍ଟର ରଂଜିତ ମହାନ୍ତିଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭା ହାଇକୋର୍ଟ କନଭେନସନ୍ ହଲରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ହାଇକୋର୍ଟ ସମ୍ମୁଖରେ ଥିବା ବାରିଷ୍ଟର ରଞ୍ଜିତ ମହାନ୍ତିଙ୍କ ପ୍ରତିକୃତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ହରିଶ୍ ଟଣ୍ଡନ ଯୋଗଦେଇ ବାରିଷ୍ଟର ରଞ୍ଜିତ ମହାନ୍ତିଙ୍କ ବହୁମୁଖ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ର ତଥା ସ୍ମୃତି କମିଟିର ସଂଯୋଜକ ଅତିଥି ମାନଙ୍କୁ ଆମନ୍ତ୍ରଣ କରିଥିଲେ । ସ୍ମୃତି କମିଟିର ଆବାହକ ବରିଷ୍ଠ ଆଇନଜୀବୀ ସଂଜିତ୍ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଆଳନଜୀବୀ ପ୍ରଭୁ ପ୍ରସନ୍ନ ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବାର ଆସୋସିଏସନର ସଭାପତି, ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ ଶ୍ରଦ୍ଧାସୁମନ ଜଣାଇଥିଲେ । ଆଇନ୍ ସେବାରେ ୫୦ ବର୍ଷ ଅତିକ୍ରାନ୍ତ କରିଥିବାରୁ ସ୍ମୃତି କମିଟିର ଆବାହକ ବରିଷ୍ଠ ଆଇନଜୀବୀ ସଂଜିତ୍ ମହାନ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ହାଇକୋର୍ଟ ବାର ର ଉପ ସଭାପତି ଆଡଭୋକେଟ୍ ପ୍ରଦୀପ କୁମାର ମହାପାତ୍ର, ବିଭିନ୍ନ ବାରର ଆଇନଜୀବୀ ମାନଙ୍କୁ ପୁସ୍ତକ ପ୍ରଦାନ କାର୍ଯ୍ୟକ୍ରମକୁ ସଂପାଦନ କରିଥିବା ବେଳେ ବାରର ସମ୍ପାଦକ ଆଡଭୋକେଟ ହୃଦାନନ୍ଦ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ବରିଷ୍ଠ ଆଇନଜୀବି ବିଜ୍ଞାନ କୁମାର ଶର୍ମା, ଆଡଭୋକେଟ୍ ଅମର କୁମାର ମହାନ୍ତି, ଆଡଭୋକେଟ୍ କରୁଣାକର ଦାସ ଓ ଆଡଭୋକେଟ୍ ଡଃ ସୁରେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

ଅଜଣା ଗାଡ଼ି ଧକ୍କାରେ ୬ ଗୋରୁଙ୍କ ମୃତ୍ୟୁ, ସ୍ଥାୟୀ ଗୋଶାଳା ନିର୍ମାଣ ଦାବି

ଦେବଗଡ଼,୦୨/୦୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ୬ଟି ଗାଈ-ଗୋରୁଙ୍କ ମୃତ୍ୟୁ ଘଟିଛି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ରାଜପଥ ଉପରେ ଗୋରୁମାନେ ବୁଲୁଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି । ଗୋରୁଙ୍କ ସୁରକ୍ଷା ସହ ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ବାରକୋଟ ଅଞ୍ଚଳରେ ଏକ ସ୍ଥାୟୀ ଗୋଶାଳା ନିର୍ମାଣ କରାଯିବାକୁ ଦାବି ହୋଇଛି । ଏଥିସହ ଦୁର୍ଘଟଣା ପାଇଁ ଦାୟୀ ଅଜଣା ଗାଡ଼ିକୁ ଚିହ୍ନଟ କରି ଆବଶ୍ୟକ ଆଇନଗତ ପ

ଅକ୍ଷର
AKHYARA ODISHA ଓଡ଼ିଶା

ସେବା ସଂକଳ୍ପ ଅଭିଯାନ-ଢେଙ୍କାନାଳ ବିଜେପି ଜିଲ୍ଲା କର୍ମଶାଳା

ଢେଙ୍କାନାଳ,୦୨/୦୯(ଅକ୍ଷର ଓଡ଼ିଶା)- ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସେବା ଓ ସମର୍ପଣର ୨୫ବର୍ଷ ପୂର୍ତି ଅବସରରେ ମାସେ ବ୍ୟାପୀ-୧୭ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସାରା ଦେଶରେ ଆରମ୍ଭ ହୋଇଥିବା ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ଆଜି ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ପୌରହିତ୍ୟରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ଜିଲ୍ଲା ସାଧାରଣ ସଂପାଦକ ତଥା ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କାଙ୍କ ସଂଯୋଜନା କରିଥିବାସ୍ଥଳେ ଅନ୍ୟତମ ସାଧାରଣ ସଂପାଦକ ସୁଶାନ୍ତ ପତି ଅତିଥିମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ସମ୍ପାଦନ କରିଥିଲେ । କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷା ତଥା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା ପ୍ରମୁଖ ମଂଚାସୀନ ଥାଇ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନରେ ଆଗାମୀ ଦିନରେ ଆରମ୍ଭ ହେବାକୁ ଥିବା ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ତୃଣମୂଳ ସ୍ତରରେ ବିଜେପିର ପ୍ରତ୍ୟେକଟି କାର୍ଯ୍ୟକର୍ତା ଜନସାଧାରଣ ଓ ହିତାଧିକାରୀଙ୍କ ନିକଟରେ ପହଁଚି ଆଶୀର୍ବାଦ ଲୋଡିବା ନିମନ୍ତେ ପ୍ରତ୍ୟେକ ବୁଥ୍ ଓ ପରିବାରରେ 'ଆଶୀର୍ବାଦ ଦ୍ୱୀପ' ପ୍ରଜ୍ୱଳନ କରି 'ବିକଶିତ ଭାରତ ୨୦୪୭' ପାଇଁ ସାମୁହିକ ସଂକଳ୍ପ ଓ କୃତଜ୍ଞତା ଲାଭ କରିବା, ଆମ ରାଜ୍ୟର ୭୬ଲକ୍ଷ ପିଲାଙ୍କ ଦୃଷ୍ଟିରେ ସ୍ୱପ୍ନର ଭାରତ କିଭଳି ସେଥିନିମନ୍ତେ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ବିଗତ ୨୫ବର୍ଷ ସେବା କାର୍ଯ୍ୟ ଓ ଜନକଲ୍ୟାଣ ଯୋଜନାର ପରିପ୍ରକାଶ ପାଇଁ ଗାଁ ଗାଁରେ ପଥପ୍ରାନ୍ତ ନାଟକ ପ୍ରସ୍ତୁତି, ସମସ୍ତ ଅଙ୍ଗନୱାଡି କେନ୍ଦ୍ର



ଗୁଡିକର ପିଲାମାନଙ୍କ ସହିତ ମା'ମାନଙ୍କୁ ଯୋଡି ଅଙ୍ଗନୱାଡି କର୍ମୀଙ୍କୁ ସାର୍ବଜନୀନ ଭାବେ ସମ୍ମାନିତ କରିବା ଓ ଏଥି ନିମନ୍ତେ ଆଙ୍ଗନ୍ କା ଉତ୍ସବ କାର୍ଯ୍ୟକ୍ରମ, ମୋଦି ସରକାରଙ୍କ ଯୋଜନା ମାଧ୍ୟମରେ ଯେଉଁ ଅଂଚଳଗୁଡିକରେ ସକରାତ୍ମକ ପରିବର୍ତନର ଉପଲବ୍ଧି ହୋଇଛି ସେଥିପାଇଁ ପ୍ରଚାର ଓ ପ୍ରସାର, ଗ୍ରାମ ଓ ଜିଲ୍ଲାରେ ସରକାରଙ୍କର ଜନଭାଗିଦାରୀ ସ୍ୱରୂପ ସେବା ଜ୍ୟୋତି ଓ ମଶାଲ ଯାତ୍ରା, ପ୍ରତି ବୁଥ୍ ସ୍ତରରେ ରକ୍ତଦାନ ଶିବିର, ବୃକ୍ଷରୋପଣ ଅଭିଯାନ, ସ୍ୱଚ୍ଛତା ଅଭିଯାନ, ଗ୍ରାମାଂଚଳ ଓ ସହରାଂଚଳରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ପ୍ଲାଷ୍ଟିକ୍ ମୁକ୍ତ ସଚେତନତା, ବରିଷ୍ଠ ନାଗରିକଙ୍କ ପାଇଁ ଡିଜିଟାଲ୍ ସ୍ୱାକ୍ଷରତା, ନିଶାମୁକ୍ତ ଭାରତ ସଚେତନତା, ଫିଟ୍ ଇଣ୍ଡିଆ ଖେଳଶସ୍ତ୍ର, ଭୋକାଲ୍ ଫର୍ ଲୋକାଲ୍ ସହାୟତା, ବୀରଗାଥା ଓ ସୈନିକ ସମ୍ମାନ, ଘର ଅଗଣାରୁ ରାଷ୍ଟ୍ର ପର୍ଯ୍ୟନ୍ତ କୃତଜ୍ଞତାର ରଙ୍ଗୋଲୀ ରାଷ୍ଟ୍ର କାର୍ଯ୍ୟକ୍ରମ ଓ ମୋଦିଜୀଙ୍କ ଶାସନ କାଳର ଗରିବ କଲ୍ୟାଣଭିମୁଖୀ ଯୋଜନାର ସଫଳ ରୂପାୟନର ପ୍ରଚାରପ୍ରସାର ଏବଂ ଜନସାଧାରଣଙ୍କ ଏଥିରେ ସହଭାଗିତା ଓ ଉପଲବ୍ଧିକୁ ଏକ ଜନ ଆନ୍ଦୋଳନ ରୂପେ ଗଢି ତୋଳିବା ନିମନ୍ତେ ମଂଚାସୀନ ଅତିଥିମାନେ ଜିଲ୍ଲାର ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ସେବା ସଂକଳ୍ପ ଅଭିଯାନକୁ ଜନାଦୃତ କରିବା ଏବଂ ଲୋକାଭିମୁଖୀ କରିବା ନିମନ୍ତେ କାର୍ଯ୍ୟକର୍ତାମାନେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ୍ ଶର୍ମା, ଜିଲ୍ଲା ଉପସଭାପତି ବରୁଣ ସର, ମିନକେତନ ନାୟକ, ସଞ୍ଜୟ ରାଉତ, ସହଦେବ ପୃଷ୍ଟି, ସଞ୍ଜୟ ଦାସ, ଧ୍ରୁବଚରଣ ସ୍ୱାଇଁ, ସଂପାଦକ ରୁନୁବାଲା ରାଉତ, ସଂଯୁକ୍ତ ହୋତା, ଅଞ୍ଜନ ପାଣି, ମଞ୍ଜୁଲତା ସାହୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ରାଜ୍ୟ ପରିଷଦ ସଦସ୍ୟ ଶିଶିରକାନ୍ତ ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସଞ୍ଜୀବ ପଣ୍ଡା, ମହିଳାମୋର୍ଚ୍ଚା ସଭାନେତ୍ରୀ ଯଶସ୍ୱିନୀ ରାଉତ, ପ୍ରମୁଖ ଯୋଗଦେଇ କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ସାଧାରଣ ସଂପାଦକ ମାତୃପ୍ରସାଦ ନନ୍ଦ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି ।

୩ କୋଟି ଟଙ୍କାରେ ୧୦ ହାଇମାଷ୍ଟ ସହ ୮୭୦ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନର ଶିଳାନ୍ୟାସ



ଭୁବନ ୦୨/୦୯ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲାର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୧୦ଟି ହାଇମାଷ୍ଟ ଲାଇଟ୍ ସହ ୮୭୦ଟି ନୂଆ ବିଦ୍ୟୁତ୍ ଖୁଣ୍ଟ, ଲାଇଟ୍ ଓ କେବୁଲ୍ ସ୍ଥାପନ କାର୍ଯ୍ୟର ଶିଳାନ୍ୟାସ ମଙ୍ଗଳବାର କରାଯାଇଛି । ବାଇପାସ୍ କୋର୍ଟ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନ ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ନଡ଼ିଆ ଭାଙ୍ଗି ଏହି ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏନ୍ଏସି ଉପାଧକ୍ଷା ମାନିନୀ ସାହୁ, କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ୟାଙ୍ଗଷ୍ଟାର କ୍ଲବ୍ର ସଦସ୍ୟମାନେ ଉପସ୍ଥିତ ଥିଲେ । ଯୋଜନା ଅନୁଯାୟୀ କୋର୍ଟ ଛକ, ପେଟ୍ରୋଲ ପମ୍ପ ଛକ (ବାଇପାସ୍

- ସହରର ସୌନ୍ଦର୍ଯ୍ୟ ବଢ଼ାଇବ ହାଇମାଷ୍ଟ ଲାଇଟ୍
- ନଗର ବିକାଶରେ ଯୋଡ଼ିହେଲା ଆଉ ଏକ ନୂଆ ଅଧ୍ୟାୟ
- ରାତିରେ ଆଲୋକିତ ହେବ ଭୁବନ, ବଢ଼ିବ ଯାତାୟାତ ସୁରକ୍ଷା

ଛକ), ଥାନା ଛକ, ଜଗନ୍ନାଥ ମନ୍ଦିର, ବଡ଼ହାଟ, ରଗଡ଼ ଛକ, ରଗଡ଼ କ୍ରିମାଟୋରିଅମ୍, ଗୋଡ଼ି ପୋଖରୀ ଛକ, ଚିନରା ପୋଖରୀ ଛକ ଓ ବାଉଁଶକଣ ଛକ ଭଳି ପ୍ରମୁଖ ସ୍ଥାନରେ ହାଇମାଷ୍ଟ ଲାଇଟ୍ ସ୍ଥାପନ କରାଯିବ । ଦୀର୍ଘଦିନ ଧରି ଏହି ସ୍ଥାନଗୁଡ଼ିକରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହେଉଥିଲା । ନୂଆ ହାଇମାଷ୍ଟ ଲାଇଟ୍ ଓ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ ହେବା ପରେ ରାତ୍ରି ସମୟରେ ଯାତାୟାତ ଅଧିକ ସୁରକ୍ଷିତ ହେବା ସହ ଦୁର୍ଘଟଣା ଓ ଅନ୍ୟାନ୍ୟ ଅସୁବିଧା ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଏଥିସହ ଭୁବନ ସହରର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇବ । ସହରର ବିଭିନ୍ନ ଅଞ୍ଚଳ ଆଲୋକିତ ହେବା ଫଳରେ ସାଧାରଣ ଲୋକଙ୍କ ଦୀର୍ଘଦିନର ଆଶା ପୂରଣ ହେବ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି । ଏହି ଅବସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ କହିଥିଲେ, "ଭୁବନର ବିକାଶ ପାଇଁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଆମେ ସମସ୍ତେ ଏକାଠି ହେବା ଦରକାର । ଆଲୋକିତ ଭୁବନ, ସୁରକ୍ଷିତ ଭୁବନ - ଏହା ହିଁ ଆମର ସଂକଳ୍ପ ।" ସହରର ପ୍ରମୁଖ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହି ଆଲୋକୀକରଣ ବ୍ୟବସ୍ଥା ଭୁବନର ନଗର ବିକାଶକୁ ନୂଆ ଗତି ଦେବା ସହ ଏକ ସୁନ୍ଦର ଓ ସୁରକ୍ଷିତ ସହର ଗଠନରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି ।

ହିନ୍ଦୋଳ ଏନଏସି ନିର୍ବାହୀଅଧିକାରୀଙ୍କୁ ସମ୍ବର୍ଦ୍ଧିତ କଲେ ଉପାଧ୍ୟକ୍ଷା

ଖଜୁରିଆକଟା ୨/୮(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ଗତ ସ୍ୱାୟତ୍ତଶାସନ ଦିବସରେ ନିଜସ୍ୱପାଣ୍ଠି ଆଦାୟରେ ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଥିଲେ ।ତେବେ ହିନ୍ଦୋଳ ଏନଏସି ଅଧକ୍ଷ, ନିର୍ବାହୀଅଧିକାରୀ ଙ୍କ ସୁପରିଚାଳନା ସହିତ ସମସ୍ତ କର୍ମଚାରୀ ଙ୍କ ସହଯୋଗ



ପରିଶ୍ରମ ପାଇଁ ଏହି ସଫଳତା ହାସଲ କରିଥିବା ଯୋଗୁଁ ହିନ୍ଦୋଳ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ ଆଜି ଏନଏସି କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଉପାଧ୍ୟକ୍ଷା ଙ୍କ ସହ ୱାର୍ଡ ନଂ ୩ କାଉନସିଲର ବନିତା ଦାସ, ୱାର୍ଡ ନଂ ୪ କାଉନସିଲର ରିତାରାଣୀ ବେହେରା ମଧ୍ୟ ନିର୍ବାହୀ ଅଧିକାରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ତେବେ ହିନ୍ଦୋଳ ଏନଏସି ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ହିନ୍ଦୋଳରେ ଖୁସିର ଲହରୀ ଖେଳିଯାଇଥିବାବେଳେ ନିର୍ବାହୀ ଅଧିକାରୀଙ୍କୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିଛି ।

'ନାରୀ ସୁରକ୍ଷା' ସଚେତନତା କାର୍ଯ୍ୟକ୍ରମ



ଖଜୁରିଆ କଟା ୨/୯(ନୀଳକଣ୍ଠ ଦାସ)ସତ୍ୟମ୍ ଶିବମ୍ ସୁନ୍ଦରମ୍ ଡିଗ୍ରୀ ମହାବିଦ୍ୟାଳୟର ଶକ୍ତିଶ୍ରୀ ସେଲ୍ ପକ୍ଷରୁ ଗତ ଶନିବାର ଦିନ 'ନାରୀ ସୁରକ୍ଷା' ସଚେତନତା କାର୍ଯ୍ୟକ୍ରମ ଶକ୍ତିଶ୍ରୀ ସଂଯୋଜିକା ଶ୍ରୀମତୀ ରାଜଶ୍ରୀ ନନ୍ଦଙ୍କ ସଂଚାଳନାରେ ଆୟୋଜିତ ହୋଇଥିଲା । ଅଧକ୍ଷ ଶ୍ରୀ ସୁଲଭ କୁମାର ସାହୁଙ୍କ ଅଧକ୍ଷତାରେ ମୋଟଗାଁ ଥାନାର ଇଞ୍ଚଓ ଶ୍ରୀ ମୋହନ ପାତ୍ର ମୁଖ୍ୟ ଅତିଥି ଏବଂ ଇଞ୍ଚଓ ଶ୍ରୀମତୀ ରୀତା ସେଠୀ, ଶ୍ରୀମତୀ ବିଶାଖା ପ୍ରଧାନ ଓ କନଷ୍ଟେବଳ ଶ୍ରୀମତୀ ନିବେଦିତା ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସୁରକ୍ଷା ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିଥିଲେ। ଅଧାପିକା ଶ୍ରୀମତୀ ବିଷ୍ଣୁପ୍ରିୟା ମିଶ୍ର ଓ ଅଧ୍ୟାପକ ଡ. ନରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ଡ. ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବରିଷ୍ଠ ଆଇନଜୀବୀ ଙ୍କ ପରଲୋକ ରେ ସାଂସଦଙ୍କ ଶୋକ



ଖଜୁରିଆ କଟା ୨/୯(ନୀଳକଣ୍ଠ ଦାସ)ଓଡ଼ାପଡ଼ା ବ୍ଲକ ସଦାଶିପୁର ଗ୍ରାମ ପଞ୍ଚାୟତ ଅଧୀନ ସୁଧାଡିହକାଟେଣି ଗ୍ରାମର ବରିଷ୍ଠ ଆଇନଜୀବୀ ଉତ୍କଳେଶ୍ୱର ଖଟୁଆ ୭୨ ବର୍ଷ ହୃଦଘାତ ରେ ପରଲୋକ ଘଟିଯାଇଛି ।ସେ ଜଣେ ବରିଷ୍ଠ ଆଇନଜୀବୀ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଶୋକ ବ୍ୟକ୍ତ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ତାଙ୍କ ପରିବାର କୁ ଭଗବାନ ଧର୍ଯ୍ୟ ଓ ଶକ୍ତି ପ୍ରଦାନ କରିବା ପାଇଁ କାମନା କରି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରୀ ଖଟୁଆଙ୍କ ଘରକୁ ଯାଇ ଶେଷ ଦର୍ଶନ କରି। ସହିତ ପୁଷ୍ପ ଅର୍ପଣ କରିଥିଲେ।

ମିଳିତ ଭାବେ ଗଣେଷ ପୂଜା ଭଷାଣ ପାଇଁ ନିଷ୍ପତି



କାମାକ୍ଷାନଗର,୨/୯(ସୁମନ୍ତ ଜେନା)ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସଭାଗୃହରେ ମିଳିତ ଭାବେ ଗଣେଷ ପୂଜା ଭଷାଣି ଶୋଭାଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଦ୍ୱିତିୟ ଥର ପାଇଁ କାମାକ୍ଷାନଗରରେ ଏହି ଭଷାଣ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ପ୍ରାୟ ୧୯ଟି ଗଣେଷ ପୂଜା କମିଟି ଉପସ୍ଥିତ ରହି ଆସିଛି ନିଜର ସମତି ପ୍ରକାଶ କରିଥିଲେ। ଦ୍ୱିତୀୟ ବର୍ଷ ପାଇଁ ଭଷାଣ ଶୋଭାଯାତ୍ରାକୁ କିପରି ଶାନ୍ତ ଶୃଙ୍ଖଳା ସହ ସମାପନ ହୋଇପାରିବ ସମସ୍ତ କମିଟି ସଦସ୍ୟ କହିଥିଲେ।ଆସନ୍ତା ଅଗଷ୍ଟ ମାସ ୧୪ ତାରିଖରେ ଗଣେଷ ଅନୁଷ୍ଠିତ ହେବ ଓ ୧୯ ତାରିଖ ଶନିବାର ଦିନ ମିଳିତ ଭଷାଣି କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।୧୯ ତାରିଖ ଦିନ ସ୍ଥାନିୟ ସାରଙ୍ଗଧର ଷ୍ଟାଡିୟମ ଠାରେ ସମସ୍ତ ମେଢ ଗୁଡିକ ଏକତ୍ରିତ ହେବା ପରେ ସେଠାରେ ଅତିଥି ମାନଙ୍କୁ ନେଇ ସଭା କାର୍ଯ୍ୟ ଅନୁଷ୍ଠିତ ହେବ।ପରେ ଲଡୁ ନିଲାମ ଓ ସମସ୍ତ ପୂଜା କମିଟିକୁ ପୂର୍ବରୁ ଦିଆଯାଇଥିବା କ୍ରମିକ ନମ୍ବର ଅନୁଯାୟି ଭଷାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ।ସାରଙ୍ଗଧର ଷ୍ଟାଡିୟମ ଭଷାଣି ଶୋଭାଯାତ୍ରା ବାହାରି କଳ୍ପନା କ୍ଲବ ଦେଇ ଲକ୍ଷ୍ମି ବଜାର,ତରୁଣ ବଜାର,ଜଗନ୍ନାଥ ବଜାର,ହନୁମାନ ବଜାର ଦେଇ ବସଷ୍ଟାଣ୍ଡ ଠାରେ ସମାପ୍ତ ହେବ।ଏହି ବୈଠକରେ ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି,ସହକାରି ଜିଲ୍ଲାପାଳ ଦିପକ କୁମାର ମିଶ୍ର,ଉପଖଣ୍ଡ ଆରକ୍ଷି ଅଧିକ୍ଷକ ଚିତରଞ୍ଜନ ବେହେରା,ଏନଏସି ନିର୍ବାହି ଅଧିକାରି ପ୍ରଦତ୍ତ କୁମାର ସାହୁ,ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ ସମେତ ସମସ୍ତ କ୍ଲବର ସଦସ୍ୟ ମାନେ ଉପସ୍ଥିତ ଥିଲେ।ସରୋଜକାନ୍ତ ବେହେରା ପରିଚାଳନା କରିଥିବା ବେଳେ ଏହି ବୈଠକରେ ସମସ୍ତ କ୍ଲବର ସଦସ୍ୟ ମାନେ ଉପସ୍ଥିତ ଥିଲେ।ଏହି ଭଷାଣି କାର୍ଯ୍ୟକ୍ରମରେ ତରୁଣ ବଜାର ପୂଜା କମିଟି,ଶ୍ରିଗଣେଷ କ୍ଲବ,ୟୁନିକବଏଜ,ଜଗନ୍ନାଥ ବଜାର ପୂଜା କମିଟି,ମହିମା ନଗର,ଭବାନି କ୍ଲବ,ଫ୍ରେଣ୍ଡସ କ୍ଲବ,ମା ମଙ୍ଗଳା ୟୁଥ କ୍ଲବ,ବଜରଙ୍ଗି କ୍ଲବ,ଓମ କ୍ଲବ,ଦ ବଏଜ କ୍ଲବ,କଳିଙ୍ଗ ୟୁଥ କ୍ଲବ,ସାଇ ଗଣେଶ କ୍ଲବ,ଗୋଡିସାହି ଗଣେଷ ପୂଜା କମିଟି,ବିଘ୍ନେଶ ବଏଜ,ବଜରଙ୍ଗି ୟୁଥ କ୍ଲବ,ମହାବିର କ୍ଲବ ମାନେ ଯୋଗଦେବା ନେଇ ସୂଚନା ରହିଛି ।

ଢେଙ୍କାନାଳରୁ ରାଜଧାନୀକୁ କଳାର ଯାତ୍ରା

ଭୁବନେଶ୍ୱରରେ ବିଭବ ସହ ଅନୁଷ୍ଠିତ ହେଲା ୫ମ ସଙ୍ଗମ ମହୋତ୍ସବ-୨୦୨୬



ଢେଙ୍କାନାଳ, ୦୨/୦୯ (ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ମାଟିର ଅଗ୍ରଣୀ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ 'ନୀତା ନୃତ୍ୟାଙ୍ଗନା' ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ । ଅନୁଷ୍ଠାନ ଢେଙ୍କାନାଳରୁ ସିଧା ରାଜଧାନୀ ଭୁବନେଶ୍ୱରକୁ ଯାତ୍ରା କରି ମନ୍ଦିର ମାଳିନୀ ସହରରେ ୫ମ ସଙ୍ଗମ ମହୋତ୍ସବ-୨୦୨୬ କୁ ଅତି ବିଭବର ସହ ପାଳନ କରିଛି । ଏହା ଢେଙ୍କାନାଳ ପାଇଁ ନିଶ୍ଚୟ ଗୌରବର ବିଷୟ ।ସୂଚନା ଅନୁସାରେ, ଗତ ବର୍ଷ ପରି ଢେଙ୍କାନାଳ ସହରରେ ନୁହେଁ, ଚଳିତ ବର୍ଷ ପ୍ରଥମ ଥର ପାଇଁ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଠାରେ ଦୁଇ ଦିନ ବ୍ୟାପୀ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।ପ୍ରଥମ ଦିବସରେ ଓଡିଶା ମାଟିର ଗର୍ବ ବିଶିଷ୍ଟ ନୃତ୍ୟ ଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ତା'ପରେ ତା ୨୩.୦୮.୨୦୨୬ ପୂର୍ବାହ୍ନ ୧୦.୩୦ ମିନିଟରେ ଅନୁଷ୍ଠାନର ନିର୍ଦ୍ଦେଶକ ପରେଶ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଚଳଚ୍ଚିତ୍ର ତଥା ସିରିଏଲ ଅଭିନେତ୍ରୀ ଚାନ୍ଦମଣି ଦେଇ ବେହେରା, ପୂର୍ବତନ ବିଧାୟକ ସୁର ରାଉତରାୟ, ଅନୁଷ୍ଠାନର ସଂପାଦକ ଗୁରୁ ଆଶିଷ କୁମାର ପାଲ, ଗୁରୁ ପଙ୍କଜ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ମାନସ ରଂଜନ ମହାଳିକ, ମାନସୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ସାରା ଦିନ ଜଗତର ନାଥଙ୍କୁ ସମର୍ପିତ ନୃତ୍ୟ ପରିବେଷଣ ହୋଇଥିଲା ।ସନ୍ଧ୍ୟା ୬.୩୦ ମିନିଟରେ ଅନୁଷ୍ଠିତ ସନ୍ଧ୍ୟାକାଳୀନ ଉତ୍ସବରେ ପୂର୍ବତନ ନଗରପାଳିକା ଅଧକ୍ଷା ମୋନିକା ଶର୍ମା, ତ୍ରିଷା ରିଜର୍ଟର ନିର୍ଦ୍ଦେଶିକା ରିଙ୍କି ଧୀର, ସରକାରୀ ପ୍ରାଧାପକ ଡଃ ମନୋରଞ୍ଜନ ପ୍ରଧାନ, ପୂର୍ବତନ ପ୍ରାଧାପକ ଗୁରୁ ସୁକେଶ ପଣ୍ଡା, ବର୍ଷୀୟାନ ଅଭିନେତ୍ରୀ କୁନି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପ୍ରଥମ



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ବିଧାନସଭା: ବିରୋଧୀ ଦଳର କାମ ସରକାରକୁ ପ୍ରଶ୍ନ କରିବା

ବିଧାନସଭାରେ ମାଇକ୍ ବନ୍ଦ ହେଲେ ଓଡ଼ିଶାର ସ୍ୱର ବନ୍ଦ ହୁଏ ନାହିଁ, ସଭା ମୁଲତବି ହେଲେ ଲୋକଙ୍କ ପ୍ରଶ୍ନ ମୁଲତବି ହୁଏ ନାହିଁ, ନାରା ଥମିଗଲେ ମଧ୍ୟ ଚାଷୀଙ୍କ ଚିନ୍ତା, ଯୁବକଙ୍କ ବେକାରି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମହିଳାଙ୍କ ସୁରକ୍ଷା ଓ ସାଧାରଣ ଲୋକଙ୍କ ଆଶା ଥମିଯାଏ ନାହିଁ। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗୋଟିଏ ପ୍ରଶ୍ନ ସମଗ୍ର ଓଡ଼ିଶା ଶାସକ ଓ ବିରୋଧୀଉଭୟଙ୍କୁ ପଚାରିବା ଦରକାରଆପଣମାନେ ଲଢ଼ିବେ କାହା ପାଇଁ ? ସରକାରକୁ ହରାଇବା ପାଇଁ, ନା ଓଡ଼ିଶାକୁ ଜିତାଇବା ପାଇଁ ? ଏହି ପ୍ରଶ୍ନ ସହଜ ନୁହେଁ, କିନ୍ତୁ ଆଜି ଏହାର ଉତ୍ତର ଆବଶ୍ୟକ। କାରଣ ବିଧାନସଭାରେ ଯେଉଁ ପ୍ରତ୍ୟେକ ଆସନରେ ଜନପ୍ରତିନିଧି ବସନ୍ତି, ସେହି ଆସନ କୌଣସି ଦଳର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ତାହା ଲୋକଙ୍କ ବିଶ୍ୱାସର ଆସନ। ଯେଉଁ ଲୋକ ନିଜ ଦୈନନ୍ଦିନ ଜୀବନରୁ ସମୟ କାଢ଼ି ଭୋଟ ଦେଇଛି, ଯେଉଁ ଚାଷୀ ନିଜ ଘାମରେ ମାଟିକୁ ଫସଲରେ ପରିଣତ କରୁଛି, ଯେଉଁ ଯୁବକ ହାତରେ ପ୍ରମାଣପତ୍ର ଧରି ଚାକିରି ଖୋଜୁଛି, ଯେଉଁ ମାଆ ନିଜ ପିଲାର ଭବିଷ୍ୟତ ପାଇଁ ଚିନ୍ତିତ, ଯେଉଁ ରୋଗୀ ଭଲ ଚିକିତ୍ସା ପାଇଁ ହସ୍ପିଟାଲ ଦ୍ୱାରରେ ଠିଆ ହେଉଛିସେମାନେ ବିଧାନସଭାକୁ ନିଜ ସ୍ୱର ପଠାଇଛନ୍ତି। ସେହି ସ୍ୱରକୁ ଦଳୀୟ ନାରାରେ ଢାଙ୍କିଦେବା ମାନେ ଜନତାଙ୍କ ବିଶ୍ୱାସକୁ ଅବମାନ କରିବା। ବିରୋଧୀ ଦଳର କାମ ସରକାରକୁ ପ୍ରଶ୍ନ କରିବା। ଏହା ଗଣତନ୍ତ୍ରର ମୂଳ ଶକ୍ତି। କିନ୍ତୁ ପ୍ରଶ୍ନ କରିବା ଓ କେବଳ ବିରୋଧ କରିବା ଏକ କଥା ନୁହେଁ। ସରକାରର ପ୍ରତ୍ୟେକ କାମକୁ ଭୁଲ କହିଦେବା ବିରୋଧୀ ରାଜନୀତି ନୁହେଁ। ତଥ୍ୟ ଖୋଜି ଭୁଲକୁ ଧରିବା, ଦୁର୍ବଳତାକୁ ଦେଖାଇବା ଏବଂ ତାହାର ବିକଳ୍ପ ଦେବା ହେଉଛି ପ୍ରକୃତ ବିରୋଧୀ ରାଜନୀତି। ସେହିପରି ସରକାରର କାମ ମଧ୍ୟ କେବଳ ବିରୋଧୀଙ୍କୁ ଉତ୍ତର ଦେଇ ନିଜକୁ ସଠିକ୍ ପ୍ରମାଣ କରିବା ନୁହେଁ। ଯେଉଁଠି ତ୍ରୁଟି ଅଛି, ତାହା ସୀକାର କରିବାର ସାହସ ଏବଂ ତାହାକୁ ସୁଧାରିବାର ଇଚ୍ଛା ହିଁ ଭଲ ଶାସନର ପରିଚୟ। ଆସନ୍ତା ଅଧିବେଶନରେ ଖଣି ଆଇନ ସଂଶୋଧନ ନେଇ ଯଦି ତୀବ୍ର ତର୍କ ହୁଏ, ତେବେ ଓଡ଼ିଶା ଚାହିଁବ ନାହିଁ କିଏ କାହାକୁ ହରାଇଲା। ଓଡ଼ିଶା ଜାଣିବାକୁ ଚାହିବ ରାଜ୍ୟର ଅଧିକାର କେତେ ସୁରକ୍ଷିତ ରହିଲା। ଖଣିଜ ସମ୍ପଦ ଓଡ଼ିଶାର ଅର୍ଥନୀତିର ଏକ ବଡ଼ ଆଧାର। ତେଣୁ ଖଣି ସମ୍ପର୍କିତ କୌଣସି ନୀତି ପରିବର୍ତ୍ତନର ପ୍ରଭାବ କେବଳ ରାଜନୈତିକ ମଞ୍ଚରେ ନୁହେଁ, ରାଜ୍ୟର ରାଜସ୍ୱ, ଖଣି ଅଞ୍ଚଳର ଲୋକଙ୍କ ଜୀବନ, ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତରେ ପଡ଼ିପାରେ। ତେଣୁ ଏହି ପ୍ରସଙ୍ଗରେ ଚିତ୍କାର ନୁହେଁ, ତଥ୍ୟ ଦରକାର। ଅଭିଯୋଗ ନୁହେଁ, ହିସାବ ଦରକାର। ଦଳୀୟ ରାଜନୀତି ନୁହେଁ, ଓଡ଼ିଶାର ଅଧିକାର ଦରକାର। ଯଦି କୌଣସି ନୀତି ରାଜ୍ୟ ପାଇଁ ଲାଭଦାୟକ, ତେବେ ତାହାକୁ ସୀକାର କରାଯାଉ। ଯଦି କୌଣସି ନୀତି ରାଜ୍ୟର ସ୍ୱାର୍ଥକୁ କ୍ଷତି କରିବାର ଆଶଙ୍କା ରଖେ, ତେବେ ଦଳୀୟ ପତାକାକୁ ପାଖରେ ରଖି ସମସ୍ତେ ମିଶି ପ୍ରଶ୍ନ କରାଯାଉ। ଏହା ଦଳ ବିରୋଧୀ ରାଜନୀତି ନୁହେଁ। ଏହା ଓଡ଼ିଶା ପ୍ରତି ଦାୟିତ୍ୱ। ପାଠ୍ୟପୁସ୍ତକରେ ତ୍ରୁଟି ନେଇ ମଧ୍ୟ ଏହି ମାପକଠି ଲାଗୁ ହେବା ଦରକାର। ଏକ ପାଠ୍ୟପୁସ୍ତକର ଗୋଟିଏ ଭୁଲ ତଥ୍ୟ ହଜାର ହଜାର ପିଲାଙ୍କ ମନରେ ଭୁଲ ଧାରଣା ସୃଷ୍ଟି କରିପାରେ। ଏହାକୁ ନେଇ ପ୍ରଶ୍ନ ଉଠିଲେ ସରକାର ରାଗିବା ନୁହେଁ, ଯାଞ୍ଚ କରିବା ଦରକାର। ବିରୋଧୀ ପ୍ରଶ୍ନ କଲେ ରାଜନୈତିକ ଲାଭ ନୁହେଁ, ପିଲାଙ୍କ ଭବିଷ୍ୟତକୁ ଆଗରେ ରଖିବା ଦରକାର। କାରଣ ପୁସ୍ତକର ଭୁଲ କୌଣସି ଦଳର ଭୁଲ ନୁହେଁ। ଏହା ଆମ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଭୁଲ। ଏହି ଅଧିବେଶନରେ ଆହୁରି ଅନେକ ପ୍ରସଙ୍ଗ ଉଠିବ। ଚାଷୀଙ୍କ ସମସ୍ୟା ରହିବ, ଯୁବକଙ୍କ ନିଯୁକ୍ତି ରହିବ, ଶିକ୍ଷା ରହିବ, ସ୍ୱାସ୍ଥ୍ୟ ରହିବ, ମହିଳା ସୁରକ୍ଷା ରହିବ, ଆଦିବାସୀ ଅଞ୍ଚଳର ବିକାଶ ରହିବ, ପାନୀୟଜଳ ରହିବ, ରାସ୍ତାଘାଟ ରହିବ। କିନ୍ତୁ ପ୍ରଶ୍ନ ହେଉଛିଏହି ସମସ୍ତ ପ୍ରସଙ୍ଗ କେତେ ସମୟ ରାଜନୀତିର ମୁଖ୍ୟ ଆଲୋଚନାରେ ରହିବ ? କେତେ ସମୟ ପରେ ଏଗୁଡ଼ିକ ଦଳୀୟ ଅଭିଯୋଗର ଭିଡ଼ରେ ହଜିଯିବ ? ଲୋକଙ୍କ ଦୁଃଖ ଯଦି ଦୁଇ ଦଳର ମୁହାଁମୁହିଁ ଲଢ଼େଇ ମଧ୍ୟରେ ହଜିଯାଏ, ତେବେ ବିଧାନସଭାର ଗରିମା କେଉଁଠି ରହିବ ? ଜନତା ଆଉ କେବଳ ହଙ୍ଗାମା ଦେଖିବାକୁ ଚାହୁଁନାହାନ୍ତି। ଲୋକେ ଚାହୁଁଛନ୍ତି ପ୍ରଶ୍ନ ହେଉ, ଉତ୍ତର ଆସୁ, ଦାୟିତ୍ୱ ନିର୍ଦ୍ଧାରିତ ହେଉ ଏବଂ ସମାଧାନର ରାସ୍ତା ବାହାରୁ। ଯେଉଁ ବିଧାୟକ ନିଜ ଅଞ୍ଚଳର ସମସ୍ୟା ନେଇ ବିଧାନସଭାରେ ଠିଆ ହେଉଛନ୍ତି, ସେ ମନେ ରଖିବା ଦରକାରସେ କେବଳ ନିଜ ଦଳର ପ୍ରତିନିଧି ନୁହେଁ, ସେ ଓଡ଼ିଶାର ଲୋକଙ୍କ ପ୍ରତିନିଧି। ତାଙ୍କ ସ୍ୱରରେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ସ୍ୱର ରହିବା ଦରକାର। ତାଙ୍କ ପ୍ରଶ୍ନରେ ରାଜ୍ୟର ଭବିଷ୍ୟତ ଦେଖାଯିବା ଦରକାର। ଏହିଠି ହିଁ ଜନପ୍ରତିନିଧିତ୍ୱର ଅର୍ଥ। ଶାସକ ଦଳ ଯଦି ଭାବେ ଯେ ବିରୋଧୀଙ୍କ ପ୍ରଶ୍ନ ମାନେ ସରକାର ବିରୋଧୀ ଷଡ଼ଯନ୍ତ୍ର, ତେବେ ସେହି ଚିନ୍ତା ଗଣତନ୍ତ୍ର ପାଇଁ ବିପଜ୍ଜନକ। ବିରୋଧୀ ଯଦି ଭାବନ୍ତି ଯେ ସରକାରକୁ ଅସୁବିଧାରେ ପକାଇଦେବା ହିଁ ତାଙ୍କର ସଫଳତା, ତେବେ ସେହି ଚିନ୍ତା ମଧ୍ୟ ଲୋକଙ୍କ ପାଇଁ ନିରାଶାଜନକ। ଦୁଇ ପକ୍ଷ ମନେ ରଖିବା ଦରକାରସରକାର ବଦଳିବ, ବିରୋଧୀ ବଦଳିବ, ନେତା ବଦଳିବେ, କିନ୍ତୁ ଲୋକଙ୍କ ସମସ୍ୟା ଯଦି ସେହିଠାରେ ରହିଯାଏ, ତେବେ ବଦଳିବ କଣ ? ରାଜନୀତିର ସବୁଠାରୁ ବଡ଼ ବିଡମ୍ବନା ହେଉଛିନିର୍ବାଚନ ପୂର୍ବରୁ ଲୋକେ ରାଜା, ନିର୍ବାଚନ ପରେ ଲୋକେ ଦର୍ଶକ। ଏହି ଧାରଣା ବଦଳିବା ଦରକାର। ଲୋକେ ଦର୍ଶକ ନୁହେଁ, ସେମାନେ ଗଣତନ୍ତ୍ରର ମାଲିକ। ବିଧାନସଭାର ପ୍ରତ୍ୟେକ ତର୍କ, ପ୍ରତ୍ୟେକ ପ୍ରଶ୍ନ ଓ ପ୍ରତ୍ୟେକ ନିଷ୍ପତ୍ତି ଲୋକଙ୍କ ଜୀବନକୁ ପ୍ରଭାବିତ କରେ। ତେଣୁ ଏଥର ଅଧିବେଶନରେ ଓଡ଼ିଶା ଏକ ନୂଆ ଦୃଶ୍ୟ ଦେଖିବାକୁ ଚାହେଁସାସକ ଦଳ ନିଜ କାମର ହିସାବ ଦେଉ, ବିରୋଧୀ ତଥ୍ୟ ସହ ପ୍ରଶ୍ନ କରୁ, ମନ୍ତ୍ରୀମାନେ ସ୍ପଷ୍ଟ ଉତ୍ତର ଦିଅନ୍ତୁ, ବିଧାୟକମାନେ ଲୋକଙ୍କ ପ୍ରଶ୍ନ ନେଇ ଲଢ଼ନ୍ତୁ ଏବଂ ଦଳୀୟ ସୀମା ପାର କରି ଓଡ଼ିଶାର ମୂଳ ସ୍ୱାର୍ଥରେ ଏକାଠି ଠିଆ ହୁଅନ୍ତୁ। ଏହା ହେଲେ ବିଧାନସଭାର ମର୍ଯ୍ୟାଦା ବଢ଼ିବ। ଲୋକଙ୍କ ବିଶ୍ୱାସ ବଢ଼ିବ। ରାଜନୀତିର ମାନ ବଢ଼ିବ। ଏବଂ ସବୁଠାରୁ ବଡ଼ କଥାଓଡ଼ିଶା ଜିତିବ।

ମା ଦେଖେ ପେଟ



ଅଭିମନ୍ୟୁ ଧଳ
ଓଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୯୮୬୧୦୪୮୦୫୨

'ମା ଦେଖେ ପେଟ, ବାପା ଦେଖେ ମୋଟ'- ଏହି କଥା ପଦକ କାହିଁ କେତେ କେଉ ଅନନ୍ତ କାଳରୁ ଚଳି ଆସୁଛି। ଏକଥାର ଯଥାର୍ଥତା ଯୁଗ ଯୁଗ ଧରି ରହିଥିବ। ଆମ୍ଭେ କଇଁଛ ଛୁଆ ନୁହେଁ। ମା' କଇଁଛ ସମୁଦ୍ର ବାଲିରେ ଅଣ୍ଡା ଦାନ କରି ବାଲି ଘୋଡ଼ାଇ ଦେଇ ଚାଲିଯାଏ। ଅଣ୍ଡା ଫାଟି କଇଁଛ ଶାବକ ନିଜେ ନିଜେ ସମୁଦ୍ର ପାଣିରେ ପଶିଯାନ୍ତି। ପରନ୍ତୁ, ମଣିଷ ପିଲା ପାଇଁ ମା, ବାପା, ସାଙ୍ଗସାଥୀ, ପରିଜନ ସର୍ବୋପରି ସମାଜର ଆବଶ୍ୟକତା ଅଛି। ସେଥାଇଁ କୁହାଯାଏ ମଣିଷ ଶିଶୁ ସବୁଠାରୁ ବଡ଼ ଅସହାୟ। ଜନ୍ମରେ ମା' ଥନରୁ କଷକ୍ଷୀର ଖାଇବା ପରେ ଅମୃତ ଖାଇଲା ପରି ଆମର ଶୌର୍ଯ୍ୟ ଆସିଥାଏ।। ଶିଶୁଟି ପ୍ରଥମେ ତା' ମାଆକୁ ଚିହ୍ନିଥାଏ। ଏହି ଚିହ୍ନିବା ଘଟିଥାଏ ମା ଜରାୟୁରେ ଭ୍ରୂଣର ସଂଚାର ହେବା ଦିନରୁ। ତେଣୁ ମା' ଓ ଶିଶୁର ଯେଉ ନିଗୁଢ ରହସ୍ୟ ଥାଏ, ତାହା ଭକ୍ତ ଓ ଭଗବାନଙ୍କ ସଂପର୍କଠାରୁ ମଧ୍ୟ ଆହୁରି ନିବିଡ଼। ପିଲାଙ୍କ ମନକଥା ମା'ଠାରୁ କିଏ ଅଧିକ ବୁଝାରେ। ସେଥାଇଁ କୁହାଯାଏ, ମା'ର ବିକଳ୍ପ ନାହିଁ।

ଜନ୍ମରେ କିଛିଦିନ ପାଇଁ ଶିଶୁଟଇ ଦିନରେ ଶୁଏ ଓ ରାତିରେ ଠିକ୍ ୧୦ଟା ରୁ ପାହାନ୍ତା ପର୍ଯ୍ୟନ୍ତ ଜାଗ୍ରତ ରହେ। ମା' ରାତି ଅନିଦ୍ରା ରହି ରାତିସାରା କ୍ଷୀର ଦେଉଥାନ୍ତି। ସେଥି ଇଁ କୁହାଯାଏ ''ମା' ନାହିଁ ଯାର, ନାଁ ନାହିଁ ତା'ର''। ମା' ପରି କିଏବା ନିଜର ହୋଇ, ସାର୍ଥବିହୀନ ହୃଦୟରେ ପିଲାର ସେବା କରିଥାଏ। ସେ କେବେ ବି ଆଶା କରେନା, ବଡ଼ ହେବ, ଟଙ୍କା ରୋଜଗାର କରିବ। ଅନେକରେ ଜଣେ ହେବା, ବାର୍ଦ୍ଧକ୍ୟରେ ସାହାରା ହେବ। ଭଗବାନଙ୍କୁ ପ୍ରାର୍ଥନା କରେ, ''ପିଲାକୁ ଭଲରେ ରଖ''।

ମା' ଆମ ପାଇଁ କିଭଳି ତ୍ୟାଗ କରିଥାନ୍ତି, ଆମେ ଜାଣାରୁନା ସିନା ଆମେ ତ ଅନ୍ୟମାନଙ୍କର ତ୍ୟାଗ ଦେଖାରୁ। ମା' ଅନ୍ୟ ଆଖିରେ ନିଷ୍ଠୁରା, ଜଟିଳା, କୁଟିଳା ହୋଇପାରନ୍ତି, ମାତ୍ର ପିଲା ପ୍ରତି ସ୍ନେହ, ପ୍ରେମ ଓ ମମତାର ଜୀବନ୍ତ ପ୍ରତିମା। ଫୁଲଠାରୁ କୋମଳ, ତାର ସ୍ନେହବୋଳା କଥା ମଧୁଠାରୁ ଆହୁରି ମିଠା। ଛାତିରେ ଯାର ଅମୃତଠାରୁ ଜୀବନପ୍ରଦାୟୀ। ''ମୋ ଧନ କେତବେଳୁ ଖାଇନାହିଁ, ପେଟ ପଶିଗଲାଣି। ଆ...ଆ... ଖାଇଦେବୁ''। ସବୁ ମା'ଙ୍କୁ ଭଗବାନ ଗୋଟିଏ ଛାଂଚରେ ଗଢିଥାନ୍ତି। ଅନ୍ୟମାନଙ୍କ ଆଖିରେ ସେ ଯାହା ହୁଅନ୍ତୁ ନା କାହିଁକି, ପିଲାଙ୍କ ପାଇଁ ସେ କରୁଣାମୟୀ। ମୋ ସାନଭଉଣୀ ଗାଁ ସ୍କୁଲରୁ ୪ଟା ବେଳେ ଫେରି ବହିବସ୍ତାନୀ ଥୋଇଦେଇ ବୋଉ ପାଖକୁ ଦଉଡ଼େ ଖାଇବାକୁ। ମୁଁ ବୋଉକୁ ପଚାରେ, ମୁଁ କଣ ଏମିତି କରେ ? ତମେ ଚାରିଭାଇଭଉଣୀ ସମସ୍ତେ ଏମିତି କର। ତମ ଭିତରେ ୬-୭ ବର୍ଷ ବଡ଼ସାନ। ସ୍କୁଲ୍‌କୁ କିଛି ଦିନଗଲା ପରେ ଏହି ଅଭ୍ୟାସ ଛାଡ଼ିଯାଏ। ଯିଏ ଯେତେ ଦିନ ଅଧିକ ମା' କ୍ଷୀର ଅଧିକ ଖାଇଛି, ସେ କେଉଠି ବି ହାରେନା, ଏବଂ ମା' ଓ ପିଲା ମଧ୍ୟରେ ଆତ୍ମୀୟତା ସେତେ ସୁନ୍ଦର ରହେ।

ଆମେ ସ୍କୁଲରୁ ଫେରିଲା ପରେ ଜାମା, ପ୍ୟାଣ୍ଟ ଓହ୍ଲାଇଲା ବେଳକୁ ବୋଉ ଖାଇବା ପ୍ରସ୍ତୁତ କରି ରଖିଥାଏ। ସେତବେଳକୁ ଆମର ପେଟ ଭୋକରେ ଜଳୁଥାଏ। ଭାତ ଜଂସା ପାଖରେ ବସି କେତେ ଗେହ୍ଲେଇ ହୋଇ କହେ, ''ମୋ ଧନ, ମୋ ରାଣୀ, ପେଟ ଶୁଖିଗଲାଣି। ଏଇଟାକୁ ଖା..., ଭାତ କମ୍ ଖାଇ ଏ ସବଜି ଖାଇଲେ ମନେ ରହିବ, ଶକ୍ତି ଆସିବ। ପିତା, ଶାଗ, ଅତି ତିକ୍ତ ହେଲେବି, କଲରା ପିତା ଲାଗିଲେ ବି ବୋଉ କଥାରେ ଖାଇଦେଉ। ଦୁନିଆରେ ସମସ୍ତେ ମିଛ କହାରନ୍ତି, ମାତ୍ର ବୋଉର କଥା ହେଉଛି ବେଦର ଗାର। ସପ୍ତମ ପର୍ଯ୍ୟନ୍ତ ଟିଫିନ୍ କି ପଇସା ସଜାଡ଼ି ଦିଏ ବୋଉ। ଘରକୁ ଫେରିଲା ବେଳେ ଭୋକରେ ହଂସା ଉଡ଼ିଯାଏ। ଏହାର କାରଣ ଛୁଟିରେ ଘଣ୍ଟାଏ ପଢ଼ିଆରେ ଖେଳୁ। ମାଟ୍ରିକ୍ରେ ପଢିଲାବେଳେ କେହି ଟିଫିନ୍ ନିଅନ୍ତି ନାହିଁ। ଛୁଟିରେ ଘରକୁ ଫେରିଲା ବେଳେ ବୋଉ ହାତରନ୍ଧା ଖାଇବା ପ୍ରସ୍ତୁତ ହୋଇ ରହିଥାଏ। ବୋଉ ହାତରନ୍ଧା ଖାଇବା ଭାରି ସୁଆଦିଆ। ଏଥିରେ ସ୍ନେହ, ମମତା ପ୍ରେମ ଭରି ରହିଥାଏ। ବୋଉର ଅନ୍ତରର ନିଭୃତ କୋଣରୁ କରୁଣା ଝରିଯାଏ। କଲେଜ ମେସରେ କାଠଗୁଣ୍ଡି ଭର୍ତ୍ତି ଚୁଲାରେ ନିଆ ଦେଉ ଦେଉ ବୋଉ କଥା ମନେ ପଡ଼ିଯାଏ ବେଳେ ଆଖିରୁ ଦୁଇଟୋପା ଲୁହ ଝରିଡ଼େ। ଘରେ ପହଂଚିଗଲେ ପେଟ ଅଣ୍ଡାଳି ଦିଏ। ମୋ ପୁଅ ଝିଅ କଥା ବୁଝିବ। ଥରକୁ ଥର ତାଗିଦ୍ କରେ, ସେ ଏଇ ଜିନିଷକୁ ଭଲ ପାଏ। ଝିଅ ବାହାଘର ପରେ ବେଶୀ ଭାଙ୍ଗି ଡ଼େ ବୋଉ, ମନଲାଖି ଖାଇବାର ସୁଯୋଗ ପାଇବ ତ ? ପରିବାରକୁ ଖାଇବାରେ ହେଳା ହବନି ତ ? କେତେ କଣ ଭାବନା ଅଛି !!

ମୋର ମନେଅଛି, ନବମ ଶ୍ରେଣୀରେ ପଢୁଥାଏ। ଗହ୍ମାପୂର୍ଣ୍ଣିମାକୁ ବ୍ରାହ୍ମଣୀ ନଦୀ ଭାଙ୍ଗିଲା। ଆଉ କେଇଦିନ ପରେ ସଅଳ ସୋଲାଧାନ ପାଚିଥାନ୍ତା। ଫସଲ ଗଲା। ବାଧରେ ପେଢିରେ ଧାନ ଆଣିଲୁ। ବେଳେ ବେଳେ ସକାଳୁ ହାଣ୍ଡିରେ ମୁଠାଏ ଭାତ। ହାଣ୍ଡି କେବେ ଖାଲି ରୁହେନି। ବୋଉ ତା ପେଟରୁ କାଟି ଭାତ ରଖିଥାଏ। ବୋଉ ତ ମୋତେ ସ୍କୁଲ ଯିବାକୁ ମନା କରେ। ମୁଁ ସେକଥା ମାନେନି, ହାଣ୍ଡି ଅଣ୍ଡାଳି କହେ, ଯେତିକି ବାସି ଭାତ ଅଛି, ମୋତେ ହୋଇଯିବ। ଅଧ ଜଂସା ତୋରାଣୀକୁ ମୁଠାଏ ଭାତ। ସେତକରେ ପେଟ ପୁରିଯାଏ। ୪ଟା ବେଳକୁ ଫେରିଲାବେଳେ ପ୍ରବଳ ଭୋକ। ଖାଇବା ପ୍ରସ୍ତୁତ ହୋଇ ରହିଥାଏ। ବାସ୍ତବିକ୍ ପ୍ରତ୍ୟେକ ଘରକୁ ବୋଉ ଧନସଂପତି, କୋଠାଘର ଦେଖନ୍ତି ନାହିଁ। କାମରୁ ଫେରିଲେ ସେ ବୋହୂକୁ ଉଠାପକା କରନ୍ତି, ଶୀଘ୍ର ଖାଇବା ବାଢିବାକୁ। ବୋଉକୁ ମୁଁ କହେ, ଆମେ ତ ବାହାରେ, ଏତେ କଥା ବୁଝୁଛୁ, ଘଂଟା ଦେଖୁଛୁ, ଫୋନ୍ କରିବାକୁ କହୁଛୁ, ନାତି ନାତୁଣୀଙ୍କ ଆସିବା କଥା ପଚାରୁଛୁ। ଗାଁ ରେ କଣ ଆମ କଥା ମନେପଡ଼େ ? ସେ କହେ, କ'ଣ କରିବି ? ମନେ ପଡ଼ିଲେ ବି ମନ ଭିତରେ ରହିଯାଏ। ମୋ ପିଲା ଯେଉଠି ରହିଲେ ବି ଭଲରେ ରୁହନ୍ତୁ। ଫୋନ୍ କଲେ ଆଗ ପଚାରେ ମୋ ଖାଇବା କଥା। ମୋ ବୋଉ ୮୯ ବର୍ଷ ବୟସରେ ଆମ ହେପାଜତରେ କଥା କହୁ କହୁ ନୀରବ ହୋଇଗଲା। ଯେଉ କେତେ ମାସ ବିଛଣା ଧରିଲା, ତାର ମନପସନ୍ଦ ଛେନାପୋଡ଼ ଖାଇଲେ ଯାଇ ଶାନ୍ତ ହୁଏ। ଯଦିଓ ପତ୍ନୀ ସେ ଦାୟିତ୍ୱ ସୂଚାରୁ ରୂପେ ତୁଲାଇଛନ୍ତି। ଆମେ ଯେତେ ବୟସ୍କ ହେଲେ ମଧ୍ୟ ତା ପାଖରେ ସବୁବେଳେ ଛୁଆ। କେତେ ତାଗିଦ୍, ଗାଳି, ଆକଟ, ଉପଦେଶ, ସତରେ ବାପା ବୋଉଙ୍କ ଋଣ କେବେବି ସୂଝି ହେବନାହିଁ। ଆମେ ଯଦି ତାଙ୍କ ଶେଷ ଅବସ୍ଥାରେ ଯନ୍ତ୍ରଣା ଦେଉ, ତେବେ ତିନୁରରେ ଠାବ ନାହିଁ, ନର୍କଠାରୁ ଆହୁରି କିଛି ଜିନିଷ ଆମପାଇଁ ଥାଇପାରେ। ବୋଉ ଗଲାଦିନରୁ ପେଟ କଥା ମୋ ଝିଅର ଝିଅ ସିଦ୍ଧି ସବୁଦିନ ଫୋନକରି ପଚାରେ, ''ଅଜା, ଖାଇସାରିଲଣି ନା ନାଇ ? କଣ ଖାଇଲ ? ଦେହପା ଭଲ ଅଛି ତ ? ଆମ ଘରକୁ ତମେ ଆଉ ଆଈ ଚାଲିଆସ''। ମୁଁ ଭାବେ ନାରୀ ଜାତିରେ ସମସ୍ତଙ୍କ ନିକଟରେ ମା'ର ସ୍ନେହ ଲୁଚିରହିଛି। ସମୟକ୍ରମେ ତାହା ପ୍ରକାଶିତ ହୋଇଥାଏ। ମୋ ନାତୁଣୀକୁ କହେ, ଏତେ କଥା ସବୁଦିନ ବୁଝୁଛୁ, ତୁ କଣ ମୋ ବୋଉ ! ସତରେ ପତ୍ନୀ, ଭଗ୍ନୀ, ନାତୁଣୀଙ୍କ ହୃଦୟରେ 'ବୋଉ'ର ଛାପ ଥାଏ।

ନୂଆ ଆଇନ: ନ୍ୟାୟ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା
ବିଡାନାସୀ, କଟକ, ଓଡ଼ିଶା
୭୦୦୮୪୭୮୯୮୭

ଆଇନ ହେଉଛି ଏକ ସୁସଂଗଠିତ ସମାଜର ମେରୁଦଣ୍ଡ। ସମାଜରେ ଶାନ୍ତି, ଶୃଙ୍ଖଳା, ନ୍ୟାୟ ଓ ନାଗରିକଙ୍କ ଅଧିକାରର ସୁରକ୍ଷା ପାଇଁ ଆଇନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମୟ ସହିତ ସମାଜର ଆବଶ୍ୟକତା ବଦଳିଥାଏ। ଅପରାଧର ଧାରା, ପ୍ରଯୁକ୍ତିର ବ୍ୟବହାର ଓ ନ୍ୟାୟ ପାଇବାର ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ଆସିଛି। ଏହି ପରିବର୍ତ୍ତିତ ପରିସ୍ଥିତିକୁ ମନେ ରଖି ଭାରତର ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ତିନୋଟି ନୂଆ ଆଇନ ଆସିଛି।

୧ ଜୁଲାଇ ୨୦୨୪ରୁ ଭାରତୀୟ ନ୍ୟାୟ ସଂହିତା (Bharatiya Nyaya Sanhita BNS), ଭାରତୀୟ ନାଗରିକ ସୁରକ୍ଷା ସଂହିତା (Bharatiya Nagarik Suraksha Sanhita BNSS) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (Bharatiya Sakshya Adhiniyam BSA) ପ୍ରଚଳିତ ହୋଇଛି। ଏହି ଆଇନଗୁଡ଼ିକ ଯଥାକ୍ରମେ ପୁରୁଣା Indian Penal Code, Code of Criminal Procedure I Indian Evidence Actକୁ ପ୍ରତିସ୍ଥାପିତ କରିଛି।

● ଭାରତୀୟ ନ୍ୟାୟ ସଂହିତା : ଅପରାଧ ଓ ଦଣ୍ଡର ନୂଆ ଢାଞ୍ଚା

BNSର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅପରାଧ ସମ୍ପର୍କରେ ଆଧୁନିକ ଆଇନଗତ ବ୍ୟବସ୍ଥା ପ୍ରଦାନ କରିବା। ଏଥିରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ, ସଂଗଠିତ ଅପରାଧ, ଆତଙ୍କବାଦ ଓ ମବ୍ ଲିଞ୍ଚିଂ ଭଳି ଗୁରୁତର ଅପରାଧକୁ ନେଇ ବିଶେଷ ବ୍ୟବସ୍ଥା ରହିଛି।

ଡିଜିଟାଲ ଯୁଗରେ ଅପରାଧର ରୂପ ମଧ୍ୟ ବଦଳିଛି। ଅନଲାଇନ୍ ଠକେଇ, ଡିଜିଟାଲ ମାଧ୍ୟମରେ ଧମକ, ସାଇବର ଅପରାଧ ଆଦି ଆଜିର ସମାଜର ବଡ଼ ଚ୍ୟାଲେଞ୍ଜ। ତେଣୁ ଆଧୁନିକ ଅପରାଧକୁ ପରିସ୍ଥିତିକୁ ଆଇନର ପରିସରରେ ଆଣିବା ଉପରେ ନୂଆ ଆଇନରେ ଗୁରୁତ୍ୱ ଦିଆଯାଇଛି।

● BNSS : ନ୍ୟାୟ ପ୍ରକ୍ରିୟାରେ ପ୍ରଯୁକ୍ତିର ବ୍ୟବହାର

ପୁରୁଣା ଉଚ୍ଚୁଚଉ ବଦଳରେ ଆସିଥିବା BNSS ଫୌଜଦାରୀ ମାମଲାର ପ୍ରକ୍ରିୟାକୁ ଆଧୁନିକ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହାରେ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଚାଓଜ

ସୟଂଭୂ ଶ୍ରୀ ବାବା ପଶ୍ଚିମେଶ୍ୱର ମହାଦେବ

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପ୍ରାଚୀନ ଛଦେଶ ପ୍ରଗଣା ଗଙ୍ଗାଧରପ୍ରସାଦ ଗାଁରେ ସୟଂଭୂ ଶ୍ରୀ ଶ୍ରୀ ବାବା ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ। ଏହି ଶୈବପୀଠଟି ମହାନଦୀର ଉପନଦୀ ସାପୁଆ କୂଳରେ ଢେଙ୍କାନାଳ ସହରଠାରୁ ଦକ୍ଷିଣ ଦିଗରେ ପ୍ରାୟ ୨୦ କିଲୋମିଟର ଦୂରରେ ଅବସ୍ଥିତ । ମନ୍ଦିରଟି ପଞ୍ଚରଥ ଶୈଳୀରେ ନିର୍ମିତ ଏବଂ ଏହାର ପାର୍ଶ୍ୱଦେବତା ଗୁଡ଼ିକ କଳାମୁଗୁନି ପ୍ରସ୍ତରରେ ଗଢ଼ା। ଉତ୍ତର ପାର୍ଶ୍ୱରେ ପାର୍ବତୀ, ପୂର୍ବ ପାର୍ଶ୍ୱରେ କାର୍ତ୍ତିକେୟ ଏବଂ ଦକ୍ଷିଣ ପାର୍ଶ୍ୱରେ ଗଣେଶ ଦିବ୍ୟମାନ। ଏହି ଶିବମନ୍ଦିରର ବୈଚିତ୍ରୀ ହେଉଛି ଏହାର ଦ୍ୱାର ପଶ୍ଚିମ ଦିଗକୁ ମନ୍ଦିରର ଉଚ୍ଚତା ୪୫ ଫୁଟ, ଯଜ୍ଞମଣ୍ଡପ, ଧର୍ମଶାଳା ଓ ଧାନଘର ରହିଛି। ପଶ୍ଚିମେଶ୍ୱର ମନ୍ଦିରର ପୂର୍ବରେ ସିଦ୍ଧେଶ୍ୱର ଓ ବୃଦ୍ଧେଶ୍ୱରଙ୍କର ଦୁଇଟି ପ୍ରାଚୀନ ମନ୍ଦିର ରହିଅଛି। ଏହି ଦୁଇଟି ମନ୍ଦିର ଅଷ୍ଟଗ୍ରହ ମୂର୍ତ୍ତି ଥିବାରୁ ପ୍ରମାଣିତ ହୁଏ,ଏହା ଅଷ୍ଟମ ଶତାବ୍ଦୀ ପୂର୍ବରୁ ନିର୍ମିତ।

ନିକଟରେ ମଧ୍ୟ ବୁଦ୍ଧେଶ୍ୱରଙ୍କ ମନ୍ଦିର ତଥା ଏକ ବୌଦ୍ଧପୀଠର ଭଗ୍ନାବଶେଷ ରହିଅଛି। ସାପୁଆ ନଦୀର ଅପର ପାଶ୍ୱରେ ଥିବା କଟକ ଜିଲ୍ଲା ତିଗିରିଆ ବ୍ଲକ ଭିରୁଡ଼ା ଗ୍ରାମରେ ମଧ୍ୟ ଅନେକ ଶିବଲିଙ୍ଗ ବିରାଜିତ । ଏଥିରୁ ଉପଲବ୍ଧ ହେଉଛି ଅଷ୍ଟମ ଶତାବ୍ଦୀ ପୂର୍ବରୁ ଏହି ଅଞ୍ଚଳରେ ବହୁ ଶିବ ମନ୍ଦିର ଥିଲା। ପରବର୍ତ୍ତୀକାଳରେ ଏଠାରେ ବୌଦ୍ଧ ସଂସ୍କୃତି ମଧ୍ୟ ବିକାଶଲାଭ କରିଥିଲା। କ୍ରମେ ବହୁ ମନ୍ଦିର ଭାଙ୍ଗି ଯାଇଛି। ଭଗ୍ନ ମନ୍ଦିର ମଧ୍ୟରୁ କେବଳ ବାବା ସିଦ୍ଧେଶ୍ୱର ଓ ବାବା ବୁଦ୍ଧେଶ୍ୱରଙ୍କର ପ୍ରାଚୀନ ମନ୍ଦିର ଦୁଇଟି ସୁରକ୍ଷିତ ପ୍ରଶ୍ନବିଲନ ଭାବରେ ଉଦ୍‌ଘୋଷଣା କରାଯାଇଛି। ଅନ୍ୟ ଲଗ୍ନ ମନ୍ଦିର ତଥା ପ୍ରାଚୀନ ବୌଦ୍ଧପୀଠର ସୁରକ୍ଷା ନିମିତ୍ତ ସମୁଚିତ ପଦକ୍ଷେପ ନିଆ ଯାଇନାହିଁ। ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଏହି ସମଗ୍ର ଭୂଖଣ୍ଡ ତିଗିରିଆ ରାଜାଙ୍କ ଅଧୀନରେ ଥିଲା ଏବଂ ତିଗିରିଆର ତୁଙ୍ଗ ରାଜବଂଶ ସପ୍ତମ-ଅଷ୍ଟମ ଶତାବ୍ଦୀରେ ଏଠାରେ ବହୁମନ୍ଦିର ନିର୍ମାଣ କରିଥିଲେ। ପରବର୍ତ୍ତୀ କାଳରେ ଢେଙ୍କାନାଳର ରାଜା ତିଗିରିଆ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କ ରାଜ୍ୟର ଉତ୍ତରାଂଶ ଅର୍ଦ୍ଧେକ ନିଜ ରାଜ୍ୟଭୁକ୍ତ କରିନେଲେ। ପୂର୍ବରେ ଛଦେଶ ଅଞ୍ଚଳର ଶଙ୍କରପୁର ପଞ୍ଚାୟତର ପା'ମାଳ ଠାରୁ ପଶ୍ଚିମରେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କୋଉମ ପଞ୍ଚାୟତର କୋଟବେରେଣୀ ଗ୍ରାମ ପର୍ଯ୍ୟନ୍ତ ଛଅ କୋଶ ବ୍ୟାପୀ। ଏହି ଭୂଖଣ୍ଡ ଛଦେଶ ବିଷ୍ଣ ନାମରେ ପରିଚିତ। ଢେଙ୍କାନାଳ ରାଜ୍ୟ ଅଧୀନକୁ ଆସିଥିବା ଏହି ଅଞ୍ଚଳରେ ବାବା ପଶ୍ଚିମେଶ୍ୱରଙ୍କ ସମେତ ବାବା ସିଦ୍ଧେଶ୍ୱର ଓ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ରହିଅଛି। ଅନ୍ୟ ସମସ୍ତ ମନ୍ଦିର ବର୍ତ୍ତମାନ ତିଗିରିଆ ଅଞ୍ଚଳରେ ବିଦ୍ୟମାନ, ବାବା ସିଦ୍ଧେଶ୍ୱର ଓ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ଆଦ୍ୟବଧି ରହିଥିଲେ ହେଁ ପ୍ରଭୁ ପଶ୍ଚିମେଶ୍ୱରଙ୍କ ମନ୍ଦିରଟି ସଂପୂର୍ଣ ଭାଙ୍ଗିଯାଇ ଥିବାରୁ ୧୮୯୨ ମସିହାରେ ଢେଙ୍କାନାଳର ରାଜା ଦୀନବନ୍ଧୁ ମହାଦ୍ର ବାହାଦୁର ବର୍ତ୍ତମାନର ମନ୍ଦିରଟି ନିର୍ମାଣ କରିଛନ୍ତି। ମନ୍ଦିରଟି ଉତ୍କଳୀୟ ଶିଳ୍ପଚାତୁରୀରେ ନିର୍ମିତ ଏବଂ ଗର୍ଭଗୃହରେ ୨ଟି ଲିଙ୍ଗ ପୂଜିତ। ବାବା ସର୍ପେଶ୍ୱର ସାପୁଆନଦୀ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନାଞ୍ଚଳ ରାସୋଳ ଦଣ୍ଡିରୀରୁ ବାହାରି ଛଦେଶ,କଟକ ଜିଲ୍ଲା ତିଗିରିଆ ଓ ଆଠଗଡ଼ ଅଞ୍ଚଳରେ ପ୍ରବାହିତ ହୋଇ କଖଡି ସନ୍ନିକଟ ବାବା ସର୍ପେଶ୍ୱର ଠାରେ ମହାନଦୀରେ ପଡ଼ିଅଛି। ଏହି ନଦୀକୂଳରେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଘଟିପିରି ବାବା ରାମେଶ୍ୱର ଜୀଉ (ମହାଦେବ) ଓ ବୃନ୍ଦାବନପୁର ବାବା ସପ୍ନେଶ୍ୱର (ମହାଦେବ), ଢେଙ୍କାନାଳ ଜିଲ୍ଲା ସଦର ବ୍ଲକର କାକୁଡ଼ିଭାଗର ବାବା ସପ୍ନେଶ୍ୱର (ବୁଢ଼ାମହାଦେବ),ବିଷ୍ଣୁପୁରର ବାବା ନୀଳକଣ୍ଠେଶ୍ୱର, ଗଙ୍ଗାଧରପ୍ରସାଦର ବାବା ପଶ୍ଚିମେଶ୍ୱର (ମହାଦେବ),ଶଙ୍କରପୁରର ଶଙ୍କରେଶ୍ୱର (ମହାଦେବ), ଉତ୍ତରେଶ୍ୱର ଓ ବାବା ସର୍ପେଶ୍ୱର ପ୍ରକୃତି ବିଦ୍ୟମାନ । ତନ୍ମଧ୍ୟରେ ବାବା ପଶ୍ଚିମେଶ୍ୱର (ମହାଦେବ) ସୁପ୍ରସିଦ୍ଧ ।

ଏହି ମନ୍ଦିରର ଦ୍ୱାର ପଶ୍ଚିମ ଦିଗକୁ ହେବା ସଂପର୍କରେ ଏକ ମନୋରମ କିମ୍ବଦନ୍ତୀ ଲୋକକଥା ରହିଅଛି। ଜଣେ କୋଷ୍ଠ ରୋଗୀ ଛୋଟା ଭକ୍ତ ପଶ୍ଚିମ ଦିଗରେ ବସି ପ୍ରତିଦିନ ସୁମଧୁର କୋକିଳ କଣ୍ଠରେ ଗୀତଗୋବିନ୍ଦ ବୋଲୁଥାଏ। ଦିନେ ଠାକୁର ଶୂନ୍ୟବାଣୀ କରି କହିଲେ ତୁ ମୋ ମୁଖଶାଳା ପଟରେ ବସି ବୋଲ ଏହି ଶୂନ୍ୟବାଣୀ ଶୁଣି କୋଷ୍ଠ ରୋଗୀ ଛୋଟା ଭକ୍ତଟି ଯୋଡ଼ହସ୍ତରେ ନିବେଦନ କଲା ପ୍ରଭୋ ! ମୋର ତ ଚାଲିବାକୁ ଶକ୍ତିନାହିଁ,ଆପଣ କୃପାକରି ମୁଖଶାଳାକୁ ଏପଟକୁ କରିଦିଅନ୍ତୁ। ତା ପରଦିନ ପ୍ରତ୍ୟୁଷରୁ ସମସ୍ତେ ଦେଖିଲେ ମନ୍ଦିରର ମୁହଁ ପଶ୍ଚିମକୁ ହୋଇଯାଇଛି ଏବଂ ସେହିଦିନଠାରୁ ଠାକୁରଙ୍କ ନାମ ଶ୍ରୀ ଶ୍ରୀ ପଶ୍ଚିମେଶ୍ୱର ମହାଦେବଙ୍କ ନାମ ପ୍ରସିଦ୍ଧ ଲାଭ କଲା। ଶ୍ରୀ ପଶ୍ଚିମେଶ୍ୱରଙ୍କର ପ୍ରାୟ ୪୦ ଏକର ଚାଷଜମି ବିଭିନ୍ନ ପ୍ରଜାମାନେ ଚାଷକରି ବାର୍ଷିକ ସଜ୍ଞା ଦିଅନ୍ତି। ସେହି ସଜ୍ଞାରେ ଠାକୁରଙ୍କର ଦୈନନ୍ଦିନ ନୀତିନିଯୋଗ ଓ ପର୍ବପର୍ବାଣୀ ସମାହିତ ହୁଏ। ଠାକୁରଙ୍କର ପ୍ରାତଃ ଜୟମଙ୍ଗଳ ଆରତୀ ପରେ ସ୍ନାନ ମାର୍ଜନାଦି ହୋଇ ବାଳଭୋଗ, ଅନ୍ନଭୋଗ,ସନ୍ଧ୍ୟାଆଳତୀ ଓ ରାତ୍ରିଭୋଗ ସଂପନ୍ନ ହୁଏ। ମାଳିମାନେ ଠାକୁରଙ୍କର ପାରମ୍ପରିକ ସେବକ। ମନ୍ଦିରଟି ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଲେହେଁ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ପରିଚାଳନା ବୋର୍ଡ଼ ଗଠନ କରାଯାଇଛି। ପର୍ବପର୍ବାଣୀ ମଧ୍ୟରେ ଶିବରାତ୍ରି, ମକର ସଂକ୍ରାନ୍ତି, ବିଷୁବ ସଂକ୍ରାନ୍ତି, ଦେବୀପର୍ବ, କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଆଦିରେ ଏହି ଶିବପୀଠରେ ହଜାର ହଜାର ପ୍ରତିବର୍ଷ ପୀଠରେ ଯାତ୍ରୀ ସମାଗମ ହୋଇଥାଆନ୍ତି।ବୈଦିକ ଯଜ୍ଞ ଓ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥାଏ। ଢେଙ୍କାନାଳ,ହିନ୍ଦୋଳ,ଆଠଗଡ଼,ତିଗିରିଆ,ବଡ଼ମ୍ବା ଓ ନରସିଂହପୁର ଓ ଆଖ ପାଖ ଅଞ୍ଚଳ ତଥା ଛଦେଶ ଅଞ୍ଚଳରେ ବାବା ପଶ୍ଚିମେଶ୍ୱର ମହାଦେବଙ୍କର ପ୍ରସିଦ୍ଧି ରହିଛି। ପ୍ରଭୁ ପଶ୍ଚିମେଶ୍ୱରଙ୍କ ନାଗର ଖଣ୍ଡିଆ ଭାଗକୁ ଧରି ଶପଥ କରିବାକୁ କେହି ସାହାସ କରନ୍ତି ନାହିଁ। ଏହି ଅଞ୍ଚଳରେ ଲୋକମାନଙ୍କର ପ୍ରଭୁ ପଶ୍ଚିମେଶ୍ୱରଙ୍କ ପ୍ରତି ଅନାଦିକ ଭଳି ଓ ଅଖଣ୍ଡ ବିଶ୍ୱାସ ରହିଛି। ଯେ ଯାହା ମନାସିଥାଏ ତାହା ଠାକୁର ପୂରଣ କରନ୍ତି ବୋଲି ଲୋକବିଶ୍ୱାସ ରହିଛି। ତେଣୁ କୁହାଯାଇଛି- ସୟଂଭୂ ଶ୍ରୀ ପଶ୍ଚିମେଶ୍ୱର, କଳିରେ ପ୍ରତ୍ୟକ୍ଷ ଠାକୁର ।



ଉପସ୍ଥାପନା
● ବିଜ୍ଞାନ ମହାନ୍ତି

ତଥ୍ୟ ସହଯୋଗ
● ମହେଶ୍ୱର ସାହୁ

ଫୋଟୋ
● ଚିତ୍ତରଞ୍ଜନ ମହାନ୍ତି

ରସଶେଖର ଶ୍ରୀକୃଷ୍ଣ: ଦିବ୍ୟ ପ୍ରେମ, ମାନବୀୟ ମୂଲ୍ୟବୋଧ ଓ ବିଶ୍ୱ-ପ୍ରଗତିର ଚିରନ୍ତନ ଦର୍ଶନ

ଭାରତୀୟ ଆଧ୍ୟାତ୍ମିକ ଚିନ୍ତନ ତଥା ସାରସତ ସାଧନାର ପରମ ଉତ୍କର୍ଷ ହେଉଛନ୍ତି ରସରାଜ, ରସନାରାୟଣ, ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣ। ତୈତ୍ତିରୀୟ ଉପନିଷଦର ଚିରନ୍ତନ ବାଣୀ 'ରସୋ ବୈ ସଃ' ଅନୁସାରେ ସେ କେବଳ ଏକ ଐତିହାସିକ ଚରିତ୍ର ନୁହନ୍ତି, ବରଂ ନିଖିଳ ବ୍ରହ୍ମାଣ୍ଡର ଆନନ୍ଦମୟ ଅଧିଷ୍ଠାନ। ଯେଉଁ ପରମ ଅନୁଭୂତିରେ ସମଗ୍ର ସୃଷ୍ଟିର ସ୍ପନ୍ଦନ, ପ୍ରେମ ଓ ଶାନ୍ତି ଏକାକାର ହୋଇଯାଏ, ସେହି ଅବିନଶ୍ୱର ରସ ହିଁ କୃଷ୍ଣ। ତାଙ୍କର ଜନ୍ମ, ବାଲ୍ୟକ୍ରୀଡ଼ା, ପ୍ରଣୟ, ରାଜନୀତି ଓ ଗୀତା-ଜ୍ଞାନ କେବଳ କୌଣସି ପୌରାଣିକ ଆଖ୍ୟାନ ମଧ୍ୟରେ ସୀମିତ ନୁହେଁଟି ଏହା ମାନବ ଜାତିର ସର୍ବାଙ୍ଗୀଣ ସମୃଦ୍ଧି, ଚିରନ୍ତନ ଶାନ୍ତି ଓ ପ୍ରଗତି ନିମନ୍ତେ ଏକ ଅନନ୍ୟ ଦାର୍ଶନିକ ସଂହିତା।

ଜନ୍ମ ରହସ୍ୟ ଓ ଅନ୍ଧକାରରୁ ଆଲୋକର ଅଭ୍ୟୁଦୟ: ଭାଦ୍ରବ କୃଷ୍ଣାଷ୍ଟମୀର ଘନଘୋର ନିଶୀଥରେ କଂସର ନିଗୂଢ଼ କାରାଗାର ମଧ୍ୟରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଘଟିଥିଲା। ଏହି ଧରାବତରଣ କୌଣସି ପ୍ରାକୃତିକ ଜନ୍ମ ନୁହେଁ, ବରଂ ଏକ ଅନିର୍ବଚନୀୟ ଦିବ୍ୟ ରହସ୍ୟ। ଯେତେବେଳେ ସମାଜରେ ଅନ୍ୟାୟ, ଅତ୍ୟାଚାର ଓ କଳୁଷତା ଚରମ ସୀମାରେ ଉପନୀତ ହୁଏ, ସେତେବେଳେ ଚେତନାର ଅଭ୍ୟୁଦୟ ଅବଶ୍ୟମ୍ଭାବୀଏହା ହିଁ ଏହି ଜନ୍ମତତ୍ତ୍ୱର ମୂଳ ଦାର୍ଶନିକ ବାର୍ତ୍ତା।

ସେ ସାଧାରଣ ସାଂସାରିକ ଅହଂକାର କିମ୍ବା ଉଗ୍ର ରାଜସ ଗୁଣର ବଶବର୍ତ୍ତୀ ହୋଇ ପ୍ରକଟିତ ହୋଇନଥିଲେ। ବରଂ ତାମସିକ ଅଜ୍ଞାନ ଓ ରାଜସିକ କାମନାକୁ ବିନଷ୍ଟ କରି ଶୁଦ୍ଧ ସାତ୍ତ୍ୱିକତାର ପ୍ରତିଷ୍ଠା ନିମନ୍ତେ ସେ ମସର୍ତ୍ତକୁ ଆସିଥିଲେ। ସର୍ବଶକ୍ତିମାନ ସର୍ବେଶ୍ୱର ହୋଇ ମଧ୍ୟ ରାଜପ୍ରାସାଦ ତ୍ୟାଗ କରି ଗୋପପୁରର ଧୂଳିମାଟିରେ ନିଜକୁ ସମର୍ପଣ କରିବା ଦର୍ଶାଏ ଯେ, ପ୍ରକୃତ ମହାନ୍ ବ୍ୟକ୍ତିତ୍ୱ କ୍ଷମତାର ପ୍ରଦର୍ଶନରେ ନୁହେଁ, ବରଂ ନିରହଂକାର ସେବା ଓ ସରଳତାରେ ହିଁ ବିକଶିତ ହୁଏ।

ଦିବ୍ୟ ପ୍ରଣୟ, ରାସୋଲ୍ଲାସ ଓ ଅଲୌକିକ ରୂପକଳ୍ପ: ଶ୍ରୀକୃଷ୍ଣଙ୍କ ପ୍ରେମ-ଦର୍ଶନ ଲୌକିକ କାମନା ଓ ଶାରୀରିକ ଆସକ୍ତିର ସଂକୀର୍ଣ୍ଣ ପରିସୀମାରୁ ସମ୍ପୂର୍ଣ୍ଣ ମୁକ୍ତ। ଯମୁନା କୂଳରେ, ଶରତ ଋତୁର ଜ୍ୟୋତ୍ସ୍ନାପ୍ଲାବିତ ରଜନୀରେ ଅନୁଷ୍ଠିତ ଅଲୌକିକ ରାସ କୌଣସି ସାଧାରଣ ନୃତ୍ୟ ନୁହେଁଟି ତାହା ଥିଲା ଜୀବାତ୍ମା ସହିତ ପରମାତ୍ମାର ପରମ ମହାମିଳନ। ସେହି ଦିବ୍ୟ ମିଳନର ବୃନ୍ଦାବନର ବଂଶୀଧାରୀ ନୁହନ୍ତି, ସେ ହେଉଛନ୍ତି ସର୍ବୈଶ୍ୱର୍ଯ୍ୟଶାଳୀ ଲକ୍ଷ୍ମୀକାନ୍ତ ପରମପୁରୁଷ ରମେଶ। ଗଣ୍ଡିରୁ ମୁକ୍ତ ହୋଇ ବିଶ୍ୱପ୍ରେମରେ ଆତ୍ମବିସର୍ଜନ କରିବାର ମାର୍ଗ ଉନ୍ମୁକ୍ତ କରେ।

ଶ୍ରୀକୃଷ୍ଣଙ୍କ ଲୀଳାରେ ଯେଉଁ ଐହିକ ରୂପ ଦୃଶ୍ୟମାନ ହୁଏ, ତାହା ଚର୍ମଚକ୍ଷୁ ନିମନ୍ତେ ଏକ ରୂପାଭାସ ମାତ୍ର। ସାଧାରଣ ଦୃଷ୍ଟିରେ ଯାହା କେବଳ ଗୋପାଳ ବାଳକର ବାଲ୍ୟଚପଳତା କିମ୍ବା ଗୋପୀଙ୍କ ସହ ବିଳାସ ପରି ପ୍ରତୀତ ହୁଏ, ତା'ର ଗଭୀରରେ ନିହିତ ଥାଏ ସମଗ୍ର ବ୍ରହ୍ମାଣ୍ଡର ପରିଚାଳନା ଶକ୍ତି। ଜଡ଼ ପ୍ରକୃତି ଓ ଅମୃତ ଚେତନାର ଏହି ଅପୂର୍ବ ସମନ୍ୱୟ ଏକ ଚିରନ୍ତନ ରୂପକଳ୍ପାଭାସ ସୃଷ୍ଟି କରେଯାହା ମାଧ୍ୟମରେ ସୀମିତ ବୁଦ୍ଧିସମ୍ପନ୍ନ ମଣିଷ ଅସୀମ ଚେତନାକୁ ନିଜ ହୃଦୟରେ ଉପଲବ୍ଧି କରିପାରେ।

ଜୀବନୋଲ୍ଲାସ, ମାଧୁର୍ଯ୍ୟ ଓ ରସବିଳାସ: ଶ୍ରୀକୃଷ୍ଣଙ୍କ ଜୀବନଦର୍ଶନ ନୈରାଶ୍ୟବାଦୀ ବା ଶୁଷ୍କ ବୈରାଗ୍ୟର ସମର୍ଥକ ନୁହେଁ। ତାଙ୍କ ବଂଶୀଧ୍ୱନି, ଯମୁନା କୂଳର କ୍ରୀଡ଼ା ଏବଂ ବୃନ୍ଦାବନର ପ୍ରତିଟି ଲୀଳାରେ ଝଙ୍କୃତ ହେଉଥିବା ରଙ୍ଗରସ ମାନବକୁ ଆଶାବାଦୀ ହୋଇ ପ୍ରତ୍ୟେକ ମୁହୂର୍ତ୍ତକୁ ଆନନ୍ଦର ସହ ବଞ୍ଚିବା ପାଇଁ ପ୍ରେରଣା ଦିଏ। ସେ କେବଳ



ମନୋଜ କୁମାର ଶତପଥୀ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩, ନୟାଗଡ଼, ୯୯୩୮୫୫୯୫୬୮

ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଏପରି ସୁସଙ୍ଗତିପୂର୍ଣ ସମନ୍ୱୟ ବିଶ୍ୱ ଇତିହାସରେ ବିରଳ। ତାଙ୍କର ଚିଦାନନ୍ଦମୟ ରସବିଳାସ କାମୁକତାର ପରିଭାଷା ନୁହେଁ, ବରଂ ଜୀବନର ସମସ୍ତ ସୁଖ-ଦୁଃଖ, ଭାବ-ଅଭାବ ଓ ଅନୁଭୂତିକୁ ଏକ ପବିତ୍ର ଦିବ୍ୟ ଚେତନାରେ ରୂପାନ୍ତରିତ କରିବାର ପରମ କଳା।

ଶ୍ରୀକୃଷ୍ଣ-ଚେତନାର ସାର୍ବଜନୀନ ମୂଲ୍ୟବୋଧ: ମାନବ ସମାଜର ଉନ୍ନତି ଓ ଶାନ୍ତି ପାଇଁ ଶ୍ରୀକୃଷ୍ଣଙ୍କ ଜୀବନରୁ ପ୍ରାପ୍ତ ମୂଲ୍ୟବୋଧଗୁଡ଼ିକ ଅତ୍ୟନ୍ତ ପ୍ରାସଙ୍ଗିକ: ମାନବୀୟ ଓ ସାମାଜିକ ମୂଲ୍ୟବୋଧ: ଦରିଦ୍ର ସଖା ସୁଦାମାଙ୍କୁ ସ୍ନେହରେ ଆଲିଙ୍ଗନ କରିବା ଏବଂ ବିଦୁରଙ୍କ ଘରେ ଶାକ ଭକ୍ଷଣ କରିବା ମାଧ୍ୟମରେ ସେ ସମାଜରୁ ଉଚ୍ଚ-ନୀଚ ଓ ଧନୀ-ଦରିଦ୍ର ଭେଦଭାବକୁ ଦୂର କରି ସାମାଜିକ ସମାନତାର ଶ୍ରେଷ୍ଠ ବାର୍ତ୍ତା ଦେଇଥିଲେ।

ଯୌକ୍ତିକ ଓ ନୈତିକ ମୂଲ୍ୟବୋଧ: କୁରୁକ୍ଷେତ୍ରର ଯୁଦ୍ଧାଙ୍ଗଣରେ ପ୍ରଦତ୍ତ ଶ୍ରୀମଦ୍ଭଗବଦ୍‌ଗୀତା କୌଣସି ଅନ୍ଧବିଶ୍ୱାସର ପ୍ରଚାର ନୁହେଁ, ବରଂ ଏକ ଉଚ୍ଚକୋଟୀର ତର୍କସଙ୍ଗତ ମନସ୍ତତ୍ତ୍ୱ। 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ' ଏହି ମହାବାକ୍ୟ ମଣିଷକୁ ଫଳର ଆସକ୍ତିରୁ ମୁକ୍ତ ହୋଇ ନିଃସାର୍ଥପର ଭାବେ କର୍ତ୍ତବ୍ୟ କରିବାକୁ ଉପଦେଶ ଦିଏ।

ଦାର୍ଶନିକ ମୂଲ୍ୟବୋଧ: ସଂସାରକୁ ତ୍ୟାଗ କରି ପଳାୟନବାଦୀ ନହୋଇ, ସଂସାର ଭିତରେ ରହି ପଦ୍ମପତ୍ରରେ ଜଳବିନ୍ଦୁ ସଦୃଶ ନିର୍ଲିପ୍ତ ଭାବେ ଧର୍ମ ପାଳନ କରିବା ହିଁ ତାଙ୍କ ଜୀବନର ଚରମ ଶିକ୍ଷା। ଶ୍ରୀକୃଷ୍ଣଙ୍କ ଏହି ଦିବ୍ୟ ଚିନ୍ତନକୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ପ୍ରୟୋଗ କଲେ ସମଗ୍ର ବିଶ୍ୱରୁ ହିଂସା, ଦ୍ୱେଷ ଓ ଅଶାନ୍ତି ଦୂର ହୋଇ ପାରସ୍ପରିକ ସୌହାପରି, ସ୍ଥାୟୀ ଶାନ୍ତି, ସମୃଦ୍ଧି ଏବଂ ସାମଗ୍ରିକ ପ୍ରଗତି ସମ୍ଭବ ହୋଇପାରିବ।

ରସଶେଖର ଶ୍ରୀକୃଷ୍ଣ କେବଳ ଭକ୍ତିର ଏକ ବିମୂର୍ତ୍ତ ବିଗ୍ରହ ନୁହନ୍ତି, ବରଂ ସେ ମାନବ ଚେତନାର ପରମ ଉତ୍ତରଣ ଓ ବିଶ୍ୱବ୍ରହ୍ମାଣ୍ଡୀୟ ସୌନ୍ଦର୍ଯ୍ୟବୋଧର ଚିରନ୍ତନ ଆଲେଖ୍ୟ। ତାଙ୍କର ଦିବ୍ୟ ରସ, ମହାଭାବମୟ ରାସ ଏବଂ ଅପ୍ରମେୟ ଜୀବନ-ରହସ୍ୟ ଆଜିର ଯନ୍ତ୍ରଣାକ୍ଲିଷ୍ଟ ଓ ବିଭାଜିତ ମାନବ ସମାଜକୁ ସାର୍ଥପରତା ଓ ରାଜସ ଅହଂକାରରୁ ମୁକ୍ତ ହୋଇ ପ୍ରେମର ପରମାନନ୍ଦରେ ଅବଗାହନ କରିବାର ଅମୃତ ବାର୍ତ୍ତା ପ୍ରଦାନ କରେଟି ଯେଉଁଠି ପରମପୁରୁଷ ରମେଶଙ୍କ ପ୍ରେରଣାରେ ଜୀବନର ସମସ୍ତ ରଙ୍ଗରସ, ଅଲୌକିକ ରାସୋଲ୍ଲାସ, କ୍ଷଣସ୍ଥାୟୀ ରୂପାଭାସ, ଚିଦାନନ୍ଦମୟ ରସବିଳାସ ଓ ଆଧ୍ୟାତ୍ମିକ ରୂପକଳ୍ପାଭାସ ଏକତ୍ର ସମନ୍ୱିତ ହୋଇ ବିଶ୍ୱ-ମାନବତାକୁ ନୈତିକତାର ଦୃଢ଼ ଭିତ୍ତିଭୂମି ତଥା ସ୍ଥାୟୀ ଶାନ୍ତି, ସମୃଦ୍ଧି ଓ ସର୍ବାଙ୍ଗୀଣ ପ୍ରଗତିର ଏକ ନିରବଚ୍ଛିନ୍ନ ଦିଗ୍‌ଦର୍ଶନ ଦେଇଥାଏ।

ଗୁଡ଼ା ରାଇଜର ଚକୋଟିଆ ଭୁଞ୍ଜିଆ

ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ସୁନାବେଡ଼ା ଅଭୟାରଣ୍ୟ ଏବଂ ଓଡ଼ିଶା ଛତିଶଗଡ ରାଜ୍ୟ ର ଉଦନ୍ତି ଅଞ୍ଚଳ ମିଶି 'ଗୁଡ଼ା ରାଇଜ' ନାମରେ ପରିଚିତ। ଫେବୃୟାରୀ ମାସ ରେ ସେଠାରେ ଯାଇ ଅନୁଭବ କଲି ପୃଥିବୀର ସର୍ବ ପୁରାତନ ଜୀବନ୍ତ ସଭ୍ୟତା ଆଜି ବି ସେଠାରେ ବଞ୍ଚି ରହିଚି। ଯିଏ ମାନବ ପ୍ରଜାତି ର ସମସ୍ତ ସଭ୍ୟତାର ଜନ୍ମ ବିଲୟ ନିଜ ଆଖିରେ ଦେଖିଛି। ଏହି ସଭ୍ୟତାର ଏକ ସମର୍ପିତ ଜାତି ଭୁଞ୍ଜିଆ। (ଓଡ଼ିଶା ବ୍ୟତିତ ଛତିଶଗଡ଼ରେ ଏମାନେ ଜନଜାତି ରେ ଗଣା) । ଗୁଡ଼ା ଅର୍ଥାତ୍ ଚଢେଇ ବସା। ଚଢେଇ ବସା ପାଖକୁ ଗଲେ ଉପରକୁ ଚଢ଼ି ଯିବାରୁ ହୁଏ। ସେହିପରି ଗୁଡ଼ା ରାଇଜକୁ ଓଡ଼ିଶା ବା ଛତିଶଗଡ଼ କ୍ଷେତ୍ରରୁ ଗଲେ ପ୍ରାୟ ୩,୫୦୦ ଫୁଟ ଉପରକୁ ଯିବାକୁ ହୁଏ। ଗୁଡ଼ା ରାଇଜ ରେ ଭୁଞ୍ଜିଆ, ପହରିଆଙ୍କ ସହ ଗଣ୍ଡ ଜନଜାତି ବାସ କରୁଚନ୍ତି। ଗଣ୍ଡ ହେଉଛନ୍ତି ଭାରତର ପ୍ରାଚୀନ ଜନଜାତି। ସେମାନଙ୍କ ଏକ ଶାଖା ଜାତି ହେଲେ ଚକୋଟିଆ ଭୁଞ୍ଜିଆ। ସେମାନଙ୍କ ଜୀବନ ଶୈଳୀ, ତାଙ୍କ ସଂସ୍କୃତି ପରମ୍ପରା ସବୁକିଛି ସେଇ ଆଦିମ ଜନଜାତି ସଦୃଶ। ପ୍ରାଚୀନ ଭାରତୀୟ ଦର୍ଶନ ଓ ପରମ୍ପରା ର ମୂଳ ସରୁପ ଆଜି ମଧ୍ୟ ଅନ୍ୟ ଦୁର୍ଲଭ ଜନଜାତି ପରି ଗୁଡ଼ା ରାଇଜ ରେ ପରିଲକ୍ଷିତ ହୁଏ। ଭାରତୀୟ ତନ୍ତ୍ର ର ମୂଳ ସ୍ ?ରୁପ ଗୁଡ଼ା ରାଇଜ ର ଭୁଞ୍ଜିଆ ପହରିଆ ଙ୍କ ଜୀବନ ଚର୍ଯା ରେ ଦେଖାଯାଏ। ଭୁଞ୍ଜିଆ ମାନଙ୍କ ସମ୍ପର୍କ ରେ ଇତି

ରମଜାନରେ କାହିଁକି ଖଜୁରୀ ଖାଇ ଖୋଲାଯାଏ ରୋଜା ?
ଜାଣନ୍ତୁ ଏହାର ପଛର କାରଣ ?

ସନ୍ଧ୍ୟା ସମୟରେ, ସୂର୍ଯ୍ୟ ଅସ୍ତ ହେବା ପରେ ଇଫତାରରେ ସମୟରେ ରୋଜା ଖୋଲାଯାଏ । ଇଫତାରର ଏକ ସତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ସାଧାରଣତଃ ପ୍ରଥମେ ଖଜୁରୀ ଖାଇ ଉପବାସ ଭଙ୍ଗାଯାଏ । ଏହି ପରମ୍ପରା କେବଳ ଏକ ପ୍ରଥା ନୁହେଁ, ଏହାର ଗଭୀର ଧାର୍ମିକ ମହତ୍ତ୍ୱ ରହିଛି । ଜାଣନ୍ତୁ ଏହା ବିଷୟରେ....

ମୁସଲମାନ ସମ୍ପ୍ରଦାୟର ପବିତ୍ର ରମଜାନ ମାସ ୧୯ ତାରିଖରୁ ଆରମ୍ଭ ହୋଇଯାଇଛି । ଏହି ମାସରେ ପ୍ରତ୍ୟେକ ରୋଜା ବା ଉପବାସ ରଖନ୍ତି ପ୍ରତ୍ୟେକ ମୁସଲମାନ । ରମଜାନ୍ ମାସରେ ସଂଯମ ରକ୍ଷା କରି କ ଆଲାହଙ୍କ ପାଖରେ ମନ ନିବେଶ କରିବା ଉପରେ ଗୁରୁତ୍ୱ ଦିଆଯାଇଥାଏ ।



ପ୍ରତ୍ୟେକ ଦିନ ରୋଜା ଆରମ୍ଭ ହୁଏ ସହରି ବା ପ୍ରତ୍ୟୁଷ ଭୋଜନ ପରେ । ଦିନ ତମାମ ବିନା ଜଳ, ଖାଦ୍ୟରେ ରହିବା ପରେ ସନ୍ଧ୍ୟାରେ ରୋଜା ଭଙ୍ଗ ହୁଏ ଇଫତାର ବା ରାତ୍ର ଭୋଜନ ସହିତ । ଏହି ରୋଜା ଖଜୁରି କୋଳି ଖାଇବା ସହିତ ଭଙ୍ଗ କରାଯାଏ । ତେବେ ଏଠାରେ ପ୍ରଶ୍ନ ଉଠେ, କାହିଁକି କେବଳ ଖଜରା ବା ଖଜୁରି ଖାଇ ରୋଜା ଭଙ୍ଗ କରାଯାଏ ?

କୁହାଯାଏ ମହାପୁରୁଷ ମହମ୍ମଦ ଖଜୁରି ଖାଇବାକୁ ବିଶେଷ ପସନ୍ଦ କରୁଥିଲେ ଏବଂ ଏହା ଖାଇ ସେ ରୋଜା ଭଙ୍ଗ କରୁଥିଲେ । ଏଣୁ ଏହି ପରମ୍ପରାକୁ ମୁସଲମାନ ସମୁଦାୟ ପାଳନ କରି ଆସୁଛନ୍ତି । ଖଜୁରି ଖାଇ ରୋଜା ଭଙ୍ଗ ପାକ୍ ବା ପବିତ୍ର ବୋଲି ଗ୍ରହଣ କରାଯାଇଛି । ଏହି ଧାର୍ମିକ କାରଣ ବ୍ୟତୀତ ଖଜୁରି ଖାଇ ଉପବାସ ଭଙ୍ଗ କରିବା ପଛରେ ବି ରହିଛି ବୈଜ୍ଞାନିକ କାରଣ । ଖଜୁରି ସ୍ୱାସ୍ଥ୍ୟ ପାଇଁ ଉପାଦେୟ ଅଟେ । ଦିନ ତମାମ ଉପବାସ ରଖୁଥିବା ରୋଜାଧାରୀମାନଙ୍କର ଶରୀରରେ ସ୍ୱାଭାବିକ ଭାବେ ଶର୍କରା ତଥା ଜଳ ପରିମାଣ କମିଯାଏ । ଖଜୁରିରେ ରହିଛି ପ୍ରାକୃତିକ ଶର୍କରା, ଯାହା ଶରୀରକୁ ତୁରନ୍ତ ଶକ୍ତି ଯୋଗାଏ ହେଲେ ଶରୀର କ୍ଷତି କରେ ନାହିଁ । ଏଥିରେ ପ୍ରଚୁର ପରିମାଣର ତନ୍ତ୍ୱବା ଫାଇବର ରହିଛି ।

ବେଲପତ୍ର ଖାଇବା ଦ୍ୱାରା ମିଳିବ ଏହିସବୁ ଫାଇଦା

ହିନ୍ଦୁ ଧର୍ମ ଅନୁସାରେ ବେଲପତ୍ର ମୁଖ୍ୟତଃ ମହାଦେବଙ୍କ ଅତି ପ୍ରିୟ ହୋଇଥାଏ। ତେଣୁ ମହାଦେବଙ୍କ ପୂଜାରେ ବେଲପତ୍ରକୁ ଆଗ ଖୋଜା ପଡେ । କେବଳ ଏହି ବେଲପତ୍ର ପୂଜା,ପର୍ବରେ ବ୍ୟବହାର କରାଯାଏ ନାହିଁ ଏହି ପତ୍ର ଅନେକ ରୋଗ ପାଇଁ ବି ରାମବାଣ ପରି କାମ କରେ । ଆଉ ଅଯଥା ମେଡିସିନ ମଧ୍ୟ ଖାଇବାକୁ ପଡିବନି । ଆୟୁର୍ବେଦ ଅନୁସାରେ , ପ୍ରତିଦିନ ସକାଳୁ ଖାଲି ପେଟରେ ୨ ରୁ ୩ ଟି ବେଲପତ୍ର ଚୋବାଇ ଖାଇଲେ ପେଟ ସମ୍ବନ୍ଧୀୟ ରୋଗ ଦୂର ହୁଏ । ଶରୀରରେ ଡିଟକ୍ସ , ହଜମ,ଡାଏବେଟିସ୍ ଏବଂ ଇମ୍ୟୁନିଟି ବୁଷ୍ଟର୍ ଭଳି କାମ କରେ ବେଲପତ୍ର । ପୋଷକ ତତ୍ତ୍ୱରେ ଭରପୂର ଏହି ପତ୍ରରେ ଭିଟାମିନ୍ ଏ,ସି,ବି ଏବଂ ବି୬ ଭରପୂର ମାତ୍ରାରେ ଥାଏ । ପ୍ରତିଦିନ ସକାଳୁ ବେଲପତ୍ର ଚୋବାଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିବା ସହ ନାନାଦି ରୋଗରୁ ମୁକ୍ତି ମଧ୍ୟ ମିଳେ । ପୂର୍ବରୁ ବାପା , ଜେଜେବାପା ବାରି,ବଗିଚାକୁ ଗଲେ ବେଲ ପତ୍ର ତୋଳି ଆଣୁଥିଲେ । ବେଳେ ବେଳେ ପୂଜା ପାଇଁ ତ ଆଉ କେତେବେଳେ ଚୋବାଇ ଖାଇବା ପାଇଁ । ବର୍ତ୍ତମାନ ପ୍ରତିଟି ରୋଗ ପାଇଁ ଔଷଧ ମିଳୁଥିଲେ ହେଁ ଗାଁ ମାନଙ୍କରେ ଆଜି ବି ପାଚନ ପ୍ରକ୍ରିୟାରେ ଅସୁବିଧା ହେଲେ ବେଲପତ୍ରକୁ ଚୋବାଇ ଖିଆଯାଏ । ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ପାଇଁ ବେଲପତ୍ରକୁ ଲାଭକାରୀ ବୋଲି କୁହାଯାଇଛି । ପ୍ରତିଦିନ ସକାଳୁ ବେଲପତ୍ର ଖାଇଲେ ପେଟ ସଫା ହୁଏ ଏବଂ ପାଚନକ୍ରିୟା ମଜବୁତ ହୁଏ । ଏଥିରେ ଥିବା ଫାଇବର୍ ଏବଂ ଡିଟକ୍ସିଫାଇଙ୍ଗ୍ ତତ୍ତ୍ୱ ପେଟ ସଫା ରଖିବାରେ ସାହାଯ୍ୟ କରେ । କୋଷ୍ଠକାଠିନ୍ୟ,ଏସିଡିଟି ଏବଂ ଗ୍ୟାସ୍ ପାଇଁ ବେଲପତ୍ର ମହୌଷଧି ସମାନ । ଏଥିରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ଶରୀରରେ ବ୍ଲଡ୍ ସୁଗାର୍ ସ୍ତରକୁ କଣ୍ଟ୍ରୋଲ୍ କରିବାରେ ସହାୟକ ହୁଏ । ପ୍ରତିଦିନ ବେଲପତ୍ର ଖାଇବା ଦ୍ୱାରା ଶରୀରରେ ଇନସୁଲିନ୍ କ୍ଷମତା ଉନ୍ନତ ହୁଏ ଏବଂ ବ୍ଲଡ୍ ଗ୍ଲୁକୋଜ ସ୍ତର କାବୁରେ ରୁହେ । ଏଥିରେ ଥିବା ପୋଟାସିୟମ ଏବଂ ଫାଇଟୋକେମିକାଲ୍ ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିଥାଏ । ଷ୍ଟ୍ରେସ୍ ହରମୋନ୍ ବା କାର୍ଟିସୋଲକୁ କମାଇ ହୃଦୟ କାର୍ଯ୍ୟକ୍ଷମତାକୁ ଏହା ଉନ୍ନତ କରିଥାଏ । ଏହା କୋଲେଷ୍ଟ୍ରୋଲକୁ କମ୍ କରି ହୃଦୟ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଯାହାଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ବିପଦ କମ୍ ହୁଏ । ପ୍ରତିଦିନ ବେଲପତ୍ର ଖାଇବା ଦ୍ୱାରା ଶରୀରରେ ଏନର୍ଜି ବୃଦ୍ଧି ହୁଏ । ଏହା ଲିଭରକୁ ଡିଟକ୍ସ କରି ଶରୀରରେ ମେଟାବଲିଜମକୁ ବୃଦ୍ଧି କରେ । କେବଳ ପତ୍ର ନୁହେଁ ବେଲ ଖାଇଲେ ମଧ୍ୟ ଶରୀରକୁ ଅନେକ ଫାଇଦା ମିଳିଥାଏ । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟସ ଭାଇରାଲ୍ ଇନଫେକ୍ସନ,କାଶ,ଛିଙ୍କ ଏବଂ ଋତୁକାଳୀନ ଜ୍ୱରକୁ ଭଲ କରିବାର ସାମର୍ଥ୍ୟ ରଖେ । ବେଲ ପତ୍ରକୁ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରି ଆପଣ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିପାରିବେ । ଗରମ ଦିନରେ ଏହାକୁ ଦହି କିମ୍ବା ଘୋଳ ଦହି ସହ ମିଶାଇ ଖାଇଲେ ଶରୀର ଥଣ୍ଡା ରୁହେ । ଏହା ଏସିଡିଟି କମ୍ କରିବା ସହ ପେଟ ଜଳାପୋଡ଼ା ଏବଂ ଭାରିପଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ।



କୋଲେଷ୍ଟ୍ରଲ ସହ ଏହି ସବୁ ସମସ୍ୟାକୁ ଦୂର କରେ ଚିଆ ସିଡ୍ସ ଓ ଲେମ୍ବୁ



ଚିଆ ସିଡ୍ସ ଓ ଲେମ୍ବୁ ରସ ଖୁବ୍ ଉପକାରୀ । ଓଜନ ହ୍ରାସ କ୍ଷେତ୍ରରେ ଉଭୟଙ୍କ ଅବଦାନ ଅତୁଳନୀୟ । ଚିଆ ସିଡ୍ସ ଏବଂ ଲେମ୍ବୁ ମିଶ୍ରଣ ଶରୀର ପାଇଁ ଏକ ସୁପରଫୁଡ୍ ଭାବରେ କାର୍ଯ୍ୟ କରେ । ଏହି ଦୁଇଟି ସାମଗ୍ରୀକୁ ଏକାଠି ପିଇବା ଦ୍ୱାରା ଏହାର ପୋଷକ ତତ୍ତ୍ୱ ବହୁଗୁଣିତ ହୋଇଯାଏ । ଓଜନ ହ୍ରାସ ସହ ଆଉ କି କି ଫାଇଦା ମିଳେ, ଜାଣନ୍ତୁ...

ଚିଆ ସିଡ୍ସ ଏବଂ ଲେମ୍ବୁ ପାଣି ପିଇବାର ଫାଇଦା: କୋଲେଷ୍ଟ୍ରଲ ହ୍ରାସ କରେ- ଚିଆ ସିଡ୍ସରୁ ଓମେଗା-୩ ଫ୍ୟାଟି ଏସିଡ୍ ମିଳିଥାଏ, ଯାହା ହୃଦୟକୁ ସୁସ୍ଥ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଚିଆ ସିଡ୍ସ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ ହ୍ରାସ ପାଇଥାଏ ଏବଂ ଭଲ କୋଲେଷ୍ଟ୍ରଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ । ଏହା ଦ୍ୱାରା ହୃଦରୋଗ ହେବାର ଆଶଙ୍କା ମଧ୍ୟ କମିଯାଏ । ଏହା ବ୍ୟତୀତ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସିରେ ଭରପୂର ଲେମ୍ବୁ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିଥାଏ । ରକ୍ତଚାପ ଉନ୍ନତ ହୁଏ ଏବଂ ହୃଦୟର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ ।

ହଜମ ପ୍ରକ୍ରିୟାରେ ଉନ୍ନତି- ଲେମ୍ବୁ ସହିତ ଚିଆ ସିଡ୍ସ ପାଣି ପିଇବାର ଆଉ ଏକ ଉପକାର ହେଉଛି ହଜମ ପ୍ରକ୍ରିୟାରେ ଉନ୍ନତି । ଚିଆ ସିଡ୍ସ ପାଣି ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପୂରା ପୂରା ଲାଗିଥାଏ, ବିଶେଷ ଭୋକ ହୋଇନଥାଏ । ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ । ଏହା ବ୍ୟତୀତ ଚିଆ ସିଡ୍ସ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟକୁ ସଫା ରଖିଥାଏ । କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ଲେମ୍ବୁ ରସ ଶରୀରରେ ପିତ୍ତ ଉତ୍ପାଦନକୁ ମଧ୍ୟ ବଢାଇଥାଏ, ଯାହା ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଚିଆ ଏବଂ ଲେମ୍ବୁକୁ ମିଶାଇ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ । ଓଜନ ହ୍ରାସ- ଓଜନ ହ୍ରାସ ପାଇଁ ଚିଆ ସିଡ୍ସ ଏବଂ ଲେମ୍ବୁ ଖୁବ୍ ଉପକାରୀ । ଲେମ୍ବୁ କ୍ୟାଲୋରୀ ବୃଦ୍ଧି କରିବାକୁ ଦେଉ ନ ଥିବାବେଳେ ଚିଆ ସିଡ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ । ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ ।

ଆପଣ ଅଧିକ ରାତିରେ ଖାଦ୍ୟ ଖାଉଛନ୍ତି କି, ହେଇଯାନ୍ତୁ ସାବଧାନ



ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ପାଇଁ ସଠିକ ସମୟରେ ଖାଦ୍ୟ ଖାଇବା ଖୁବ୍ ଆବଶ୍ୟକ । କାରଣ ଅସମୟରେ ଖାଦ୍ୟ ଖାଇବା ଦ୍ୱାରା ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ । ଯେହେତୁ ଆମ ଶରୀର ମଧ୍ୟ ଖାଦ୍ୟପେୟ ପାଇଁ ଏକ ସମୟ ନିର୍ଦ୍ଧାରିତ କରିଥାଏ ଯାହାକୁ ଆମେ ଆନ୍ତର୍ନିହିତ ଘଡ଼ି କହିଥାଉ । ଯଦି ଆମେ ବିଳମ୍ବ କିମ୍ବା ଅସମୟରେ ଖାଦ୍ୟ ଖାଇବେ ତେବେ ଏହା ଶରୀର ସହିତ ଆମର ଲିଭର ବା ଯକୃତ ଉପରେ ସିଧାସଳଖ କୁପ୍ରଭାବ ପକାଇଥାଏ । ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆମ ଶରୀରରେ ଲିଭର ନିଜସ୍ୱ ଏକ ସମୟଚକ୍ର ରହିଛି । ଲିଭର ଆମ ଶରୀରର ରକ୍ତରେ ପ୍ରବାହିତ ପ୍ରମୁଖ ପ୍ରୋଟିନ ତତ୍ତ୍ୱକୁ ସଂଶ୍ଳେଷଣ କରିଥାଏ । ନୂତନ ପ୍ରକାଶିତ ତଥ୍ୟ ଅନୁଯାୟୀ ଲିଭର ୨୪ ଘଣ୍ଟା ଏକ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିଥାଏ । ରକ୍ତକୁ ପ୍ରୋଟିନ ପ୍ରଦାନ କରିଥାଏ । କେବଳ ଭାରତରେ ନୁହେଁ ବିଶ୍ୱର ସମସ୍ତ ଦେଶରେ ଯେହେତୁ କର୍ମଚାରୀ ମାନେ ବିଭିନ୍ନ ସିଫ୍ଟ ହିସାବରେ କାର୍ଯ୍ୟ କରୁଥାନ୍ତି ସେଥିପାଇଁ ସେମାନେ ଅସମୟରେ ଖାଦ୍ୟଗ୍ରହଣ କରିଥାନ୍ତି । ଯଦ୍ୱାରା ତାଙ୍କ ଲିଭରର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥାଏ । ଅସମୟରେ ଖାଦ୍ୟ ଗ୍ରହଣ କରିବା ଲିଭରର ସର୍କେଡିଆନ ରିଦମ୍ କୁ ପ୍ରଭାବିତ କରିଥାଏ । ଶରୀରର ସମୟ ଅନୁଯାୟୀ ଲିଭର ପ୍ରୋଟିନ କ୍ଷରଣ କରୁଥିବାରୁ ଅସମୟରେ ଖାଇବା ଦ୍ୱାରା ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଲିଭରର କାର୍ଯ୍ୟକାରିତା ୨୪ ଘଣ୍ଟାରୁ ଅଧିକ ସମୟ ଧରି ବାଧାପ୍ରାପ୍ତ ହେଲେ ଏହା ଶରୀର ପ୍ରତି ଘାତକ ସାଜିପାରେ । ଏଥିପାଇଁ ଦୀର୍ଘକାଳୀନ ମେଦବହୁଳତା ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଏହି ଅଧ୍ୟୟନ ଲିଭରର କାର୍ଯ୍ୟକାରିତା ଓ ମେଦବହୁଳତା ମଧ୍ୟରେ ସାମଞ୍ଜସ୍ୟ ଉପରେ ଆଲୋକପାତ କରିଛି ।ଲିଭର କିପରି ମଲେକ୍ୟୁଲାର ସ୍ତରରେ କାର୍ଯ୍ୟ କରେ ଏବଂ ଏହାର ଶରୀର ଉପରେ କେଉଁ ପ୍ରଭାବ ରହିଛି ସେନେଇ ଏହି ଅଧ୍ୟୟନ ପ୍ରକାଶ ପାଇଛି । ଏହା ଆମର ପ୍ରତିଦିନର ଦିନଚର୍ଯ୍ୟା ଓ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି ।

ଘରୋଇ ଉପାୟରେ ଦୂରହେବ କେଶ ଝଡ଼ିବା ସମସ୍ୟା

ଆପଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବର୍ତ୍ତମାନ ସମୟରେ ଲୋକମାନଙ୍କ ଖାଦ୍ୟପେୟ ଏବଂ ଜୀବନଶୈଳି ପରିବର୍ତ୍ତନ ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବା ସହିତ ବିଭିନ୍ନ ପ୍ରକାର ରୋଗ ମଧ୍ୟ ଦେଖାଯାଉଛି । ଆମେ ଅନେକ ସମୟରେ ଆମ କେଶ ଏବଂ ତ୍ୱଚାର ସୁନ୍ଦରତା ପାଇଁ ଅନେକ ପ୍ରଡକ୍ଟ ବ୍ୟବହାର କରିଥାଉ । କିନ୍ତୁ ଏହା ବେଳେବେଳେ ଆମ ଉପରେ ନକାରାତ୍ମକ ପ୍ରଭାବ ପକାଏ । ଯଦି ଆପଣଙ୍କ କେଶ ଝଡ଼ିବା ଏବଂ ଫାଟିବା ଯୋଗୁ ଆପଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଆପଣାନ୍ତୁ ଏହି ଉପାୟ । ପ୍ରତିଦିନ କେଶରେ ତେଲ ଲଗାଇ ମାଲିସ କରନ୍ତୁ । ଏହା ସହ କେଶକୁ ଲମ୍ବା କରିବାକୁ, ସାଧାରଣ ତେଲ ଲଗାଇବା ପରିବର୍ତ୍ତେ, ଏଥିରେ କଳାଜିରା ମିଶାନ୍ତୁ କିମ୍ବା ପିଆଜ ରସ ମିଶାନ୍ତୁ ଯାହା ଦ୍ୱାରା କେଶ ଲମ୍ବା ହେବାସହିତ କେଶକୁ ମୋଟା କରିବାରେ ସାହାଯ୍ୟ କରିଥାଏ । କେଶରେ ପିଆଜ ରସ ଲଗାଇଲେ କେଶ କଳା ହୋଇଯାଏ ଏବଂ ଅଧିକ ବଢିବାକୁ ଲାଗିଥାଏ ।

ପିଆଜ ଏବଂ କଳାଜିରା ତେଲ କିପରି ତିଆରି କରିବେ



ପିଆଜ ଏବଂ କଳାଜିରା ତେଲ ତିଆରି କରିବା ପାଇଁ ସୋରିଷ ତେଲ କିମ୍ବା ନଡ଼ିଆ ତେଲ ନିଅନ୍ତୁ । ଏହା ପରେ ଏକ ପ୍ୟାନରେ ତେଲ ନେଇ ଗରମ କରନ୍ତୁ ଏବଂ ତେଲ ଗରମ ହୋଇଗଲେ ଏଥିରେ ୧ ଚାମଚ କଳାଗିରା ମିଶାନ୍ତୁ । ପରେ ତେଲରେ ଛୋଟ ଛୋଟ ଖଣ୍ଡ ପିଆଜ କଟା ପକାନ୍ତୁ ଏବଂ ପିଆଜକୁ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଏହା ସହ ଯଦି ଆପଣ ଚାହିଁବେ, ଆପଣ ଏଥିରେ ୧ ଚାମଚ କଳାଜିରା ମଧ୍ୟ ମିଶାଇ ସବୁକିଛି ଭଲ ଭାବେ ଫୁଟାଇ ପାରିବେ । ଏହା ପରେ ତେଲକୁ ଥଣ୍ଡା ହେବାକୁ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ପ୍ୟାନରେ ଛାଡି ଦିଅନ୍ତୁ । ଯେତେବେଳେ ତେଲ ଥଣ୍ଡା ହୋଇଯିବ, ଏହାକୁ ଏକ ପାତ୍ରରେ ଛାଣନ୍ତୁ ଏବଂ କେଶରେ ତେଲ ଭଲ ଭାବରେ ଲଗାନ୍ତୁ । ଅବଶିଷ୍ଟ ବଞ୍ଚି ଥିବା ତେଲକୁ ଏକ ବୋତଲରେ ରଖନ୍ତୁ ଏବଂ କେଶ ଧୋଇବା ପୂର୍ବରୁ ଏହାକୁ ମାଲିସ୍ କରନ୍ତୁ । ଏହି ତେଲକୁ ସପ୍ତାହରେ ଅତି କମରେ ୨ ରୁ ୩ ଥର କେଶରେ ଭଲ ଭାବରେ ଲଗାନ୍ତୁ । ଏହା ପରେ ଦେଖିବେ କେଶ କିଛି ଦିନ ମଧ୍ୟରେ ଲମ୍ବା ଏବଂ କଳା ହେବାକୁ ଲାଗିବ ।

ଜାଣନ୍ତୁ କଳାଜିରା ଏବଂ ପିଆଜ ତେଲର ଉପକାରିତା

ଏହି ତେଲକୁ କେଶରେ ଲଗାଇଲେ ଧଳା କେଶର ସମସ୍ୟା କମିବା ଆରମ୍ଭ କରେ । ତେବେ କଳାଜିରା ଏବଂ ପିଆଜ ରସ କେଶକୁ ମଜବୁତ କରେ ଏବଂ କେଶ ଝଡ଼ିବା ଏବଂ ଫାଟିବା କମିଯାଏ । ଏପରି ଭାବେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଯଦି କେଶରେ କୌଣସି ପ୍ରକାରର ଇନ୍‌ଫେକ୍ସନ୍ ଥାଏ, ତେବେ ଏହି ତେଲ ଲଗାଇବା ଇନ୍‌ଫେକ୍ସନ୍‌କୁ ଦୂର କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହି ତେଲ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ମଧ୍ୟ ଦୂର ହୋଇଥାଏ । ତେବେ ଯେଉଁ ଲୋକମାନେ ନିଜ କେଶରେ କଲର କିମ୍ବା କୌଣସି ପ୍ରକାରର କେମିକାଲ ବ୍ୟବହାର କରନ୍ତି । ସେମାନଙ୍କ କେଶ ଅଧିକ ପରିମାଣରେ ଝଡିବାକୁ ଆରମ୍ଭ କରିଥାଏ । ସେଥିପାଇଁ ଏହି ତେଲ ଆପଣଙ୍କ ପାଇଁ ଲାଭଦାୟକ ହେବ । ପିଆଜ ଓ କଳାଜିରା ତେଲ ଲଗାଇବା ଦ୍ୱାରା ନୂଆ କେଶ ମଧ୍ୟ ବଢିବାକୁ ଆରମ୍ଭ କରିଥାଏ ।

ଯଦି ଆପଣ ଶାକାହାରୀ...

ଅଶୁଦ୍ଧ ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍ସର ଭଳି ମାରତ୍ମକ ରୋଗ ହେଉଥିବା ହେତୁ ନିକଟରେ ବିଶ୍ୱପ୍ରସିଦ୍ଧ ଅକ୍ସଫୋର୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ଚିନ୍ତନଶୀଳ ଗବେଷଣା କରିଛନ୍ତି । ବ୍ରିଟିଶ ଜର୍ଣ୍ଣାଲ ଅଫ୍ କ୍ୟାନସରରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ଆମିଷ ତ୍ୟାଗ କରି ନିରାମିଷ ଆପଣେଇବା ଦ୍ୱାରା ଶରୀରରେ କ୍ୟାନସର ଭଳି ମାରାତ୍ମକ ରୋଗର ଆଶଙ୍କା ଯଥେଷ୍ଟ କମିଯାଇଥାଏ ।

୧୬ ବର୍ଷର ଗବେଷଣା ଓ ୧୮ ଲକ୍ଷ ଲୋକଙ୍କ ଉପରେ ପରୀକ୍ଷା: ଏହି ଅଧ୍ୟୟନଟି କୌଣସି ସାଧାରଣ ପରୀକ୍ଷା ନୁହେଁ । ବୈଜ୍ଞାନିକମାନେ ଦୀର୍ଘ ୧୬ ବର୍ଷ ଧରି ଭାରତ, ବ୍ରିଟେନ, ଆମେରିକା ଏବଂ ତାଇୱାନର ପ୍ରାୟ ୧୮ ଲକ୍ଷରୁ ଅଧିକ ଲୋକଙ୍କ ଡାଟାକୁ ଗଭୀର ଭାବେ ବିଶ୍ଳେଷଣ କରିଛନ୍ତି । ଏଥିରେ ମାଂସାହାରୀ, ମାଛ ଖାଉଥିବା ବ୍ୟକ୍ତି, ଶାକାହାରୀ ଏବଂ ଭେଗାନମାନଙ୍କୁ ସାମିଲ କରାଯାଇଥିଲା । ଲୋକଙ୍କ ଓଜନ, ଉଚ୍ଚତା ଏବଂ ଜୀବନଶୈଳୀକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ରିସର୍ଚ୍ଚ ଅନୁଯାୟୀ, ଆମିଷ ଖାଉଥିବା ଲୋକଙ୍କ ତୁଳନାରେ ଶାକାହାରୀଙ୍କ ପାଖରେ ୫ଟି କ୍ୟାନ୍ସର ହେବାର ସମ୍ଭାବନା ଖୁବ୍ କମ୍ ଥାଏ । ସେଗୁଡିକ ହେଉଛି ପ୍ରୋଷ୍ଟେଟ୍ କ୍ୟାନ୍ସର, ସ୍ତନ କ୍ୟାନ୍ସର, ଲିମ୍ଫୋମା, ମଲ୍ଟିପଲ୍ ମାୟେଲୋମା, କିଡନୀ କ୍ୟାନ୍ସର । ବୈଜ୍ଞାନିକଙ୍କ କହିବାନୁଯାୟୀ, ଶାକାହାରୀ ଖାଦ୍ୟ ଶରୀରର ମେଟାବୋଲିଜିମ୍ ପ୍ରକ୍ରିୟାକୁ ସୁଧାରିଥାଏ । ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଶାକାହାରୀଙ୍କ ରକ୍ତରେ ଏକ ନିର୍ଦ୍ଦିଷ୍ଟ ପ୍ରୋଟିନର ସ୍ତର କମ୍ ଥାଏ, ଯାହା କିଡନୀ କ୍ୟାନ୍ସର ପାଇଁ ଦାୟୀ । ଶାକାହାର ଆପଣେଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ପ୍ରକ୍ରିୟା ଅଧିକ ସୁରକ୍ଷିତ ରହିଥାଏ

ଡେରିରେ ଶୋଇଲେ କ'ଣ ହୁଏ ?



ସୋସିଆଲ ମିଡିଆ, ଅଫିସ କାମ ଏବଂ ପାଠପଢ଼ା ଦାୟିତ୍ୱ ଯୋଗୁଁ ନିଦ ସମୟ ନିରନ୍ତର ହ୍ରାସ ପାଉଛି । କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରହିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । କାରଣ ଏହା କରିବା ଦ୍ୱାରା କେବଳ ଥକାପଣ ବୃଦ୍ଧି ହୁଏ ନାହିଁ, ବରଂ ଏହା ଆପଣଙ୍କ ଶରୀର ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଇଥାଏ । ଏହି କ୍ଷେତ୍ରରେ, ଡକ୍ଟର ହଂସଜୀ କୁହନ୍ତି ଯେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରହିବା ଅନେକ ରୋଗର କାରଣ ହୋଇପାରେ ଏବଂ ଏହାକୁ ଅସାବଧାନତାବଶତଃ ଅଣଦେଖା କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ହୋଇପାରେ ।

ନିଦ୍ରା ଅଭାବର କ୍ଷତିକାରକ ପ୍ରଭାବ- ରାତିରେ ପର୍ଯ୍ୟ।ପ୍ତ ନିଦ ନ ହେବା ଶରୀରକୁ ଦୁର୍ବଳ କରିଦିଏ । ଏହା ଆପଣଙ୍କ ଶରୀରକୁ ସଂକ୍ରମଣ ଏବଂ ଭୂତାଣୁ



ଗୁରୁବାର ୦୩।୦୯।୨୦୨୬
ଅକ୍ଷୟ
AKHYARA ODISHA | ଓଡ଼ିଶା

ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

ବଲାଙ୍ଗିର, ୦୨/୦୯ (ଦେବେନ୍ଦ୍ର ପୋଡ଼) : ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ । ଶତାଧିକ ଛାତ୍ରଛାତ୍ରୀ ଓ କଲେଜ କତ୍ତୃପକ୍ଷଙ୍କ ସମ୍ମୁଖରେ ବିଶ୍ୱ ବିଦ୍ୟାଳୟର ଗ୍ୟାଟ୍ ନିକଟରେ ୨ ଛାତ୍ରଙ୍କୁ ନିଶା କରିବା ପାଇଁ ଜଣେ ଦୁର୍ବୃତ୍ତ ଟଙ୍କା ମାଗିଥିଲା । ଟଙ୍କା ନ ଦେବାରୁ ଛାତ୍ରଙ୍କ ବାଇକକୁ ପ୍ରଥମେ ରଡ଼ରେ ଅକ୍ରମଣ କରି ଭାଙ୍ଗି ଦେଇଥିଲା । ପରେ ଛାତ୍ର ଦ୍ୱୟଙ୍କୁ ବି ଆକ୍ରମଣ କରିବାକୁ ପଛେଇ ନଥିଲା ଦୁର୍ବୃତ୍ତ । ଯାହାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି । ତେବେ ଦୁର୍ବୃତ୍ତ ଆକ୍ରମଣର ଶିକାର ହୋଇଥିବା ଦୁଇ ଛାତ୍ର ହେଲେ ଯୁକ୍ତ ତିନି ବର୍ଷର ତୁଷାର ପୁଟା ଓ ଜତିନ ଭୋଇ । ଯେତେବେଳେ ଦୁର୍ବୃତ୍ତ ଜଣକ ବିଶ୍ୱବିଦ୍ୟାଳୟ କତ୍ତୃପକ୍ଷ ଓ ସିକ୍ୟୁରିଟୀ ଗାର୍ଡର ସାମ୍ନାରେ ବିଶ୍ୱବିଦ୍ୟାଳୟ ପରିସରରେ ଏଭଳି କାଣ୍ଡ ଘଟାଉଛି । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି । ସୁବୁଠୁ ବଡ଼ କଥା ଏଇଟା ଯେ, ବଲାଙ୍ଗିର ଲକ୍ଷ୍ମୀଯୋର ଥାନାରୁ ପାଖାପାଖି ୨୦୦ ମିଟର ଦୂର ହେବ ବିଶ୍ୱ ବିଦ୍ୟାଳୟ, ଆଉ ବିଶ୍ୱ ବିଦ୍ୟାଳୟ ଭିତରକୁ ପଶି ଦୁର୍ବୃତ୍ତ ଜଣକ ଏଭଳି କାଣ୍ଡ ଭିଆଉଛି, ପୁଣି ଫେରାର୍ ମାରୁଛି ।

ଭଏଏସ ଅଫ ମିଡିଆ ପକ୍ଷରୁ ନୂତନ ଆଇଆଇସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବୋଲଗଡ଼,୨।୯/(ଅକ୍ଷୟ ଓଡିଶା):ବୋଲଗଡ଼ ଥାନାରେ ନୂତନ ଆଇଆଇସି ଭାବେ କାହ୍ନୁ ଚରଣ ସାଇଁ ଯୋଗ ଦାନ କରିଛନ୍ତି ।ଏହି ଅବସରରେ ବୋଲଗଡ଼ ବ୍ଲକ ଶାଖା ଭଏଏସ ଅଫ ମିଡିଆ ପକ୍ଷରୁ ନୂତନ ଆଇଆଇସିଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଫୁଲତୋଡା ଦେଇ ମଙ୍ଗଳବାର ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା ପର୍ବରେ ସଂଘ ସଭାପତି ନିରଞ୍ଜନ ନାୟକ, ଦେବବ୍ରତ ହୋତା, ଗଙ୍ଗାଧର ଦାଶ, ଦୀପକ କୁମାର ପାହାଡ଼ସିଂହ, ଯଦୁନାଥ ସାମନ୍ତରାୟ,ପ୍ରଫୁଲ୍ଲ କୁମାର ସିଂହ, ଅବଦୁଲ ଖଲିକ ଖାଁନ, ନିରଞ୍ଜନ ସେଠୀ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ପୋଲିସ ସାଧାରଣ ଜନତାର ବନ୍ଧୁ । ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିବା ନିହାତି ଜରୁରୀ ଅଟେ ।ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହୋଇଥିବାରୁ ସମାଜର ସାଧାରଣ ବ୍ୟକ୍ତି ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ରର ମୁଖ୍ୟ ମାଧ୍ୟମ ହିଁ 'ଗଣମାଧ୍ୟମ' ନିଭାଇ ଆସିଛି । ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅତିବ ଜରୁରୀ ରହିଛି ।ଅପରପକ୍ଷେ ପୋଲିସ ସର୍ବଦା ଜନତାର ନିକଟତର ଓ ଜନତା ପୋଲିସକୁ ସହଯୋଗ ଅପରିହାର୍ଯ୍ୟ ସହିତ ସାମ୍ବାଦିକ ଓ ପୋଲିସ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ନୂତନ ଥାନା ଅଧିକାରୀ ଶ୍ରୀସାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ବୋଲଗଡ଼ ଥାନା ଅଞ୍ଚଳର ଜନସାଧାରଣଙ୍କୁ ଶୃଙ୍ଖଳିତ ସେବା, ସୁରକ୍ଷା ଦେବା ଓ ବେଆଇନ ନିଶା କାରବାର, ଗୋଚାଲାଣ ଓ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ସତନ୍ତ୍ର ଭାବେ ଗୁରୁତ୍ୱ ଦେବେ ବୋଲିନୂତନ ଥାନା ଅଧିକାରୀ ଶ୍ରୀ ସାଇଁ କହିଥିଲେ ।

ପାଣୁସାହୁ ପାଟଣାକୁ ସଂଯୋଗ କରୁଥିବା ମାଳବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ, ଭିଜିଲାନ୍ସ ତଦନ୍ତ ଦାବି



କଣ୍ଢିଲୋ, ୩/୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ଗୋପୀନାଥପୁର ଗ୍ରାମ ଠାରୁ ନିକଟସ୍ଥ କଣ୍ଢିଲୋ ପଞ୍ଚାୟତ ଅଧୀନ ପାଣୁସାହୁ ପାଟଣାକୁ ସଂଯୋଗ କରୁଥିବା କୁଆଁରିଆ ମାଳବନ୍ଧ ରାସ୍ତା ଅବସ୍ଥା ଅସରାଏ ବର୍ଷାରେ ଶୋଚନୀୟ ହୋଇପଡୁଛି ।ଉକ୍ତ ମାଳବନ୍ଧ ରାସ୍ତାର ଉନ୍ନତିକରଣ ନିମନ୍ତେ କଣ୍ଢିଲୋ ଜଳସେଚନ ବିଭାଗ ଜରିଆରେ ଲକ୍ଷାଧିକ ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା ।ମାତ୍ର କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନି ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ମାଳବନ୍ଧ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବେଣାଗାଡିଆ ଓ କଣ୍ଢିଲୋ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଏପରିକି ଉକ୍ତ ମାଳବନ୍ଧ ରାସ୍ତାର କିଛି ଅଂଶ ପିରୁ ହୋଇଥିବା ବେଳେ ବଳକା ଅଂଶ ଖାଲଖମାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଫଳରେ ସାମାନ୍ୟ ବର୍ଷା ହେଲେ ଉକ୍ତ ମାଳବନ୍ଧ ରାସ୍ତା କାଦୁଅ, ପଙ୍କରେ ପୋତି ହୋଇ ପଡୁଥିବାରୁ ସେହି ରାସ୍ତା ଦେଇ ଯାତାୟତ ନିମନ୍ତେ ଅଞ୍ଚଳବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି ।ତେବେ ପ୍ରଶ୍ନ ଉଠେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣଧିନ ଉକ୍ତ ମାଳବନ୍ଧ ରାସ୍ତାର ସ୍ଥାୟୀତ୍ୱ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହଜାତ ହୋଇଥିବା ବେଳେ କଣ୍ଢିଲୋ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଓ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ କରି ଉକ୍ତ ମାଳବନ୍ଧ ରାସ୍ତାର ଦୟନୀୟ ସ୍ଥିତି ଅନୁଧ୍ୟାନ କରିବାକୁ ସାଧାରଣରେ ଦାବି ହେଉଛି । ଅପରପକ୍ଷେ ମାଳବନ୍ଧ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

କଣ୍ଢାବାଞ୍ଜି ତହସିଲ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ : ଓକିଲଙ୍କ ଧାରଣାରେ ଉତ୍ତେଜନା



ବଲାଙ୍ଗିର, ୦୨/୦୯(ଦେବେନ୍ଦ୍ର ପୋଡ଼) : କଣ୍ଢାବାଞ୍ଜି ତହସିଲ କାର୍ଯ୍ୟାଳୟରେ ଅନିୟମିତତାକୁ ନେଇ ଓକିଲମାନଙ୍କ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ସମୟରେ ଉତ୍ତେଜନା ପ୍ରକାଶ ପାଇଛି । ଧାରଣାସ୍ଥଳକୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଆସିଥିବା ବେଳେ ଆନ୍ଦୋଳନରତ ଓକିଲମାନେ ତାଙ୍କୁ ବିରୋଧ କରିଥିଲେ । ଓକିଲମାନେ ''ସବ୍-କଲେକ୍ଟର ଗୋ ବ୍ୟାକ୍'' ନାରା ଦେଇ ଉପଜିଲ୍ଲାପାଳଙ୍କ ବିରୋଧ କରିଥିଲେ । ଫଳରେ ଉପଜିଲ୍ଲାପାଳଙ୍କୁ ଧାରଣାସ୍ଥଳରୁ ଫେରିଯିବାକୁ ପଡ଼ିଥିବା ଜଣାପଡ଼ିଛି । ତହସିଲ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକୁ ନେଇ ଅନିୟମିତତା ହେଉଥିବା ଅଭିଯୋଗ କରି ଓକିଲମାନେ ଏହି ଧାରଣା ଦେଇଛନ୍ତି । ଦାବି ପୂରଣ ନହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ ଓକିଲମାନେ କହିଛନ୍ତି ।

ଖାଲ ଖମା କାଦୁଅ ପଚ ପଚ ବନ୍ଧଗଡ଼-ତେଜାମାହା ରାସ୍ତା

ଯାତାୟତ ବାଧାପ୍ରାପ୍ତ, ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷରୁ ଦାବି ସତ୍ତ୍ୱେ ଶୁଣୁନି ପ୍ରଶାସନ

ଫିରିଙ୍ଗିଆ, ୨/୮ (ଅକ୍ଷର ଓଡ଼ିଆ) : ଫିରିଙ୍ଗିଆ ବ୍ଲକ ରେ ବିଭିନ୍ନ ଗାଁ କୁ ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଅଞ୍ଚଳ ବାସୀଙ୍କ ଦୀର୍ଘ କୋଡିଏ ବର୍ଷର ଦାବି ସତ୍ତ୍ୱେ ଏକ ଅଞ୍ଚଳ ଏବଂ ବାହାରୁ ଆସୁଥିବା ଜନସାଧାରଣ ନିହାତି ଆବଶ୍ୟକୀୟ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ତରଫରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ ଯାହାଦ୍ୱାରା ଆଜି ପର୍ଯ୍ୟନ୍ତ ସମୁହ ଅଞ୍ଚଳ ବାସି ଯାତାୟତ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । କନ୍ଧମାଳ ଜିଲ୍ଲା ତଥା ଫିରିଙ୍ଗିଆ ବ୍ଲକର କାହିଁ କେଉଁ ଆବାହନ କାଳରୁ ବନ୍ଧଗଡ଼ ଠାରେ ପୂଜା ପାଉଥିବା ଅଞ୍ଚଳର ଇଷ୍ଟ ଦେବୀ ମା ବରାଳିଙ୍କ ଦର୍ଶନ ପାଇଁ ଦୈନିକ ଭକ୍ତ ମାନେ କାହିଁ କେତେ ଦୂର ବ୍ଲକ ତଥା ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମଧ୍ୟ ଆସୁଛନ୍ତି ଏବଂ ଏହି ମନ୍ଦିର ବନ୍ଧଗଡ଼ ଠାରୁ କିଛି ଦୂର ତେଜାମାହା ଯିବା ରାସ୍ତାରେ ଅବସ୍ଥିତ । ତେଣୁ ଏହି ରାସ୍ତା ଦେଇ ସହ ସହ ଜନସାଧାରଣ ଯିବା ଆସିବା କରିଥିବା ବେଳେ ବନ୍ଧଗଡ଼ ଠାରୁ ପାଣ୍ଡୁ ପଦର ଦେଇ ପବିଙ୍ଗିଆ ପର୍ଯ୍ୟନ୍ତ ପ୍ରାୟ ସାତରୁ ଆଠ କିଲୋମିଟର



ଦୂର ଏହି ରାସ୍ତା ସଂଯୋଗ ହୋଇଛି କ୍ଷ ଯାତାୟତ ସମସ୍ୟାକୁ ଦୃଷ୍ଟିରେ ରଖି ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଞ୍ଚଳ ବାସି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ଏମିତି କି ଜିଲ୍ଲାପାଳ ଏବଂ ଏମପି, ବିଧାୟକଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ତାହା ପ୍ରତିଶୃତିରେ ରହିଯାଇଛି । ଦୀର୍ଘ ବର୍ଷରୁ ଏହି ରାସ୍ତାରେ କୌଣସି ମରାମତି ମଧ୍ୟ ହୋଇ ନାହିଁ ଯାହାଦ୍ୱାରା ବର୍ତମାନ ବନ୍ଧଗଡ଼ ଠାରୁ ବରାଳ ଦେବୀ ମନ୍ଦିର ଦେଇ ତେଜାମାହା ଓ ପାଣ୍ଡୁ ପଦର ରାସ୍ତା ଖାଲ ଖମା ସହ କାଦୁଅ ପଚ ପଚ ହେଉଥିବା ବେଳେ ବିଭିନ୍ନ ଜାଗାରେ ରାସ୍ତା ର ଦୁଇ ପାର୍ଶ୍ୱରେ ଧୋଇ ହୋଇ ନଷ୍ଟ ହୋଇ ରହିଛି । ଦୀର୍ଘ ବର୍ଷରୁ ପଡ଼ିଥିବା ମେଟାଲ ସମ୍ପୂର୍ଣ୍ଣ ରାସ୍ତାରେ ନଥିବା ବେଳେ କେଉଁଠି କେଉଁଠି ମେଟାଲ ବାହାରି ଦୁର୍ଘଟଣା ଘଟୁଥିବା ବେଳେ ବହୁତ ବାଇକ ଆରୋହୀ ଦୁର୍ଘଟଣା ରେ ଆହତ ମଧ୍ୟ ହୋଇଥିବା ଅଞ୍ଚଳ ବାସି କହିଛନ୍ତି । ବର୍ତମାନ ବନ୍ଧଗଡ଼ ଠାରୁ ତେଜା ମାହା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପ୍ରାୟ ଏକ କିଲୋମିଟର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ଖାଲ ଖମା ସହ ଖାଲରେ ପାଣି ଜମି ବିପଦ ସୃଷ୍ଟି କରୁଛି ଯାହାଦ୍ୱାରା ଅଞ୍ଚଳ ବାସି ଯାତାୟତ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ସାଧାରଣ ଭାବରେ ଚାଲିକି ଯିବା କଷ୍ଟ ହୋଇପଡିଥିବା ବେଳେ ବାଇକ ଏବଂ କାର ଯିବା ଦୂରର କଥା କେଉଁଠି ଦବି ଯାଉଛି ତ କେଉଁଠି ଖସି ରାସ୍ତା ବାହାରକୁ ଯାଉଛି ଯାହାଦ୍ୱାରା ଯାତାୟତ ସମସ୍ୟା ହେଉଥିବାରୁ ମନ୍ଦିର ଦର୍ଶନରେ ଆସୁଥିବା ବହୁ ଭକ୍ତ ମାନେ ସମସ୍ୟା ଭୋଗୁଛନ୍ତି । ବାରମ୍ବାର ଅଭିଯୋଗ ପରେ କେବଳ ପ୍ରତିଶୃତି ମିଳୁଥିବା ବେଳେ

ଆନ୍ଦୋଳନ ଚେତାବନୀ ଦେଲେ ଅଞ୍ଚଳ ବାସି

ରାସ୍ତା ନିର୍ମାଣ ହେଉନଥିବାରୁ ଅଞ୍ଚଳ ରେ ଅସନ୍ତୋଷ ପ୍ରକାଶ ପାଉଛି । ଦୀର୍ଘ ବର୍ଷରୁ ଦାବି କରୁଛୁ କିନ୍ତୁ ପ୍ରଶାସନ ଆମ କଥା ଶୁଣୁ ନାହାନ୍ତି ତେଣୁ ଆଗାମୀ ଦିନରେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନି ଦେଇଛନ୍ତି ଅଞ୍ଚଳ ବାସି । ଅନ୍ୟପଟେ ଏହି ରାସ୍ତା ସମସ୍ୟାକୁ ନେଇଁ ଗ୍ରାମ୍ୟ ରାସ୍ତା କୋଠାବାଡି ଉର୍ନ୍ନୟନ ବିଭାଗ (ଆର ଡି) ଏସ ଡି ଓ ସୁଶୀଲ ମହାନ୍ତି ଙ୍କୁ ପଚାରିବାରୁ ଦ୍ୱତୀୟ ଫେଜ ରେ ଏହି ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା ଅଛି ଏବଂ ବନ୍ଧଗଡ଼ ପାଖରେ ଏକ ବ୍ରିଜ ଥିବାରୁ ଟେକ୍ନିକାଲ ଟିମ ଆସିଲା ପରେ ଏହି ରାସ୍ତା ନିର୍ମାଣ ହୋଇ ପାରିବ ଓ ବନ୍ଧଗଡ଼ ଠାରୁ ପାଣ୍ଡୁ ପଦର ଦେଇ ପବିଙ୍ଗିଆ ସଂଯୋଗ ରାସ୍ତା ରେ ଲାଗିବ ବୋଲି ସୂଚନା ଦେଇଛନ୍ତି ।

ତନରଡ଼ାରେ ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ବେଲଗୁଣ୍ଡା, ୨/୯: ବେଲଗୁଣ୍ଡା ବ୍ଲକ୍ ଅନ୍ତର୍ଗତ ତନରଡ଼ା ଆର୍ଯ୍ୟକନ୍ୟା ଗୁରୁକୁଳ ପରିସରରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ-ବାଳିକାଙ୍କୁ ନେଇ ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ାବିତ୍ମାନେ ବିଭିନ୍ନ କ୍ରୀଡ଼ାରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଆର୍ଯ୍ୟକନ୍ୟା ଗୁରୁକୁଳର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବେଲଗୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ସହିତ କ୍ରୀଡ଼ାର ସମନ୍ୱୟ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ବିଶେଷ ସହାୟକ ହୋଇଥାଏ । କ୍ରୀଡ଼ା ଶୃଙ୍ଖଳା, ନେତୃତ୍ୱ, ସହଯୋଗ ଓ ଆତ୍ମବିଶ୍ୱାସର ଗୁଣ ବିକଶିତ କରେ ବୋଲି ସେ ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଜ୍ଞନ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାନାୟର ପ୍ରଧାନ, ଘୁମୁସର ବୈଷୟିକ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପା ସାଇଁ ଓ ସିଆରସିସି ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ ।

ରାଜ୍ୟ ସ୍ତରରେ ସମ୍ମାନିତ ହେବେ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି

କୋକସରା, ୨/୯(ମଙ୍ଗରାଜ ବେହେରା) ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅଧୀନରେ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷକଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଅର୍ଜନ ନେଇ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବା ନେଇ କାର୍ଯ୍ୟକ୍ରମ ରହିଛି । ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କୁ ରାଜ୍ୟ ସ୍ତରୀୟ ଶାରୀରିକ ଶିକ୍ଷା ରେ ଛାତ୍ରଛାତ୍ରୀ ଙ୍କୁ ଜିଲ୍ଲା ତଥା ରାଜ୍ୟ ବାହାରେ ବିଭିନ୍ନ କ୍ରୀଡା ରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିବା ନେଇ ତାଙ୍କ ଅବଦାନକୁ ଯଥାର୍ଥତା ପ୍ରତିପାଦନ କରି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ରୁ ମନୋନୀତ କରାଯାଇଛି । ଶ୍ରୀ



ମହାନ୍ତି କ୍ରୀଡା ଶିକ୍ଷକ ଭାବେ ବିଦ୍ୟାଳୟ ସ୍ତରୀୟ କ୍ରୀଡା ପରିଚାଳନା ରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଆସନ୍ତା ୫ ତାରିଖ ଗୁରୁ ଦିବସ ଅବସରରେ ଭୁବନେଶ୍ୱର ଲୋକସଭା ଭବନ ରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶାରୀରିକ କ୍ରୀଡାରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାକୁ ନେଇ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତୁଳସିରାମ ଚଳାନ ସମେତ ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି ।ଏହା ବ୍ୟତୀତ କଳାହାଣ୍ଡି ତଥା କୋକସରା ବ୍ଲକ ର ବରିଷ୍ଠ ଶିକ୍ଷାବିଦ, ବ୍ଲକ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସଙ୍ଘ ଓ ସଚେତନ ନାଗରିକ ଙ୍କ ପକ୍ଷରୁ କ୍ରୀଡା ର ବିକାଶ ଓ ଛାତ୍ରଛାତ୍ରୀ ଙ୍କୁ ଶାରୀରିକ କ୍ରୀଡା ମନୋବଳ ବଢ଼ାଇବା ପାଇଁ ଏହି ଉତ୍କର୍ଷତା ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ଦୁଇ ଟ୍ରକ ମଧ୍ୟରେ ଦୁର୍ଘଟଣା, ଚାପି ହୋଇଥିବା ଡ୍ରାଇଭରଙ୍କୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

କୋକସରା:୨/୯ (ମଙ୍ଗରାଜ ବେହେରା) କୋକସରା ଥାନା ଅନ୍ତର୍ଗତ ଚାହାରବାହାଲ ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ବୁଧବାର ଭୋର ସମୟରେ ଦୁଇ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଥିବା ବେଳେ



ରାସ୍ତା କଡରେ ଠିଆ ହୋଇଥିବା ଟ୍ରକ (ଡ଼ବୁ ବି ୩୩ ସି ୦୯୯୩)କୁ ପଛପଟୁ ଧକ୍କା ଦେଇଥିବା ଟ୍ରକ (ଟିଏନ ୩୦ ବିଭି ୮୫୩୯) ର ଡ୍ରାଇଭର କେବିନ ରେ ଚାପି ହୋଇ ରହିଥିଲେ । ଏନେଇ ସ୍ଥାନୀୟ ଗ୍ରାମବାସୀ ମାନେ କୋକସରା ଅଗ୍ନିଶମ ବିଭାଗ କୁ ସୂଚନା ଦେଇଥିଲେ । ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘ ଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଦିର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ପରେ ଚାପି ହୋଇଥିବା ଡ୍ରାଇଭର କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଉଦ୍ଧାର ଡ୍ରାଇଭର ହେଉଛନ୍ତି ତାମିଲନାଡୁ ରାଜ୍ୟର ଆନ୍ନାପୁନ୍ନା ସାମୀ (୬୦) ବୋଲି ଜଣାପଡିଛି । ୱେଷ୍ଟବେଙ୍ଗଲ ରୁ କୁସୁମଖୁଣ୍ଡି ମେଗାଲିଫ୍ଟ ପ୍ରକଳ୍ପ ପାଇଁ ପାଇପ୍ ନେଇ ଆସୁଥିବା ଏକ ଟ୍ରକ୍ ପଛରେ

ଆମ ଓଡ଼ିଶା

ଗୁରୁବାର ୦୩।୦୯।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

ଅଜଣାଗାଡି ଧକ୍କା ରେ ମହିଳା ମୃତ, ଥାନାରେ ଅଭିଯୋଗ

ରାଜକନିକା ୨/ ୯/(ନୁରେଇ ଖାନ) ଭାରିଗଦା ପଂଚାୟତ ମନେଇଡିହ ଗ୍ରାମ ର ୫୨ ବର୍ଷୀୟା ମହିଳା କଲ୍ୟାଣୀ ବାରିକ ସ୍ଥାନୀୟ ଅଶୋକ ବଜାର ରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ କୁ କିଛି କାମରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡି ତାଂକୁ ଶକ୍ତ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଥିଲା କଲ୍ୟାଣୀ ରାସ୍ତା ରେ ପଡି ଛଟ ପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ତାଂକୁ କନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ମାତ୍ର ଦୁର୍ଭାଗ୍ୟ କୁ ତାଙ୍କ ଅବସ୍ଥା ଶଙ୍କଟାପନ୍ନ ହେବାରୁ କନିକାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଥିଲେ ମାତ୍ର କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲ ରେ ଡାକ୍ତର ତାଂକୁ ମୃତ୍ୟ ଘୋଷଣା କରିଥିଲେ ଏନେଇ ତାଙ୍କ ସ୍ୱାମୀ ଦୋଳଗୋବିନ୍ଦ ବାରିକ କନିକା ଥାନା ରେ ଅଭିଯୋଗ କରି ଥିବା ଜଣା ପଡିଛି କଲ୍ୟାଣୀ ଙ୍କ ମୃତ୍ୟ ନେଇ ସାଧାରଣ ଲୋକେ ଉଦବେଗ ପ୍ରକାଶ କରୁଥିବାର ଜଣା ପଡିଛି ।

କୋଇଡ଼ା ରେ ‘ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

୧୨୫ ଜଣଙ୍କ ପଞ୍ଜୀକରଣ, ୮୯ ଜଣଙ୍କ ଭିନ୍ନକ୍ଷମତା ଆକଳନ

କୋଇଡ଼ା ୨/୯(ଅକ୍ଷର ଓଡିଶା)-କୋଇଡ଼ା ବ୍ଲକ ଅନ୍ତର୍ଗତ ଭଞ୍ଜପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କୋଇଡା ପଂଚାୟତ ସମିତି କାର୍ଯ୍ୟାଳୟ ସୌଜନ୍ୟ ରେ ୨୦୨୬-୨୭ ମସିହାର ‘ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ’ ଅନୁଷ୍ଠିତ ହୋଇଯାଇଛି । କୋଇଡ଼ା ବିଡିଓ ରଶ୍ମି ରେଖା ପାତ୍ର ଙ୍କ ଦ୍ୱାରା ଏହି ଶିବିରର ଉଦ୍‌ଘାଟନ କରାଯାଇଥିବା ବେଳେ କୋଇଡ଼ା ବ୍ଲକ ଅଧକ୍ଷ ନାଏକ , କୋଇଡା ତହସିଲଦାର ଚିନ୍ମୟ ଦାସ , ଏବଂ ବଣାଇ ଏସ୍‌ଏସ୍‌ଏସ୍‌ଓଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ ।ଶିବିରରେ ମୋଟ ୧୨୫ ଜଣ ହିତାଧିକାରୀ ପଞ୍ଜୀକରଣ କରିଥିବା ବେଳେ ୮୯ ଜଣଙ୍କ ଭିନ୍ନକ୍ଷମତାର ଆକଳନ କରାଯାଇଥିଲା । ଆକଳନ ହୋଇଥିବା ଭିନ୍ନକ୍ଷମତା ମଧ୍ୟରେ ଲୋକୋମୋଟର ଡିସେବିଲିଟି ୪୫ ଜଣ, ଶ୍ରବଣ ଦିବ୍ୟାଙ୍ଗତା ୧୨ ଜଣ, ବାକ୍ ଓ ଭାଷା ସମ୍ବନ୍ଧୀୟ ଦିବ୍ୟାଙ୍ଗତା ୨ ଜଣ, ଦୃଷ୍ଟି ଦିବ୍ୟାଙ୍ଗତା ୮ ଜଣ, ମାନସିକ ଦିବ୍ୟାଙ୍ଗତା ୨ ଜଣ, ସେରେବ୍ରାଲ ପାଲ୍ସି ୬ ଜଣ, ବୁଦ୍ଧିଗତ ଦିବ୍ୟାଙ୍ଗତା ୯ ଜଣ, ପାର୍କିନସନ୍‌ସ ୧ ଜଣ ଏବଂ ଏକାଧିକ ଦିବ୍ୟାଙ୍ଗତା ୪ ଜଣ ରହିଛନ୍ତି ।ଏହି ଶିବିରରେ ସମସ୍ତ ସରପଞ୍ଚ, ସମିତି ସଦସ୍ୟ, ଶିକ୍ଷକ, ପିଇଓ, ଏଡିଇଓ ଏବଂ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ



କରିଥିଲେ । କୋଇଡ଼ା ବ୍ଲକ ବିଏସ୍‌ଏସ୍‌ଓଙ୍କ ତତ୍ତ୍ୱାବଧାନରେ ଶିବିରଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା ।ଶିବିର ପରିଚାଳନାରେ ଜେଏ ଅନୁପମ ନାଗ ଏବଂ ପିଏ ଲକ୍ଷ୍ମୀପ୍ରିୟା ମହାନ୍ତ ବିଶେଷ ସହଯୋଗ କରିଥିଲେ । ଏଭଳି ଶିବିର ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା, ସହାୟତା ଓ ଆବଶ୍ୟକୀୟ ସେବା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି ।

ସୂଚନା ଫଳକରେ ଝଳସୁଛି ବିକାଶର ସ୍ୱପ୍ନ

ରାସ୍ତାରେ ଦିଶୁଛି ଅଧୁରାପଣ



ରାଇଘର, . ୨/୯ (ଭୁବନେଶ୍ୱର ସୁନାନୀ):ସୂଚନା ଫଳକରେ ଝଳସୁଛି ବିକାଶର ଚିତ୍ର, ହେଲେ ରାସ୍ତାରେ ଦିଶୁଛି ବିକାଶର ଅଧୁରା କାହାଣୀ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ଡିଏନ୍‌କେର ଆରଡ଼ି ରାସ୍ତାରୁ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଲାଗିଛି ଚକଚକିଆ ସୂଚନା ଫଳକ। ଫଳକରେ ଲେଖା ଅଛି ବିକାଶର ପ୍ରତିଶ୍ରୁତି, କିନ୍ତୁ ରାସ୍ତା ଟି ଦିଶୁନାହିଁ ତାହାର ପୂର୍ଣ୍ଣ ଚିତ୍ର ।ସୂଚନା ଅନୁସାରେ, ରାସ୍ତା ନିର୍ମାଣ କାମ ଅଧାରୁ ବନ୍ଦ ହୋଇ ପଡ଼ିଛି । ଅଧୁରା ରାସ୍ତା ଯୋଗୁଁ ଲୋକଙ୍କ ପ୍ରଶ୍ନ ଉଠୁଛି , ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଅଧା କାମକୁ ନେଇ ବିଲ୍ ପାସ୍ ହୋଇଥିବା ନେଇ ମନେ କରୁଛନ୍ତି । ଅଧୁରା ରାସ୍ତାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ବଢ଼ିଚାଲିଛି ।ସରକାରୀ ଅର୍ଥ ଖର୍ଚ୍ଚ ହେଉଛି, ସୂଚନା ଫଳକ ଲାଗୁଛି, ବିକାଶର ଚିତ୍ର କାଗଜରେ ଚମକୁଛି; କିନ୍ତୁ ଯେଉଁ ରାସ୍ତା ଦେଇ ଲୋକେ ଚାଲିବେ, ସେହି ରାସ୍ତା ହିଁ ଅଧାରେ ଅଟକି ରହିଛି । ଏହା କେବଳ ଏକ ଅଧୁରା ରାସ୍ତା ନୁହେଁ, ଏହା ସରକାରୀ ବିକାଶ ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ।ଅଧା ରାସ୍ତାରେ ଲୋକଙ୍କ ଯାତାୟାତ ଅଟକିଛି, ତେବେ ଅଧା କାମର ବିଲ୍ କେମିତି ପାସ୍ ହେଲା ଏହାର ଉତ୍ତର ଖୋଜିବା ଏବେ ଜରୁରୀ । ଅଧୁରା କାମ ପାଇଁ ଦାୟୀ କିଏ ଯାଞ୍ଚ ବିନା ବିଲ୍ ପାସ୍ ହୋଇଛି କି ନା କାଗଜରେ ବିକାଶ ଦେଖାଇ ରାସ୍ତା ଲୋକଙ୍କୁ ଅଧୁରା ରାସ୍ତା ଦିଆଯାଇଛିଲୋକଙ୍କ ପ୍ରଶ୍ନ ଗୋଟିଏ ଫଳକରେ ନୁହେଁ, ରାସ୍ତାରେ କେବେ ଦିଶିବ ବିକାଶ

ଲକ୍ଷ୍ମୀପୁର ମହାବିଦ୍ୟାଳୟରେ କେରିୟର କାଉନସେଲିଙ୍ଗ କର୍ମଶାଳା



ଲକ୍ଷ୍ମୀପୁର ୦୨/୦୯ (ଅକ୍ଷର ଓଡିଶା)ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସର ରେ ବୁଧବାର ଦିନ ଏନଏସଏସ ତରଫରୁ କେରିୟର କାଉନ ସେଲିଙ୍ଗ କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଲକ୍ଷ୍ମୀପୁର ର ପୂର୍ବତନ ତହସିଲଦାର ତଥା ରାୟଗଡା ଜିଲ୍ଲା ରୁ ଅବସର ଗ୍ରହଣ କରିଥିବା ଉପ ଜିଲ୍ଲାପାଳ ଭୀମସେନ ଶବର ସ୍ୱତନ୍ତ୍ର ପରାମର୍ଶ ଦାତା ଭାବେ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କ କେରିୟର କାଉନ ସେଲିଙ୍ଗ ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ କିପରି କଠିନ ପରିଶ୍ରମ କରି ନିଜର ଭବିଷ୍ୟତ ଗଠନ କରି ପାରିବ ସେ ସମ୍ପର୍କରେ ଉଦାହରଣ ସହ ବୁଝାଇଥିଲେ । ସେ ଜଣେ ଆଦିବାସୀ ଛାତ୍ର ହୋଇ କିପରି ସଫଳତା ହାସଲ କଲେ ଓ ଛୋଟ ଗାଁରେ ପାଠ ପଢି କିପରି ଏତେ ବଡ଼ ପଦବୀ ରେ କାର୍ଯ୍ୟ କରିଥିଲେ ତାହା ଉପରେ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ବୁଝାଇ ଥିଲେ । କାର୍ଯ୍ୟକ୍ରମ ରେ ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଫିସର ଦୁର୍ଯ୍ୟୋଧନ ସାହୁ, ପ୍ରୋଗ୍ରାମ ଅଫିସର ମହିମା ରାଣୀ ରାଜୁ, ଶିକ୍ଷା ବିଭାଗର ଅଧ୍ୟାପିକା ଙ୍କ ତିଳତୋମା ପଟନାୟକ,ଓଡ଼ିଆ ବିଭାଗର ଅଧ୍ୟାପିକା ଜୟଶ୍ରୀ କରସୁଧା ପଟନାୟକ ଓ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ ।

ବ୍ଲକ ସ୍ତରୀୟ ନବ ଭାରତ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ (ଉଲ୍ଲାସ)ଅନୁଷ୍ଠିତ

ଡାବୁଗାଁ ୦୨/୦୯/ (ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ୮ ଟି କ୍ଲଷ୍ଟର ର ପ୍ରଧାନ ଶିକ୍ଷକ,ସ୍ୱେଚ୍ଛାସେବୀ ଶିକ୍ଷକ ଓ ସିଆରସିସି ମାନଙ୍କୁ ନେଇ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଇଓ ରଶ୍ମିତା ନେତାମ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଆରସିସି ତଥା ନୋଡାଲ ଅଧିକାରୀ ଭଗବାନ ମାଝୀ ଙ୍କ ଅଧକ୍ଷତାରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ର ଚିହ୍ନଟ ହୋଇଥିବା ନିରକ୍ଷର ମାନେ ଉଲ୍ଲାସ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ସେପ୍ଟେମ୍ବର ୨୦ ତାରିଖରେ ପ୍ରଥମ ପରୀକ୍ଷା ଦେବେ । ସୂଚନା ଥାଉ କି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସାମାଜିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଉଲ୍ଲାସ ମାଧ୍ୟମରେ ନିରକ୍ଷର ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ



କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିଛି । ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରିବା ସରକାରଙ୍କ ଲକ୍ଷ୍ୟ ରହିଛି । ବିଶେଷ କରି ଲେଖିବା ଓ ପଢିବା ଉପରେ ଗୁରୁତ୍ୱ ଦିଆ ଯାଇଛି । ପ୍ରତ୍ୟେକ ଜନତା ଙ୍କ ସ୍ୱାକ୍ଷର କରିବା , ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ରହିଛି ।ଶିକ୍ଷକ ମନୋଜ ପଣ୍ଡା ଓ ଦୀପକ ପାତ୍ର ଉଲ୍ଲାସ ର ତାଲିମ ପ୍ରଦାନ କରିଥିବା ବେଳେ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ରମେଶ ଚନ୍ଦ୍ର ନାହାକ,୮ ଟି କ୍ଲଷ୍ଟର ର ସିଆରସିସି,ପ୍ରଧାନ ଶିକ୍ଷକ ଓ ସ୍ୱେଚ୍ଛାସେବୀ ଶିକ୍ଷକ ଉପସ୍ଥିତ ରହି ତାଲିମ ନେଇଥିଲେ ।

ମୈତ୍ରୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

ଫୁଲବାଣୀସଦର :୦୨/୦୯(ଅକ୍ଷର ଓଡିଶା) ରକ୍ତଦାନ ହେଉଛି ମହାନ ମାନବିକତାର ପରିଚୟ। ଆବଶ୍ୟକ ସମୟରେ ଜଣେ ରୋଗୀଙ୍କ ଜୀବନ ରକ୍ଷାରେ ରକ୍ତର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଏହି ମାନବିକ ବାର୍ତ୍ତାକୁ ନେଇ ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ ପରିସରରେ ମୈତ୍ରୀ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୈତ୍ରୀ ଅନୁଷ୍ଠାନର ଆବାହକ ପ୍ରିୟାଂଶୁ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଯୁବପିଢ଼ିଙ୍କ ମଧ୍ୟରେ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି ସହ ଆବଶ୍ୟକ ସମୟରେ ରକ୍ତ ଯୋଗାଣରେ ସହାୟତା କରିବା ଉଦ୍ଦେଶ୍ୟ ରହିଥିଲା। ଶିବିରରେ ସ୍ୱେଚ୍ଛାରେ ରକ୍ତଦାନ କରିବାକୁ ଛାତ୍ରଛାତ୍ରୀ ଓ ଯୁବ ସମାଜସେବୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ମୋଟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିଶେଶ୍ୱର ଆଚାର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଶତାଧିକ ଛାତ୍ରଛାତ୍ରୀ ଓ ବହୁ



ଯୁବ ସମାଜସେବୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଅଧକ୍ଷ ଡ଼ଃ ଆଚାର୍ଯ୍ୟ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ଯୁବପିଢ଼ିଙ୍କ ଅଧିକରୁ ଅଧିକ ଅଂଶଗ୍ରହଣର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଏହି ଶିବିର ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବସମାଜ ମଧ୍ୟରେ ‘ରକ୍ତଦାନ ମହାଦାନ’ର ବାର୍ତ୍ତା ପହଞ୍ଚିବା ସହ ସମାଜସେବା ପ୍ରତି ଯୁବପିଢ଼ିଙ୍କ ଦାୟିତ୍ୱବୋଧ ବୃଦ୍ଧି ପାଇବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଶିବିରକୁ ସଫଳ କରିବାରେ ସହଯୋଗ କରିଥିବା ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ, ଯୁବ ସମାଜସେବୀ ଓ ସମସ୍ତ ରକ୍ତଦାତାଙ୍କୁ ମୈତ୍ରୀ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜଣା ।

ଭୟଙ୍କର ଦୁର୍ଘଟଣାରେ ଜଣେ ମୃତ୍ୟୁ

ସୁବର୍ଣ୍ଣପୁର: ୨ ।୯(ସଂଗ୍ରାମ ମହାପାତ୍ର)ଆଜି ସନ୍ଧ୍ୟା ୬ ଟା ରେ ସୁବର୍ଣ୍ଣପୁର ନାଗ ପାଲି ଖଲିଆପାଲି ରାସ୍ତା ରେ ଦୁଇଟି ଟ୍ରକ ମୁହାମୁହିଁ ଧକ୍କା ଦୁର୍ଘଟଣା ଯୋଗୁଁ ଜଣେ ଡ୍ରାଇଭର ଙ୍କ ଘଟଣା ସ୍ଥଳ ରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗାଡ଼ି ର ଡ୍ରାଇଭର ଙ୍କୁ ସୋନପୁର ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀ ଚିକିତ୍ସା ପାଇଁ ମୁଖ୍ୟ ଚିକିତ୍ସାଳୟ ଠାରେ ଭର୍ତ୍ତି କରିଥିଲେ କ୍ଷ ଖବର ପାଇ ଘଟଣା ସ୍ଥଳ ରେ ତୁରନ୍ତ ଅଗ୍ନିଶମ ବାହିନୀ ପହଞ୍ଚି ବହୁ କଷ୍ଟରେ ଗାଡ଼ି ଭିତରୁ ଉଭୟ ଡ୍ରାଇ ଭର ଙ୍କୁ ଉଦ୍ଧାର କରିଥିଲେ । ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ମୃତ୍ୟୁ ବେକ୍ତି ର ଗୋଡ଼ କାଟି ବାହାର କରାଯାଇଥିଲା ।

ଚଣ୍ଡାଳମୁଣ୍ଡାରରେ ଜୁଆ ଆଡ୍ଡା ଉପରେ ଚଢ଼ାଉ



ନନ୍ଦପୁର,୦୨/୦୯(ଶ୍ରୀରାମ ଖରା)ନନ୍ଦପୁର ଥାନା ଅଧିନ କୁମାର ଗନ୍ଧଣା ପଞ୍ଚାୟତ ନନ୍ଦପୁର ଥାନାପୁଲିସ ଜୁଆ ଖେଳ ଅଭିଯୋଗରେ ଚଣ୍ଡାଳ ମୁଣ୍ଡାର ଗାଁ ନିକଟ ନୀରଗୀଳି ଜଙ୍ଗଲରେ ବଡ଼ଧରଣର ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରିଛି । ଏହି ସମ୍ପର୍କରେ ନନ୍ଦପୁର ଥାନାରେ କେସ୍ ନମ୍ବର ୧୩୬ /୨୦୨୬, ତାରିଖ ।୩୧.୦୮.୨୦୨୬ରେ ଧାରା ୧୧୨(୨) ବିଏନ୍‌ଏସ୍ ଏବଂ ଓଡ଼ିଶା ପ୍ରିଭେନ୍‌ସନ୍ ଅଫ୍ ଗ୍ୟାମ୍ବଲିଂ ଆକ୍ଟର ଧାରା ୩ ଅନୁଯାୟୀ ମାମଲା ରୁଜୁ ହୋଇଛି ।ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ହେଲେ ଭଗବାନ ଖିଲା(୩୬),ହରି ପାଙ୍ଗି (୩୪),ରାମା ତୋଟାପାଡ଼ିଆ (୩୮), ଜଗବନ୍ଧୁ ବଡନାୟକ (୨୮), ବୁଦ୍ରା ଚଲାଣ (୩୫), ଗୋରା ସୁଖିଆ (୧୯), ଧନୁର୍ଜୟ ବଡନାୟକ (୪୨), ପିତାମ୍ବର ଖେମୁଣ୍ଡୁ (୩୬), ବୁଡୁ ପାଙ୍ଗି (୨୨), ହରି ପାଙ୍ଗି (୨୭), କୃଷ୍ଣ ଜାଡ଼ିଆ (୪୦), ଲକ୍ଷ୍ମଣ ବଡନାୟକ (୩୮) ଏବଂ ହରିବନ୍ଧୁ ହନ୍ତାଳ ଓରଫ ମେଟା (୪୨)। ସମସ୍ତଙ୍କ ଘର କୋରାପୁଟ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।ଚଢ଼ାଉ ସମୟରେ ପୁଲିସ ୨ଟି ଚାରିଚକିଆ ଗାଡ଼ି, ୩ଟି ମୋଟରସାଇକେଲ, ୬୦ ହଜାର ୩୧୦ ଟଙ୍କା ନଗଦ, ୧୦ଟି ମୋବାଇଲ ଫୋନ୍ ସହ ଜୁଆ ଖେଳରେ ବ୍ୟବହୃତ ତାସ, ମ୍ୟାଟ୍ ଆଦି ଜବତ କରିଛି ।ଗିରଫ ୧୩ ଜଣଙ୍କୁ ୧ ସେପ୍ଟେମ୍ବରରେ ନନ୍ଦପୁର ପୁଲିସ ପକ୍ଷରୁ କୋର୍ଟକୁ ଚାଲାଣ କରାଯାଇଛି । ଘଟଣା ସମ୍ପର୍କରେ ନନ୍ଦପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

ବିକଶିତ ଗାଁ–ବିକଶିତ ଓଡ଼ିଶା’ ପ୍ରକଳ୍ପ ତାଲିକାରେ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାଙ୍କ ଅଣଦେଖା କରାଯାଇଥିବା ଅଭିଯୋଗ

ସିନାପାଲି -୦୨/୦୯/(ଅକ୍ଷର ଓଡିଶା) ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଚାଲିଥିବା ‘ବିକଶିତ ଗାଁ–ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମରେ ପ୍ରକଳ୍ପ ଚୟନ ଓ ଅନୁମୋଦନକୁ ନେଇ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଅନୁମୋଦିତ ପ୍ରକଳ୍ପ ତାଲିକାରେ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାଙ୍କ ପ୍ରସ୍ତାବକୁ ଅଣଦେଖା କରାଯାଇଥିବା ଅଭିଯୋଗ ଉଠିଛି ।ଏନେଇ ପ୍ରକଳ୍ପ ତାଲିକାର ପୁନଃବିଚାର କରି ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ଉପଯୁକ୍ତ ଅଗ୍ରାଧିକାର ଦେବା ଦାବିରେ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି ।ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ‘ବିକଶିତ ଗାଁ–ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମ-୨୦୨୬-୨୭ ଅଧୀନରେ ପ୍ରକଳ୍ପ ଚୟନ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଓ ମାର୍ଗ ଦର୍ଶିକା ଜାରି ହୋଇଥିଲା । ପଞ୍ଚାୟତସ୍ତରରେ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବ ଦେବା ପାଇଁ ସରକାରୀ ନିର୍ଦ୍ଦେଶନାମରେ ପଂଚାୟତି ରାଜ ପ୍ରତିନିଧିମାନଙ୍କ ସମ୍ପୃକ୍ତିକୁ ଅଗ୍ରାଧିକାର ଦିଆଯାଇଥିବା ଦାବି କରାଯାଇଛି ।ଏହି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଂକଳ୍ପ ସଂଖ୍ୟା ୭୯୯, ତାରିଖ ୦୭.୦୧.୨୦୨୬, ପତ୍ର ନମ୍ବର ୬୧୪୩, ତାରିଖ ୨୬.୦୨.୨୦୨୬ ସମେତ ୦୭ ମେ ୨୦୨୬ର ପତ୍ର ନମ୍ବର ୧୯୩୫ ଓ ୧୯୩୯ ଏବଂ ୩୧ ଜୁଲାଇ ୨୦୨୬ର ପତ୍ର ନମ୍ବର ୩୦୮୩ ଆଦିର ଉଲ୍ଲେଖ ଦାବିପତ୍ରରେ ରହିଛି ।ଜନପ୍ରତିନିଧିମାନଙ୍କ କହିବା ଅନୁଯାୟୀ, ଗ୍ରାମାଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଆଲୋକୀକରଣ, ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ପ୍ରକୃତ ସମସ୍ୟାକୁ ପଂଚାୟତ ସ୍ତରର ପ୍ରତିନିଧିମାନେ ନିକଟରୁ ଜାଣିଥାନ୍ତି । ତେଣୁ ପ୍ରକଳ୍ପ ଚୟନ ସମୟରେ ସେମାନଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେବା ଆବଶ୍ୟକ ।ତେବେ ଅନୁମୋଦିତ ପ୍ରକଳ୍ପ ତାଲିକା ପ୍ରକାଶ ପରେ କେତେକ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଞ୍ଚଳର ଆବଶ୍ୟକତାକୁ ଆଧାର କରି ଦିଆଯାଇଥିବା ପ୍ରସ୍ତାବରୁ ଅନେକ ପ୍ରକଳ୍ପ ତାଲିକାରେ ସ୍ଥାନ ପାଇନଥିବା ସେମାନେ ଅଭିଯୋଗ କରିଛନ୍ତି । ପଞ୍ଚାୟତ ସ୍ତରରେ



ଗ୍ରାମ ସଭା ଦ୍ୱାରା ସ୍ଥିରୀକୃତ ଓ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଯୋଗ୍ୟତା, ଉପଯୋଗିତା ଓ କାର୍ଯ୍ୟକାରିତା ଯାଞ୍ଚ ପାଇଁ ପ୍ରସ୍ତୁତ ହୋ







କେନ୍ଦୁଝର





ଗୁରୁବାର ୦୩।୦୯।୨୦୨୬

ଅକ୍ଷୟ

AKHYARA ODISHA ଓଡ଼ିଶା

ମଉକା ଦେଖି ଚଉକା ମାରିବାକୁ ବସିଥିଲା ବନବିଭାଗ

କେନ୍ଦୁଝର:୦୨/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ବନଖଣ୍ଡ ବଡ଼ବିଲ ବନାଞ୍ଚଳ ନାଲଦା ସେକ୍ସନ କରଖେନ୍ଦ୍ର ବିଟ ଅନ୍ତର୍ଗତ ଉଲ୍ଲିବୁରୁ ସଂରକ୍ଷିତ ଜଙ୍ଗଲର ଓଏମଡିସି ବେଲକୁଣ୍ଡି ମାଇନ୍ସ ଲିଜ ଏରିଆରେ ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ ଦ୍ୱାରା ବେଆଇନ ଭାବେ ଜଙ୍ଗଲରୁ ଶତାଧିକ ମୂଲ୍ୟବାନ ଶାଳଗଛ କାଟି ନଷ୍ଟକରି ସେଠାରେ ରାସ୍ତା ନିର୍ମାଣ କରୁଥିବା ଏବଂ ବନବିଭାଗର ଜ୍ଞାତସାରରେ ଏହା ହୋଇଥିବା ଅଭିଯୋଗ କରି ଏବଂ ବେନିୟମ ଭାବେ ଜଙ୍ଗଲ ନଷ୍ଟ କରିବା ଓ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣରେ ସଂପୃକ୍ତ ବ୍ୟକ୍ତି ଏବଂ ଅଧିକାରୀ ମାନଙ୍କୁ ଗିରଫ କରିବା ଦାବିରେ ସିଟୁ, କେନ୍ଦୁଝର ଜିଲ୍ଲା କମିଟି ପକ୍ଷରୁ ସଭାପତି ଇନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟାଳୟ କେନ୍ଦୁଝରଗଡ଼ ଠାରେ ଅବସ୍ଥିତ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ବନଖଣ୍ଡ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।ଘଟଣାକ୍ରମରେ, ଗତ ଅଗଷ୍ଟ ୨୬ ତାରିଖ ବୁଧବାର ଦିନ ଅପରାହ୍ନ ୨.୨୮ ରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ବହୁଳ ଭାବେ ବ୍ୟବହୃତ ସାମାଜିକ ଗଣମାଧ୍ୟମ ହ୍ୱାଟସଆପ ଜରିଆରେ ସୂଚନା ଦେଇଥିଲେ ଯେ, ଗତ ଅଗଷ୍ଟ ମାସ ୨୪ ତାରିଖ ଦିନ ବନବିଭାଗର ନିୟମିତ ପେଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉଲ୍ଲିବୁରୁ ସଂରକ୍ଷିତ ଜଙ୍ଗଲରେ ଶାଳଖୁଣ୍ଟି ଓପାଡି ଅନ୍ୟ ସ୍ଥାନରେ ପୋତିବା କାରଣରୁ ସେଠାରେ ନିୟୋଜିତ ୩ଟି ହାଇୱା ଏବଂ ୨ ଟି ଏସ୍କାଭେଟର ଅଟକ ରଖାଯାଇଛି । କିନ୍ତୁ କେଉଁ ବ୍ୟକ୍ତି ବା କମ୍ପାନୀ ଦ୍ୱାରା ଏଭଳି ବେଆଇନ କାର୍ଯ୍ୟକଳାପ ଚାଲିଥିଲା ସେ ସୂଚନା ପ୍ରଦାନ କରିନଥିଲେ। ଅଗଷ୍ଟ ମାସ ୨୪ ତାରିଖର ଘଟଣାକୁ ଅଗଷ୍ଟ ୨୬ ତାରିଖରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବା ଏଂ ସୂଚନାରେ ଅଭିଯୁକ୍ତ ବ୍ୟକ୍ତି କିମ୍ବା କମ୍ପାନୀର ନାମ ଉଲ୍ଲେଖ ନକରିବା ହେତୁ ବନଖଣ୍ଡ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି । ସେହିଭଳି ଚଳିତ ସେପ୍ଟମ୍ବର ମାସ ୧ ତାରିଖ ପୂର୍ବାହ୍ନ ୧୧.୪୯ ରେ ସେହି ଘାଟଣାକୁ ନେଇ ପୁନର୍ବାର ହ୍ୱାଟସଆପ ଜରିଆରେ ଏକ ସୂଚନା ପ୍ରଦାନ କରିଛନ୍ତି ଯେ, ଉପରୋକ୍ତ ଘଟଣାକୁ ବନବିଭାଗ ଯାଞ୍ଚ କରିବାପରେ ଏହା ସ୍ପଷ୍ଟ ହୋଇଛି ଯେ, ବେଆଇନ ନିର୍ମାଣ ହେଉଥିବା ସ୍ଥାନଟି ଉଲ୍ଲିବୁରୁ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଏପ୍ରକଳ୍ପ କାର୍ଯ୍ୟ ବିନା ଅନୁମତିରେ କରାଯାଉଥିଲା । ପରବର୍ତ୍ତୀ ସମୟରେ ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ ପ୍ରକଳ୍ପ ଏବଂ ଓଏମଡିସି ବେଲକୁଣ୍ଡି ମାଇନକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା । ପ୍ରାପ୍ତ ଉତ୍ତର ଗୁଡ଼ିକୁ ବଡ଼ବିଲ ରେଞ୍ଜ ଅଧିକାରୀ ଏବଂ ବନବିଭାଗ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା । ଉପଲବ୍ଧ ରେକର୍ଡ ଏବଂ ପ୍ରାପ୍ତ ଉତ୍ତର ଗୁଡ଼ିକର ଯାଞ୍ଚପରେ ବନବିଭାଗ ଏହି ନିଷ୍କର୍ଷରେ ପହଞ୍ଚିଛି ଯେ, ଓଏମଡିସି ବେଲକୁଣ୍ଡି ମାଇନ୍ସ ଅଞ୍ଚଳରେ ରେଲୱେ ସାଇଡିଂ ସମ୍ପର୍କିତ କାର୍ଯ୍ୟ ଆରମ୍ଭ କରାଯାଇଥିଲା, ଯାହାର କିଛିଅଂଶ ଉଲ୍ଲିବୁରୁ ସଂରକ୍ଷିତ ଜଙ୍ଗଲ ଏବଂ ସରକାରୀ ଜମି ମଧ୍ୟରେ ଅତିକ୍ରମ କରୁଛି ଏବଂ ଏଥିପାଇଁ ଆବଶ୍ୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇନଥିଲା । ଏହି କ୍ଷେତ୍ରରେ ଆବଶ୍ୟକ ଅନୁମତି ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଠାରୁ ଆବଶ୍ୟକ ଥିବାବେଳେ କମ୍ପାନୀ ପକ୍ଷରୁ ଆବଶ୍ୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବନା ଅନୁମତିରେ ବେଆଇନ ଭାବେ ସଂରକ୍ଷିତ ଜଙ୍ଗଲରେ ଶତାଧିକ ମୂଲ୍ୟବାନ ଶାଳଗଛ କାଟି ପ୍ରକଳ୍ପ ନିର୍ମାଣ କରାଯାଇଥିବାରୁ ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ ପ୍ରକଳ୍ପ ମୁଖ୍ୟଙ୍କ ବିରୁଦ୍ଧରେ ବଡବିଲ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ଓଆର କେସ ନଂ ୧୭ ବିଏଲ/୨୦୨୬-୨୭/୨୯-୦୮-୨୦୨୬ ରେ ମାମଲା ରୁଜୁ କରାଯାଇଛି ଏବଂ ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଆବଶ୍ୟକ ସମସ୍ତ ବୈଧାନିକ ଅନୁମତି ମିଳିବା ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପକାର୍ଯ୍ୟ ପୁନର୍ବାର ଆରମ୍ଭ ନକରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଅଟକଥିବା ୫ ଟି ।ନକୁ ଜବତ କରାଯାଇଛି ।ଡିଏଫଓ ଧନରାଜ ଏଚଡିଙ୍କ ଏଭଳି ପ୍ରେସବିଜ୍ଞପ୍ତି ସତ୍ତ୍ୱେ ବନବିଭାଗର ଭୂମିକା ସନ୍ଦେହଘେରରେ ଥିବାବେଳେ, ଆଜି ପୂର୍ବାହ୍ନରେ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେଣ୍ଟର ଅଫ ଇଣ୍ଡିଆନ ଟ୍ରେଡ ୟୁନିଅନ (ସିଟୁ) କେନ୍ଦୁଝର ଜିଲ୍ଲା କମିଟି ପକ୍ଷରୁ ସଭାପତି ଇନ୍ଦ୍ରମଣୀ ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ନାରାଦେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଡିଏଫଓ ଧନରାଜ ଏଚଡିଙ୍କୁ ପ୍ରଦାନ କରିଛନ୍ତି । ଜିଲ୍ଲା କମିଟି ସଭାପତି ଇନ୍ଦ୍ରମଣୀ ବେହେରା କହିଛନ୍ତି, ଗତ ଅଗଷ୍ଟ ୨୩ ତାରିଖରେ ଆମେ ଭଲିବୁରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବିନା ଅନୁମତିରେ ଜଙ୍ଗଲ ନଷ୍ଟ କରିବା ଏବଂ ଖଣୀ ଖନନ ପାଇଁ ରାସ୍ତା କରିବା ସମ୍ବନ୍ଧରେ ଡିଏଫଓଙ୍କୁ ଅବଗତ କରାଇଥିଲୁ ଯାହା ଆଜି ପର୍ଯ୍ୟନ୍ତ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ କାଗଜ କଲମରେ ସିମିତ ହୋଇ ରହିଛି । ଯେଉଁ ମାନେ ଏଥିରେ ସଂପୃକ୍ତ, ଆଜି ଆରମ୍ଭରେ ବୁଲିଛନ୍ତି । ଯଦି କୌଣସି ସାଧାରଣ ନାଗରିକ ଜଙ୍ଗଲରୁ ଗଛକାଟି ନେଇଥାନ୍ତା ତେବେ ବନବିଭାଗ ତାକୁ ଗିରଫ କରି କୋର୍ଟକୁ ପଠାଇଥାଆନ୍ତା, କିନ୍ତୁ ଏତେବଡ ଘଟଣାରେ ସଂପୃକ୍ତ ଥିବା ପକ୍ଷଙ୍କୁ ଗିରଫ କରାନଯିବା ବନବିଭାଗର ଭୂମିକା ଅଧିକ ସନ୍ଦେହଘେରକୁ ଯାଉଛି । ଜଙ୍ଗଲ ନଷ୍ଟକରି ରାସ୍ତା ତିଆରି କରିବାକାର୍ଯ୍ୟ ଗୋଟିଏ ଦିନରେ ହୋଇନାହିଁ ବରଂ ଏହା ଗତ ଜୁନ ମାସରୁ ଆରମ୍ଭ ହୋଇଥିବା ବେଳକୁ ବନବିଭାଗର ବଡ଼ବିଲ ରେଞ୍ଜ ଅଧିକାରୀ, ନାଲଦା ଫରେଷ୍ଟର ଏବଂ ବିଟ୍ ଫରେଷ୍ଟ ଗାର୍ଡ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଲେ ନାହିଁ। ଏପରକ ଡଏଫଓ ମଧ୍ୟ ପୁରବୁ ଅବଗତ ଥିଲେବୋଲି ଶ୍ରୀ ବେହେରା ଦାବି କରିଛନ୍ତି । ବଡବିଲ ବନାଞ୍ଚଳର ଉକ୍ତ ନିତିଜଣ ଅଧିକାରୀ ମଧ୍ୟ ସରକାରୀ ସମାଉି ବା ସମ୍ପଦ ଯଥା ଜଙ୍ଗଲଜମି ନଷ୍ଟ କରିବାର ସମ ପରିମାଣରେ ଦାୟୀ । ଯେଉଁ କଂପାନୀ ରାସ୍ତା ତିଆରି କରିଛି, ସେ କହୁତି ଯେ, ଚକ୍ରଧରପୁର ରେଳ ମଣ୍ଡଳ ତାକୁ ଅନ୍ୟ ଏକ ସରକାରୀ କଂପାନୀର ରେଳ ଲାଇନ, ଜଙ୍ଗଲ ଜମି ଯାହା ସରକାରୀ କ'ପାନୀର ଅଧୁନରେ ଅଛି, ତାକୁ ଉଠାଇ ନେଇଯିବା ପାଇଁ ଅନୁମତି ଦେଇଛନ୍ତି ଯାହା ଆଇନ ବିରୁଦ୍ଧ ଅଟେ । ଓଏମଡିସି କଂପାନୀ ମଧ୍ୟ ସଂରକ୍ଷିତ ଜଙ୍ଗଲ (ଲିଜ୍) ଜମିରେ କାମ କରିବାକୁ ଅନୁମତି ଦେବା କଥା କହୁଛନ୍ତି । ରକ୍ତ ବେଆଇନ କାର୍ଯ୍ୟ ଯଥା ଜଙ୍ଗଲଜମିରେ ରାସ୍ତା ନିର୍ମାଣ ଏବଂ ସଂରକ୍ଷିତ ଜଙ୍ଗଲ ନଷ୍ଟ କରିବାରେ ବନବିଭାଗର ତିନି ଅଧିକାରୀ, ଚକ୍ରଧରପୁର ରେଳ ବିଭାଗ, ଓଏମଡିସି କର୍ତ୍ତୃପକ୍ଷ ଏବଂ ରାସ୍ତା ତିଆରି କରିଥିବା କଂପାନୀ ସମପରିମାଣରେ ଦାୟୀ ଏଂ ସମସ୍ତଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଆଇନଗତ ପଦକ୍ଷେପ ନେବାପାଇଁ ଦାବି କରିଛନ୍ତି ।

ପଣ୍ଡାପଡ଼ା ଥାନାରେ ଆମ ପୁଲିସ ସମିତି ସଭା



ହରିଚନ୍ଦନପୁର ୦୨/୦୯(ଶୂନ୍ୟରଞ୍ଜନ ଘଣା): ପଣ୍ଡାପଡା ଥାନା ପରିସରରେ ଆମ ପୁଲିସ ସମିତି ସଭା ଏସ୍ଆଇ ଶିବରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଆଇଆଇସି ରବିଶଙ୍କର ଭୋସା ଉପସ୍ଥିତ ସଭ୍ୟ ମାନଙ୍କୁ ଆମ ପୁଲିସ ସମିତିର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଅଞ୍ଚଳରେ ହେଉଥିବା ଚୋରି, ରାହାଜାନି, ଦୁର୍ଘଟଣାଆଦି ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସମିତି ସଭ୍ୟ ମାନଙ୍କ ସହଯୋଗ ସହାୟକ ହେବ ବୋଲି କହିଥିଲେ । ସଭାରେ ଉପସ୍ଥିତ ସଭ୍ୟ ଦୁର୍ଯ୍ୟୋଧନ ବାରିକ, ପ୍ରସନ୍ନ ମହାନ୍ତି, ବିଷ୍ଣୁ ବେହେରା, ସୁରେଶ ସାହୁ, ନାରାୟଣ ରାଉଳ, ଦୟାନିଧି ବାରିକ, ଯଶୋବନ୍ତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆମ ପୁଲିସ ସମିତିର ବୈଠକ ନୂତନ ଆଇନ ଉପରେ ଆଲୋକପାତ



ହରିଚନ୍ଦନପୁର, ୦୨/୦୯(ଶୂନ୍ୟରଞ୍ଜନ ଘଣା) :ସାଂପ୍ରତିକ ପରିସ୍ଥିତିରେ ଜନସାଧାରଣ ମାନେ ବିଭିନ୍ନ ସମୟରେ ଠକାମୀର ଶିକାର ହେବା ସହ ନିଶା ପାନ କରି ଘରେ ଘରେ ଗଣ୍ଡଗୋଳ କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଲକ୍ଷ୍ୟ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଓଡିଶା ପୁଲିସ ତରଫରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।ଏହି କ୍ରମରେ ହରିଚନ୍ଦନପୁର ଥାନା ତରଫରୁ ବ୍ଲକ୍ ର ପିଠାଗୋଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ପୁଲିସ ସମିତିର ଏକ ବୈଠକ କରାଯାଇ ପଞ୍ଚାୟତବାସୀଙ୍କୁ ସଚେତନତା କରାଯାଇଥିଲା । ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦିଗାମ୍ବର ନାଏକଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର, ବୁଦ୍ଧିଜୀବୀ, ଛାତ୍ର ଛାତ୍ରୀ, ଯୁବଗୋଷ୍ଠୀ ସାମିଲ ରହିଥିଲେ । ନିଶାମୁକ୍ତ ଭାରତ ଅଭିଯାନ, ନ୍ୟୁ କ୍ରିମିନାଲ ପଲିସି (ନୂତନ ଆଇନ), ସାଇବର ଠକେଇ ଆଦି ଉପରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ଥାନାର ଏଏସ୍ଆଇ, ହାବିଲଦାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ରହିଥିଲେ ।

ଯୁବକଙ୍କୁ ୧୦ବର୍ଷ ଜେଲ୍,୩ ନିର୍ଦ୍ଦୋଷରେ ଖଲାସ

ହରିଚନ୍ଦନପୁର ୦୨/୦୯ (ଶୂନ୍ୟରଞ୍ଜନ ଘଣା):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପାଣ୍ଡପଡା ଥାନା ଅନ୍ତର୍ଗତ ତେନ୍ତେଳା ପଶି ଗ୍ରାମରେ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଖବର ଆଲୋଡନ ସୃଷ୍ଟି କରିଥିଲା । ନାବାଳିକାଙ୍କୁ ଘରୁ ଡାକି ନେଇ ଗଣବଳାତ୍କାର କରିବା ପରେ ଏକ ସୁଜୁନା ଗଛରେ ମୃତଦେହ ଝୁଲିଥିବା ଅଭିଯୋଗ ହୋଇଥିଲା । ପରିବାର ଲୋକଙ୍କ ଏତଲା ଅନୁସାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାତ୍ର ଅଦାଲତରେ ମୃତକଙ୍କୁ ନାବାଳିକା ବୋଲି ପ୍ରମାଣ କରିବାରେ ପୁଲିସ ବିଫଳ ହେବା ପରେ ଗଣବଳାତ୍କାର ନେଇ ପ୍ରମାଣ କରିବାରେ ମଧ୍ୟ ଅସଫଳ ହୋଇଛି । ଏହି ଘଟଣାରେ ମୃତକଙ୍କ ପ୍ରେମିକ କୁହାଯାଇଥିବା ସାଗର କୁମାର ନାଏକ ଅଦାଲତ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ସାଗର ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି । ଏହାସହିତ ମୃତକ ପରିବାରକୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ତେନ୍ତଳାପଶି ଗ୍ରାମର ଜଣେ ନାବାଳିକାଙ୍କୁ ୨୦୨୫ ଜୁନ୍ ୧୬ ତାରିଖ ରାତିରେ ଘରୁ ଡାକି ନେଇ ହତ୍ୟା କରାଯାଇଥିଲା । ପରିବାର ପକ୍ଷରୁ ପାଣ୍ଡପଡା ଥାନାରେ ଲିଖିତ ଏତଲା ଦିଆଯାଇଥିଲା । ଏତଲା ପାଇବା ପରେ ପୁଲିସ ବଡ଼କମଣ୍ଡରା ଗ୍ରାମର ପିଙ୍କୁ ଓରଫ ସାଗର କୁମାର ନାୟକ (୧୯), ରାଜା ଓରଫ ବିକାଶ କୁମାର ନାଏକ (୧୯), ଜିତୁ ଓରଫ ସୁଜିତ ନାଏକ (୨୭) ଏବଂ ସାନକମଣ୍ଡରା ଗ୍ରାମର ନିଟି ଓରଫ ମୁରଲୀଧର ସାହୁ (୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାତ୍ର ମୃତକ ନାବାଳିକା ବୋଲି ପ୍ରମାଣ କରାଯାଇ ପାରିନଥିବା ବେଳେ ଗଣବଳାତ୍କାର ର ମଧ୍ୟ ଠୋସ ପ୍ରମାଣ ମିଳିନଥିଲା । କେବଳ ସାଗର ବଳାତ୍କାର କରିଥିବା ପ୍ରମାଣ ମିଳିଥିବାରୁ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଅନ୍ୟ ୩ ଅଭିଯୁକ୍ତଙ୍କୁ ଅଦାଲତ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି ।ଏହି ଘଟଣା ସେ ସମୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବିରୋଧୀ ଦଳମାନେ ସରକାରଙ୍କୁ ଘେରିଥିଲେ । ଏପରିକି ଏଆଇସିସି ପକ୍ଷରୁ ମହିଳା ସାଂସଦମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଅଦାଲତରେ ୨୨ ଜଣ ସାକ୍ଷୀ ଉପସ୍ଥିତ ହୋଇ ଜବାନବନ୍ଦୀ ଦେଇଥିଲେ । ସାକ୍ଷୀଙ୍କ ବୟାନକୁ ଆଧାର କରି ଫାଷ୍ଟଟ୍ରାକ କୋର୍ଟରେ ବିଚାରପତି ବିଜୟ କୁମାର ମିଶ୍ର ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି ।ସରକାରଙ୍କ ପକ୍ଷରୁ ସତନ୍ତ ପିପି ପତିତପାବନ ନାଥ ଉକ୍ତ ମୋକଦ୍ଦମା ପରିଚାଳନା କରିଥିଲେ ।ପାଣ୍ଡପଡା ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ବେଳେ ନାବାଳିକା ଜଣକ ଅଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ନିୟମ ଅନୁସାରେ ଘଟଗାଁ ଏସଡିପିଓ ବିଜୟ କୁମାର ମହାପାତ୍ର ଙ୍କୁ ତଦନ୍ତ ଭାର ଦିଆ ଯାଇଥିଲା ।ନିୟମକୁ ମହାମାନ୍ୟଙ୍କୁ ତଦନ୍ତରେ ଦିଆଯାଇଥିଲା । ସୂଚନାଯୋଗ୍ୟ ତେନ୍ତଳାପଶି ଗ୍ରାମରେ ଜଣେ ଆଦିବାସୀ ଗରିବ ଝିଅ କୁ ସାଗର ପ୍ରେମ ଜାଲ ରେ ଫସେଇ ଥିଲା । ସାଗର ଏକ ମେଡ଼ିସିନ ଦୋକାନରେ କାମ କରୁଥିବା ବେଳେ ନିରୀହ ନାବାଳିକାକୁ ବିବାହ କରିବାର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରୁଥିଲା ।

ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

କେନ୍ଦୁଝର:୦୦୨/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥା ଆନୁକୂଲ୍ୟରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ସାହାଣୀ କପ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟ ପାଇଁ କେନ୍ଦୁଝର ଜିଲ୍ଲା ଦଳ ଚୟନ ଆସନ୍ତା ସେପ୍ଟମ୍ବର ମାସ ୩ ତାରିଖ ଗୁରୁବାର ଦିନ କେନ୍ଦୁଝରଗଡ଼ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣ ପତ୍ର (ଜନ୍ମ ସାର୍ଟିଫିକେଟ/ହାଇସ୍କୁଲ ସାର୍ଟିଫିକେଟ/ଆଧାର କାର୍ଡ) ସହ ନିଜର ଖେଳ ଉପକରଣ ଧରି ଜିଲ୍ଲା କ୍ରୀଡାସଂସ୍ଥା କାର୍ଯ୍ୟାଳୟଠାରେ ଫୁଟବଲ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ନିକଟରେ ପୂର୍ବାହ୍ନ ୯ ଘଟିକା ସମୟରେ ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ପ୍ରେସ ଇଷ୍ତାହାରରେ ଜଣାଇଛନ୍ତି । ସବଶେଷ ବିବରଣୀ ପାଇଁ ଜିଲ୍ଲା କ୍ରୀଡାସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୋବାଇଲ ନମ୍ବର ୯୯୩୭୧୨୮୨୦୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

ନାମ ପଞ୍ଜିକରଣ କରିବାକୁ ଆସି ଲ୍ୟାମ୍ପରେ ଚେତାଶୂନ୍ୟ ହେଲେ ଚାଷୀ



ଚମ୍ପୁଆ :୦୨/୦୯(ରାମକୃଷ୍ଣ ଜିତ):-ନାମ ପଞ୍ଜିକରଣ କରିବାକୁ ଆସି ଲ୍ୟାମ୍ପ ରେ ଚେତାଶୂନ୍ୟ ହେଲେ ଚାଷୀ। ଚମ୍ପୁଆ ବ୍ଲକ ବ୍ରହ୍ମପୁର ଗାଁ ର ବଳରାମ ଗିରି ଧାନ ବିକ୍ରୀ ପାଇଁ ତିନି ଦିନ ହେବ ନାମ ପଞ୍ଜିକରଣ କରିବାକୁ ଚମ୍ପୁଆ ଲ୍ୟାମ୍ପ କୁ ଆସୁଥିଲେ ।ନାମ ପଞ୍ଜିକରଣ ପାଇଁ ସକାଳୁ ଆସି ପ୍ରତିଦିନ ରାତିରେ ଘରକୁ ଫେରୁଥିବା ବେଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ଆଜି ଲ୍ୟାମ୍ପ ସମ୍ମୁଖରେ ହଠାତ୍ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଅନ୍ୟ ଚାଷୀ ଚମ୍ପୁଆ ଡାକ୍ତର ଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ନାମ ପଞ୍ଜିକରଣ କରିବାକୁ ଦୈନିକ ଶହଶହ ଚାଷୀ ରାତି ଅଧାରୁ ଚମ୍ପୁଆ ଲ୍ୟାମ୍ପ ସମ୍ମୁଖରେ ଭିଡ଼ ଜମାଇଥିବା ବେଳେ ପ୍ରତିଦିନ ରାତିସାରା ବହୁ ଚାଷୀ ଲ୍ୟାମ୍ପ ବାରଣ୍ଡାରେ ରାତି କରାଉଥିବା ଦେଖିବାକୁ ମିଳୁଛି । ତେବେ ଗତ ତିନିଦିନ ଧରି ବଳରାମ ଲ୍ୟାମ୍ପ କୁ ନାମ ପଞ୍ଜିକରଣ କରିବାକୁ ଆସି ଅସୁସ୍ଥ ହୋଇ ପଡିଥିଲେ । ତେବେ ଆଇ ସ୍କାନ ପାଇଁ ତାଙ୍କ ଉପସ୍ଥିତ ଜରୁରୀ ଥିବାରୁ ଅସୁସ୍ଥ ଥିବା ସତ୍ତ୍ୱେ ଆଜି ସକାଳୁ ଲ୍ୟାମ୍ପ ଆସିଥିଲେ। ତେବେ ଲ୍ୟା

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବଅଁରପାଳ ୦୨/୦୯ (ଅଜିତ)- ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ଗୋଡ଼ିସାହି କୋଠଘରେ ଗ୍ରାମର ସ୍ୱର୍ଗତ ଧର୍ମେନ୍ଦ୍ର ଜେନାଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଭଣ୍ଡାର ସହଯୋଗରେ ଅନୁଷ୍ଠିତ ହୋଇଥିଲା କ୍ଷ ପୂର୍ବତନ ସରପଞ୍ଚ ଲୋକନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଶୁଭ ଉଦଘାଟନ କରିଥିଲେ କ୍ଷ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ଯୁବ ସମାଜସେବୀ ଅଭିମନ୍ୟୁ ସାହୁ, ଦିନେଶ ପ୍ରଧାନ,ଅନିନ୍ଦିତ ପ୍ରଧାନ, ବନ୍ଦା ସମିତିସଭ୍ୟ ଦୁଷ୍ମନ୍ତ ଗଡ଼ନାୟକ ଓ ଗଡ଼ସନ୍ତୀ ସରପଞ୍ଚ ଟଙ୍କଧର ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ କ୍ଷ ଡ଼ଃ କୌଶିକ ପାତ୍ରଙ୍କ ତତ୍ତ୍ୱାବଧାନରେ ସହଯୋଗୀ ଅନୀଲ ବିଶ୍ୱାଳ, ମନୋରମା ସାହୁ, ହରିଶ ଜେନା, ରମେଶ ପାତ୍ର, କାମାକ୍ଷାପ୍ରସାଦ ସାହୁ ଓ ପଦ୍ମନାଭ ପ୍ରଧାନ ରକ୍ତସଂଗ୍ରହରେ ସହଯୋଗ କରିଥିଲେ କ୍ଷ ଅଜୟ ସାହୁ, ବସନ୍ତ ବିଶ୍ୱାଳ, ମନୋଜ ସାହୁ,ବିକାଶ ସାହୁ,ତପନ ଜେନା, ଅବିନାଶ ଜେନା, ରଞ୍ଜନ ଦାଶ, ରନିତ ଦାଶ ଓ ଉଗ୍ରସେନ ମହାରଣା ଶିବିର ପରିଚାଳନା କରିଥିଲେ କ୍ଷ ଶିବିରରୁ ସର୍ବମୋଟ ୫୫ ୟୁନିଟି ରକ୍ତ ସଂଗ୍ରହ ହୋଇଥିଲା ।

ହରିପୁର ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଗ୍ରାମବାସି

ସି. ଡି.ପି.ଓ ଙ୍କୁ ତଦନ୍ତ ନିର୍ଦ୍ଦେଶ

ଅଷ୍ତରଙ୍ଗ ୨/୯ (ଅକ୍ଷର ଓଡ଼ିଶା)ଛୁରିଆନା ପଞ୍ଚାୟତ ଅଧୀନ ହରିପୁର ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଅଧିକାଂଶ ସମୟ ଅନୁପସ୍ଥିତ ରହିବା ଓ ଏହି କେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ କର୍ମୀ ଜଣକ ନିଜ ଗାଁରେ ଅଧିକାଂଶ ସମୟ ନରହିବାରୁ ତାଙ୍କ ବଦଳରେ ପାଚିକା ଅଙ୍ଗନବାଡି ସମ୍ଭାଳିବା ଏଭଳି ଏକ ଲିଖିତ ଅଭିଯୋଗ ହସ୍ତଗତ ହୋଇଛି କ୍ଷ ସୂଚନାନୁସାରେ ହରିପୁର ଠାରେ ଏକ ଅଙ୍ଗନବାଡି କେନ୍ଦ୍ର ରହିଥିଲା ବେଳେ ଅଙ୍ଗନବାଡି କର୍ମୀ ଦମୟନ୍ତୀ ଜେନା ଯାହାର ଦାୟିତ୍ୱରେ ରହିଛନ୍ତି । ସେ ନିଜ ଗ୍ରାମରେ ନରହି ଅଧିକାଂଶ ସମୟ ଭୁବନେଶ୍ୱରରେ ତାଙ୍କ ସ୍ୱାମୀଙ୍କ ସହ ରହିବା ଓ ଅନ୍ୟାନ୍ୟ ଅବ୍ୟବସ୍ଥାକୁ ନେଇ ଅଭିଯୋଗ ଉଠିଛି । ଏନେଇ ନେଇ ହରିପୁର-ପାପୀରା ଗ୍ରାମବାସୀଙ୍କ ପକ୍ଷରୁ ଗତ ୩।୧ ତାରିଖ ରେ ଅଷ୍ତରଙ୍ଗ ବ୍ଲକରେ ଆୟୋଜିତ ଜିଲ୍ଲାପାଳଙ୍କ ଜନାଶୁଣାଣୀରେ ଏଭଳି ଏକ ଗୁରୁତ୍ୱର ଅଭିଯୋଗ ହୋଇଛି । ଗ୍ରାମବାସୀ କହିବା କଥା , ଅଙ୍ଗନବାଡି କର୍ମୀ ଜଣକ ଭୁବନେଶ୍ୱରରେ ରହିବାରେ କୋମଳମତି ଶିଶୁଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଶିଶୁମାନଙ୍କ ପାଇଁ ଆସୁଥିବା ଖାଦ୍ୟକୁ ରକ୍ଷା ନଯାଇ ୫ ଟଙ୍କିଆ ବିସ୍କୁଟ୍ ପ୍ରଦାନ କରି କାମ ଚଳାଇବା, କିଶୋରୀମାନଙ୍କ ପାଇଁ ମିଳୁଥିବା ଖାଦ୍ୟକୁ ଅଙ୍ଗନବାଡ଼ିରେ ନଦେଇ ତାଙ୍କ ଘରେ ଦେବା ଓ ନିୟମିତ ବ୍ୟବଧାନରେ ଦିଆଯାଉନାହିଁ । ଅନ୍ୟପକ୍ଷରେ ଏହି ଅଙ୍ଗନବାଡି କେନ୍ଦ୍ରଟି ହରିପୁର ଗ୍ରାମର ହୋଇଥିଲା ତାହା ପାପୀରା ଠାରେ ନିର୍ମାଣ ହେବାରୁ ଆହୁରି ଅସୁବିଧା ହେଉଛି । ସମୁଖରେ ଥିବା ଏକ ପୋଖରୀରେ ଅଳିଆ ଆବର୍ଜନା ଭର୍ତ୍ତି ହେବା,ସେଠାକୁ ଯିବାକୁ ରାସ୍ତା ଭଲ ନଥିବାରୁ ହରିପୁରର ଶିଶୁମାନେ ଅଙ୍ଗନବାଡି କେନ୍ଦ୍ରକୁ ବର୍ଷାଦିନେ ପାଣିକାଦୁଅରେ ଯାତାୟାତ କରିବା



ସୁବିଧା ହେଉନାହିଁ। ଏଥିଯୋଗୁ ସେଠାକୁ ଶିଶୁମାନଙ୍କୁ ପଠାଇବାକୁ ଅବିଭାବକମାନେ ସଂକୋଚ କରୁଥିବା କୁହାଯାଇଛି । ଯିବାବେଳେ ଯଦି କୌଣସି ଅଘଟଣ ଘଟେ, ସେଥିପାଇଁ ପ୍ରଶାସନ ଦାୟୀ ହେବ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି । ଅଭିଯୋଗ ଘଟଣାକୁ ଅନୁସନ୍ଧାନ କରି ତଦନ୍ତ ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗ୍ରାମବାସୀ ଦାବିକରିଛନ୍ତି । ତେବେ ଅଭିଯୋଗ ଘଟଣାକୁ ନେଇ ବ୍ଲକ ସମ୍ପନିତ୍ୱ ମହିଳ ଓ ଶିଶୁ ବିଭାଗ ପକ୍ଷରୁ ତଦନ୍ତ ହେବାକୁ ରହିଛି । କିନ୍ତୁ ଅଭିଯୋଗ ଘଟଣାରେ କେତେ ସତ୍ୟତା ରହିଛି ଯାହା ଜାଣିବାକୁ ଅଙ୍ଗନବାଡି କର୍ମୀ ଶ୍ରୀମତୀ ଜେନାକୁ ଯୋଗାଯୋଗ କରିବା ସମ୍ଭବ ନହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନି ।

ନିଶା ବିରୋଧରେ ଗର୍ଜିଲେ ଛାତ୍ରୀ

ନିଶାମୁକ୍ତ ସମାଜ ଗଠନ ପାଇଁ ନେଲେ ଶପଥ

ବେଲଗୁଣ୍ଡା, ୦୨/୦୯(ଅକ୍ଷର ଓଡ଼ିଶା)ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରୀଙ୍କ ସଚେତନତା ଓ ସକ୍ରିୟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବାର୍ତ୍ତା ନେଇ ବେଲଗୁଣ୍ଡା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଶକ୍ତି ଶ୍ରୀ ସେଲ୍ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଛି ।ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଯୋଗଦେଇ ନିଶା ସେବନର କୁପ୍ରଭାବ ଓ ଏହାଦ୍ୱାରା ପରିବାର ତଥା ସମାଜରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, "ଛାତ୍ରୀମାନେ ସୁନ୍ଦର ସମାଜ ଗଠନର ମୂଳ ଉତ୍ସ।" ଛାତ୍ରୀଙ୍କ ସଚେତନତା ଓ ପ୍ରଚେଷ୍ଟା ଘରଠାରୁ ସମାଜ ପର୍ଯ୍ୟନ୍ତ ନିଶା ବିରୋଧୀ ଚେତନା ସୃଷ୍ଟି କରିପାରିବ ବୋଲି ସେ ମତ ଦେଇଥିଲେ।ଶକ୍ତି ଶ୍ରୀ ସେଲ୍ ସଂଯୋଜିକା ପିଙ୍କି ପାତ୍ର ନିଶା ସେବନର ଦୁର୍ଦ୍ଦଶା ଓ ଏହାର ଦୂରଗାମୀ ପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ପରେ ଛାତ୍ରୀମାନେ ନିଶା ସେବନରୁ ଦୂରେଇ ରହିବା ସହ ନିଶା ନିବାରଣ ନିମନ୍ତେ ସାମୂହିକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଏସ. ଆଇ. ଆର ପ୍ରକ୍ରିୟାରେ ଚଞ୍ଚକତା ଅଭିଯୋଗ

ଉଦେଶ୍ୟ ମୂଳକ ଭାବେ ଭୋଟର ଙ୍କ ନାମ କାଟିବା ଷଡଯନ୍ତ୍ର ପ୍ରତିବାଦ



ରାଜକନିକା ୦୨/୦୯ (ନୁରେଇ ଖାନ)ଏସ. ଆଇ. ଆର ପ୍ରକ୍ରିୟାରେ ରାଜକନିକା ବ୍ଲକରେ କିଛି ରାଜନୈତିକ ଦଲାଲ ସାଧାରଣ ଲୋକଙ୍କ ଭୋଟର ତାଲିକାରୁ ନାମ କାଟିବା ପାଇଁ ମସୁଧା କରୁଥିବାକୁ ନେଇ ଆଜି ରାଜକନିକା ବ୍ଲକ ଅଧୀନ ଆଖୁଳିପଡା ପଞ୍ଚାୟତର ମୁସଲିମ ସମ୍ପ୍ରଦାୟର ଶତାଧିକ ମହିଳା ପୁରୁଷ ଭୋଟର ମାନେ ରାଜକନିକା ବ୍ଲକ କାର୍ଯ୍ୟାଳୟରୁ ଏକ ବିରାଟ ରାଲି କରି ପ୍ରଥମେ ରାଜକନିକା ତହସିଲ କାର୍ଯ୍ୟାଳୟ କୁ ଯାଇ କନିକା ତହସିଲଦାର ଭାନୁମତି ମାଝିଙ୍କୁ ଭେଟି ଏକ ଦାବିପତ୍ର ଦେବା ପରେ ବ୍ଲକ କାର୍ଯ୍ୟାଳୟକୁ ଆସି ଏକ ପ୍ରତିବାଦ ସଭା କରି ରାଜକନିକା ବିଡ଼ିଓଙ୍କୁ ଏକ ଦାବିପତ୍ର ଦେଇଥିବା ଦେଖିବାକୁ ମିଳିଥିଲା ଏହି ସଭାରେ ପୂର୍ବତନ ଚେୟାରମ୍ୟାନ କପିଳେନ୍ଦ୍ର ମଲିକ ସଭାପତିତ୍ୱ କରି ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଜୁ ବିଜୁ ଯୁବ ଜନତା ଦଳର ଯୁବ ନେତା ପବିତ୍ର ରାଉତ, ଖିରୋଦ ବେହେରା, ଆଖୁଳିପଡା ସରପଞ୍ଚ ସମଲେତୁନ ବିବି, ନୟୁମ ଖାନ,ସମିତିସଭ୍ୟ ସତ୍ୟସୁନ୍ଦର ପତି ଆଦି ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହିତ ଆଗାମୀ ଦିନରେ ରାଜକନିକା ବ୍ଲକରେ ଯଦି ପ୍ରକୃତ ଭୋଟର ମାନଙ୍କୁ ଷ୍ପସଙ୍କ ପ୍ରକ୍ରିୟାରେ ନାମ କଟାଯାଏ ଏହାକୁ ବିଜୁ ଜନତା ଦଳ ଦୃଢ଼ ପ୍ରତିବାଦ କରିବ ବୋଲି ଚେତାବନୀ ଦେଇଛି ।

ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ସୋନପୁର:୦୨ ।୯(ସଂଗ୍ରାମ ମହାପାତ୍ର) ସୋନପୁର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡାଇନାମିକ୍ ଷ୍ଟଡି ପଏଣ୍ଟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି ।ସୋନପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ଼. ସୌରଭ ରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାହିତ୍ୟିକ ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ନିଜ ଅଭିଭାଷଣରେ ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ, ପୃଥିବୀ ଖୁବ ସୁନ୍ଦର ଏବଂ ଜୀବନ ମଧ୍ୟ ସୁନ୍ଦର। ମର୍ତ୍ତ୍ୟରେ ମଧ୍ୟ ସ୍ୱର୍ଗୀୟ ସୁଖ ମିଳିବାର ସମ୍ଭାବନା ରହିଛି। ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଏହି ଜୀବନମୁଖୀ ଚିନ୍ତାଧାରାର ଅପୂର୍ବ ପ୍ରତିଫଳନ ଦେଖିବାକୁ ମିଳେ। ତାଙ୍କ କାଳଜୟୀ ସାହିତ୍ୟ ସବୁବେଳେ ଜନମାନସକୁ ପ୍ରେରଣା ଯୋଗାଇ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ସୋନପୁର ବିଜୁ ପଟ୍ଟନାଏକ ମହିଳା ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ଗଙ୍ଗାଧର ସାହିତ୍ୟରେ ଜନଜୀବନ ସହିତ ସୋନପୁରର ଐତିହ ଓ ପରମ୍ପରାକୁ ଅତି ନିଖୁଣ ଭାବେ ଵ୍ୟାଖ୍ୟା କରିଥିଲେ ।ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଗୋବିନ୍ଦ ମହାରଣା ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟରେ ମାନବିକତା, ମାନବ ପ୍ରେମ ଓ ସାମାଜିକ ଚେତନାର ନିଖୁଣ ପ୍ରତିଫଳନ ରହିଥିବା ଆଲୋକପାତ କରିଥିଲେ ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଶିକ୍ଷକ-ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଅଧ୍ୟାପକ ଦେବାଶିଷ ପଧାନ ସଭାର ସଂଯୋଜନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରାଯାଇଥିଲା ।ଶେଷରେ ସୁଶ୍ରୀ ସୌଦାମିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଗଙ୍ଗାଧରଙ୍କ ସାହିତ୍ୟ, ଜୀବନଦର୍ଶନ ଓ ମାନବିକ ଚିନ୍ତନକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା।

ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

ବଲାଙ୍ଗିର, ୦୨/୦୯ (ଦେବେନ୍ଦ୍ର ପୋଡ଼) : ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ । ଶତାଧିକ ଛାତ୍ରଛାତ୍ରୀ ଓ କଲେଜ କତ୍ତୃପକ୍ଷଙ୍କ ସମ୍ମୁଖରେ ବିଶ୍ୱ ବିଦ୍ୟାଳୟର ଗ୍ୟାଟ୍ ନିକଟରେ ୨ ଛାତ୍ରଙ୍କୁ ନିଶା କରିବା ପାଇଁ ଜଣେ ଦୁର୍ବୃତ୍ତ ଟଙ୍କା ମାଗିଥିଲା । ଟଙ୍କା ନ ଦେବାରୁ ଛାତ୍ରଙ୍କ ବାଇକକୁ ପ୍ରଥମେ ରଡ଼ରେ ଅକ୍ରାମଣ କରି ଭାଙ୍ଗି ଦେଇଥିଲା । ପରେ ଛାତ୍ର ଦ୍ୱୟଙ୍କୁ ବି ଆକ୍ରମଣ କରିବାକୁ ପଛେଇ ନଥିଲା ଦୁର୍ବୃତ୍ତ । ଯାହାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି । ତେବେ ଦୁର୍ବୃତ୍ତ ଆକ୍ରମଣର ଶିକାର ହୋଇଥିବା ଦୁଇ ଛାତ୍ର ହେଲେ ଯୁକ୍ତ ତିନି ବର୍ଷର ତୁଷାର ପୁଟା ଓ ଜତିନ ଭୋଇ । ଯେତେବେଳେ ଦୁର୍ବୃତ୍ତ ଜଣକ ବିଶ୍ୱବିଦ୍ୟାଳୟ କତ୍ତୃପକ୍ଷ ଓ ସିକ୍ୟୁରିଟୀ ଗାର୍ଡର ସାମ୍ନାରେ ବିଶ୍ୱବିଦ୍ୟାଳୟ ପରିସରରେ ଏଭଳି କାଣ୍ଡ ଘଟାଉଛି । ଯାହାକୁ



ନେଇ ଛାତ୍ରଛାତ୍ରୀଙ୍କ ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି । ସୁରୁଠୁ ବଡ଼ କଥା ଏଇଟା ଯେ, ବଲାଙ୍ଗିର ଲକ୍ଷ୍ମୀଯୋର ଥାନାରୁ ପାଖାପାଖି ୨୦୦ ମିଟର ଦୂର ହେବ ବିଶ୍ୱ ବିଦ୍ୟାଳୟ, ଆଉ ବିଶ୍ୱ ବିଦ୍ୟାଳୟ ଭିତରକୁ ପଶି ଦୁର୍ବୃତ୍ତ ଜଣକ ଏଭଳି କାଣ୍ଡ ଭିଆଉଛି, ପୁଣି ଫେର୍ରା ମାରୁଛି । ତେବେ ଏଠି ପୁଲିସର ଉପସ୍ଥିତିକୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ସାଧାରଣରେ ଆଲୋଚନା ହେଉଛି । ଦୁର୍ବୃତ୍ତ ଜଣକ କିଏ ଓ କେଉଁଠୁ ଏତେ ସାହାସ ପାଇଲା ସେ ନେଇ ତଦନ୍ତ ଦାବୀ କରିଛନ୍ତି ଛାତ୍ରଛାତ୍ରୀ ।

ମୋଟରସାଇକେଲ ଚୋରି ମାମଲାରେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା, ୦୨/୦୯(ଅକ୍ଷର ଓଡ଼ିଶା): ମୋଟରସାଇକେଲ ଚୋରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୁରୁଜଙ୍ଗ ଗ୍ରାମର ବାବୁଲା ବାରିକ ଓରଫ ପ୍ରକାଶ (୩୬)। ପୁଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ବାଟମଙ୍ଗଳା ମନ୍ଦିର ନିକଟରୁ ହିରୋ ଗ୍ଲାମର ମୋଟରସାଇକେଲ (ରେଜିଷ୍ଟ୍ରେସନ ନଂ. ଓଡି-୩୩-ଜି-୨୬୬୪) ଚୋରି ହୋଇଥିବା ନେଇ ଖୋର୍ଦ୍ଧା ମଡେଲ ଥାନାରେ କେସ୍ ନଂ. ୫୧୬/୨୦୨୬, ଧାରା ୩୦୩(୨) ବିଏନଏସ୍ ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ବାବୁଲା ବାରିକ ଓରଫ ପ୍ରକାଶଙ୍କୁ ଗିରଫ କରି ପଚରାଉଚରା କରିଥିଲା । ପଚରାଉଚରା ବେଳେ ସେ ଅନ୍ୟ ଏକ ମୋଟରସାଇକେଲ ଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଥାନା ପକ୍ଷରୁ କୁହାଯାଇଛି । ଉକ୍ତ ମୋଟରସାଇକେଲଟି ହିରୋ ସିଡି ଡିଲକ୍ସ, ଯାହାର ରେଜିଷ୍ଟ୍ରେସନ ନଂ. ଓଆର-୦୨-ଏକ୍ୟୁ-୩୧୨୮) । ଗିରଫ ପରେ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ୍ ଙ୍କ ଅଦାଲତରେ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯାଇଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା ପ୍ରକାଶ କରିଛନ୍ତି ।

ସମାଜସେବୀକା ଆର୍ଜୁ ବିବିଙ୍କୁ ମିଳିଲା

ଇଣ୍ଡିଆ ଇଣ୍ଡିଭିଜୁଆଲ ଏକ୍ସଲେନ୍ସ ଆୱାର୍ଡ ୨୦୨୬



କଟକସଦର (୦୨/୦୯(ଅକ୍ଷର ଓଡ଼ିଶା): ଗୀତଗୋବିନ୍ଦ ସଦନ ଠାରେ, ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୋମେନଟସ ଇଣ୍ଡିଆ ଆନୁକୁଲ୍ୟରେ, ଇଣ୍ଡିଆ ଇଣ୍ଡିଭିଜୁଆଲ ଏକ୍ସଲେନ୍ସ ଆୱାର୍ଡ ୨୦୨୬ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ମୁଖ୍ୟ ଡଃ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପୌରୋହିତ୍ୟରେ ଏବଂ ଶ୍ରୀଯୁକ୍ତ ଶିବାନନ୍ଦ ବାରିକ ଓ ଅନୁଷ୍ଠା ଚଟ୍ଟୋପାଧ୍ୟାୟ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ, ପଦ୍ମଶ୍ରୀ ଦେବୀପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ, ସ୍ୱତନ୍ତ୍ର ଅତିଥି ଭାବେ ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ତଥା ବଳିଷ୍ଠ ସାମ୍ବାଦିକ କୁଞ୍ଜବିହାରୀ ରାଉତ, ସିନେ ପ୍ରଯୋଜକ ତଥା ପାଇକ ଆଖଡା ସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ହାଇଦ୍ରାବାଦ ସମାଜସେବୀ ଆର ଆର ସୁଧାକର, ଯେ ଗୋପାଳ ରେଡ୍ଡୀ, ସମାଜସେବୀ ସୁରେଶ ପଣ୍ଡା, ବୈଜ୍ଞାନିକ ତଥା ଓଡିଶା ଆନ୍ତର୍ଜାତୀୟ ସୋସାଇଟିର ସାଧାରଣ ସମ୍ପାଦକ ଉମାକାନ୍ତ ଜେନା, ଶିକ୍ଷାବିତ୍ କାମିନୀ ନାୟକ, ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଳା ତ୍ରିପାଠୀ ପ୍ରମୁଖ ଯୋଗଦାନ କରି, ଅନୁଷ୍ଠାନର ବିଭିନ୍ନ ଜନହିତକର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ ।ଏହି ଅବସରରେ,ଖ୍ୟାତନାମା ସମାଜସେବୀକା ଆର୍ଜୁ ବିବିଙ୍କୁ ଇଣ୍ଡିଆ ଇଣ୍ଡିଭିଜୁଆଲ ଏକ୍ସଲେନ୍ସ ଆୱାର୍ଡ ୨୦୨୬ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ପେସ୍ କମ୍ପ୍ୟୁଟର ଏକାଡେମୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ହିଞ୍ଜିଳିକାଟୁ, ୨ ।୯(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁପୌରାଞ୍ଚଳ ସ୍ଥିତ ପାଟଣାସାହି ପେସ କମ୍ପ୍ୟୁଟର ଏକାଡେମୀ ତରଫରୁ ୫୯ ନଂ ଜାତୀୟ ରାଜପଥ ଖଣ୍ଡରା ଛକ ନିକଟରେ ପେସ କମ୍ପ୍ୟୁଟର ଏକାଡ଼େମୀ ତରଫରୁ ବୁଧବାର ଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ପାଇଁ ସାମ୍ପ୍ରତିକ ସମୟରେ ବୃକ୍ଷ ନିହାତି ଆବଶ୍ୟକ କରୁଥିବା ବେଳେ ଅନୁଷ୍ଠାନ ତରଫରୁ ବିଭିନ୍ନ ଔଷଧୀୟ ଜାତୀୟ ବୃକ୍ଷ ରୋପଣ କରାଯାଇଛି । ଅନୁଷ୍ଠାନ ର ସଭାପତି ଶିବାନୀ ପାତ୍ରଙ୍କ ସଂଯୋଜନାରେ ଅଧ୍ୟକ୍ଷ ପ୍ରିଣ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ବିଡିଓ ସୁଶ୍ରୀ ସାଗରିକା ଷଡଙ୍ଗୀ, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀ,ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜି

ଶ୍ରେଷ୍ଠ କଳାକାର ସମ୍ମାନ

ଖୋର୍ଦ୍ଧା,୦୨/୦୯(ଅକ୍ଷର ଓଡ଼ିଶା): ଅଭିନୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ପାଇଁ ଖୋର୍ଦ୍ଧାର ଯୁବ ଅଭିନେତା ଶୁଭମ ଜ୍ୟୋତି (ରୋମି)ଙ୍କୁ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଶ୍ରେଷ୍ଠ କଳାକାର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ ଜୟୀ ରାଜଗୁରୁ ଟାଉନ୍ ହଲ୍ ରେ ଆୟୋଜିତ ସମାରୋହରେ ତାଙ୍କୁ ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି ଓ ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ବିଟେକ୍ ଶିକ୍ଷା ଶେଷ କରି ଶୁଭମ ଚେନ୍ନାଇରେ ଚାକିରି ଆରମ୍ଭ କରିଥିଲେ । ତେବେ ଅଭିନୟ ପ୍ରତି ତାଙ୍କର ଗଭୀର ଆଗ୍ରହ ତାଙ୍କୁ ଚାକିରି ଛାଡ଼ି କଳା କ୍ଷେତ୍ରକୁ ଆସିବାକୁ ପ୍ରେରିତ କରିଥିଲା । ପରବର୍ତୀ ସମୟରେ 'ଖୋର୍ଦ୍ଧା ଟୋକା' ୟୁଟ୍ୟୁବ୍ ଚ୍ୟାନେଲ ସହ ଜଡ଼ିତ ହୋଇ ସେ ବିଭିନ୍ନ ଆଲବମ୍ ଓ ଭିଡିଓରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ ।

ନୂଆପଡ଼ାରେ ୪ର୍ଥ ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ

ପରିବେଶ ନିୟମ ଉଲ୍ଲଂଘନରେ କଡ଼ା ପଦକ୍ଷେପ

ନୂଆପଡ଼ା,- ୦୨/୦୯(ଅକ୍ଷର ଓଡିଶା) ନୂଆପଡ଼ାରେ ପରିବେଶ ସୁରକ୍ଷା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରଦୂଷଣ ନିୟନ୍ତ୍ରଣକୁ ସୁଦୃଢ଼ କରିବା ନେଇ ୪ର୍ଥ ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ ଜିଲ୍ଲାପାଳ ତଥା କମିଟି ଅଧ୍ୟକ୍ଷ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ବୈଠକ ଆରମ୍ଭରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗୀରର ଆଞ୍ଚଳିକ ଅଧିକାରୀ ବବିତା ସିଂହ ଆଞ୍ଚଳିକ କାର୍ଯ୍ୟାଳୟ ଓ ନୂଆପଡ଼ା ଖଣି ବିଭାଗ ପକ୍ଷରୁ କ୍ରସର୍ ୟୁନିଟ୍‌ଗୁଡ଼ିକର ଯୁଗ୍ମ ଯାଞ୍ଚ ସମ୍ପନ୍ନ ହୋଇଥିବା ସୂଚନା ଦେଇଥିଲେ । ରାଇସ୍ ମିଲ୍‌ଗୁଡ଼ିକର ନିୟମିତ ଯାଞ୍ଚ ଓ ପରିବେଶ ନିୟମ ଉଲ୍ଲଂଘନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ନେଇ ମଧ୍ୟ ଉପସ୍ଥାପନ କରିଥିଲେ ।ବୈଠକରେ ହୋଟେଲଗୁଡ଼ିକର ପରିବେଶ ସମ୍ମତିପତ୍ର (ଓ ବର୍ଜ୍ୟଜଳ ବିଶୋଧନାଗାର ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ନିୟମାନୁସାରେ ଆବଶ୍ୟକ ନଥିବା କିମ୍ବା ପରିବେଶ ନିୟମ ଉଲ୍ଲଂଘନ କରୁଥିବା ହୋଟେଲ ବିରୋଧରେ ଆବଶ୍ୟକତାନୁସାରେ ସିଲ୍ ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ତହସିଲଦାର, ବିଡିଓ ଓ ଥାନା ଅଧିକାରୀମାନେ ନିଜ ଅଞ୍ଚଳରେ ନିୟମିତ ଯାଞ୍ଚ କରିବାକୁ କୁହାଯାଇଥିଲା ।ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ମୂର୍ତ୍ତି ନିର୍ମାଣ ସ୍ଥଳରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଓ ଅନ୍ୟ ପ୍ରଦୂଷଣକାରୀ ସାମଗ୍ରୀର ବ୍ୟବହାର ଯାଞ୍ଚ କରିବାକୁ ବିଡିଓ, ତହସିଲଦାର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୁହାଯାଇଥିଲା । ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଦିଷ୍ଟ ପୋଖରୀ ପ୍ରସ୍ତୁତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ।ସେହିପରି, ସେପ୍ଟେମ୍ବର ୫ରେ ପରିବେଶ ସଚେତନତା ଅଭିଯାନ ଆୟୋଜନ କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ କର୍ମଶାଳା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା ।ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଜିଏମ୍, ଡିଆଇସି ସମୀର ମୁଦୁଲି, ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖଡ଼ିଆର ରୋଡ୍ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଡିଆସି ଅନିଲ କୁମାର ଲେଙ୍କାଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ରିଆମାଳ ଥାନାରେ 'ଆମ ପୋଲିସ' ବୈଠକ

ରିଆମାଳ ୦୨/୦୯ (ଅକ୍ଷର ଓଡ଼ିଶା): ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଓ ପାରସ୍ପରିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରିଆମାଳ ଥାନା ପରିସରରେ 'ଆମ ପୋଲିସ' ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା ସମ୍ପର୍କିତ ଚିନ୍ତା ଓ ଆଇନଶୃଙ୍ଖଳା ପରିସ୍ଥିତି ନେଇ ରିଆମାଳ ଆଇଆଇସି ବିଜୟ କେରକେଟା ଆଲୋଚନା କରିଥିଲେ ।ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ ରହିଲେ ଅପରାଧ ନିୟନ୍ତ୍ରଣ ସହ ଏକ ସୁରକ୍ଷିତ ପରିବେଶ ଗଠନ ସମ୍ଭବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ସମ୍ପ୍ରଦାୟର ସମସ୍ୟାଗୁଡ଼ିକୁ ପୋଲିସ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିବା ସହ ସାମୂହିକ ଭାବେ ସମାଧାନର ପଥ ଖୋଜିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ବୈଠକ ମାଧ୍ୟମରେ ଜନସାଧାରଣଙ୍କ ସହ ପୋଲିସର ସମ୍ପର୍କ ଆହୁରି ମଜବୁତ ହେବା ସହ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ସମାଜ ଗଠନରେ ସମସ୍ତଙ୍କ ସହଯୋଗ ରହିବ ବୋଲି ଆଶା ପ୍ରକାଶ ପାଇଛି ।

ରିଭଲକଣା ରାଗିଂ ଘଟଣା

ସ୍କୁଲ ପରିଦର୍ଶନ କଲେ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା

ରାୟଗଡ଼ା, ୦୨/୦୯ (କୈଳାସ ସ୍ୱାଇଁ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟା ସୁଜାତା ନାୟକ ଦୁଇ ଦିନିଆ ରାୟଗଡ଼ା ଜିଲ୍ଲା ଗସ୍ତରେ ଆସିଛନ୍ତି । କୋଲନରା ବ୍ଲକ ରିଭଲକଣା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ରେଗିଂ ଘଟଣାର ସେ ତଦନ୍ତ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି ।ଯାଞ୍ଚ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଶେଷ କରି ଛାତ୍ର ହଷ୍ଟେଲରେ ସିସିଟିଭି କ୍ୟାମେରା ନଥିବା, ଛାତ୍ରୀ ହଷ୍ଟେଲରେ ବିଦ୍ୟୁତ ନଥିବା, ଛାତ୍ରାବାସରେ ୱାର୍ଡେନ ନଥିବା ଏବଂ ଆବଶ୍ୟକ ସଂଖ୍ୟକ ଷ୍ଟାଫ ନଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ପ୍ରସଙ୍ଗରେ ସେ ଆସନ୍ତାକାଲି ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ, ପିଏ ଆଇଟିଡିଏ ଏବଂ ଅନ୍ୟ ଅଧିକାରୀଙ୍କ ସହ ରିଭ୍ୟୁ ମିଟିଂ କରିବେ ଏବଂ ସମସ୍ତ ବିଷୟ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ।ସମସ୍ତ ବିଦ୍ୟାଳୟରେ କାଉନସେଲର ନିଯୁକ୍ତି ଏବଂ ଆଶ୍ରମରେ ଥିବା ଛାତ୍ରଛାତ୍ରୀଙ୍କ କାଉନସେଲିଂ କରାଯିବ ବୋଲି ସେ କହିଛନ୍ତି । ଟିସି ପାଇଥିବା ୧୦ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯିବ ନାହିଁ, ସେମାନଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ ବୋଲି ଅଧ୍ୟକ୍ଷା କହିଛନ୍ତି ।ସୂଚନାଯୋଗ୍ୟ, ଗତ ମାସ ୧ ଏବଂ ୨ ତାରିଖରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀ ଛାତ୍ରମାନେ ଅମାନୁଷିକ ଭାବେ ମାଡ଼ ମାରିଥିଲେ । ଖବର ପ୍ରସାରଣ ପରେ ସ୍କୁଲ କର୍ତ୍ତୃପକ୍ଷ ୭ ଜଣ ଛାତ୍ରଙ୍କ ନାଁରେ ଥାନାରେ ଏତଲା ଦେବା ସହ ୧୦ ଜଣ ଛାତ୍ରଙ୍କୁ ଟିସି ଦେଇ ବହିଷ୍କାର କରିଥିଲେ । ଏହି ଘଟଣାରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଡମ୍ବରୁଧର ତ୍ରିପାଠୀଙ୍କୁ ଜିଲ୍ଲା ପ୍ରଶାସନ ଅନ୍ୟତ୍ର ବଦଳି କରିଥିଲା ।

କାକଟ ଲକ୍‌ରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନାଲର ଦୁର୍ଦ୍ଦଶା

ସଫେଇ ଓ ପୁନଃରୁଦ୍ଧାର ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ

କେନ୍ଦ୍ରାପଡ଼ା: ୨/୯- (ଅଲେଖ ନାୟକ) କେନ୍ଦ୍ରାପଡ଼ା ସହର କାକଟ ଲକ୍‌ରୁ ଗଣ୍ଡାକିଆ ପର୍ଯ୍ୟନ୍ତ ବୋହିଯାଇଥିବା କେନାଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ । ଦୀର୍ଘଦିନ ଧରି କେନାଲର ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ଅଭାବରୁ ଏଥିରେ କୁଡ଼ କୁଡ଼ ଅଳିଆ ଜମି ରହିଛି । ଫଳରେ କେନାଲ ପୋତି ହେବାକୁ ବସିଥିବା ବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି । କାକଟ ଲକ୍ ନିକଟରୁ କେନ୍ଦ୍ରାପଡ଼ା ବ୍ଲକ ପର୍ଯ୍ୟନ୍ତ କେନାଲର ଅନେକ ସ୍ଥାନରେ ଅଳିଆ ଓ ଆବର୍ଜନା ଜମି ଜଳ ପ୍ରବାହରେ ବାଧା ସୃଷ୍ଟି କରୁଛି । ବର୍ଷା ଦିନେ ଏହାର ପ୍ରଭାବରେ ଜଳ ନିଷ୍କାସନ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି ।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—କେନାଲ ସଫେଇ ଓ ପୁନଃରୁଦ୍ଧାର ପାଇଁ ବର୍ଷ ବର୍ଷ ଧରି ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ ଏଭଳି ଦୁର୍ଦ୍ଦଶା କାହିଁକି ସଫେଇ ଓ ପୁନଃରୁଦ୍ଧାର କାମର ମାନକୁ ନେଇ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି । କାମରେ ଅନିୟମିତତା ହୋଇଥିଲେ ତାହାର ନିରପେକ୍ଷ ତଦନ୍ତ କରାଯାଇ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁସାରେ ପଦକ୍ଷେପ ନେବାକୁ ଦାବି ହେଉଛି ।କେନାଲ ପୁନଃରୁଦ୍ଧାର କାମରେ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ଅଭିଯୋଗ ଉଠୁଛି । ତେବେ ଏହି ଅଭିଯୋଗର ସତ୍ୟତା କ'ଣ, କେତେ ଟଙ୍କାର କାମ ହୋଇଛି, କାମର ମାନ କିପରି ଥିଲା ଏବଂ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର—ତାହା ସ୍ପଷ୍ଟ କରିବା ଆବଶ୍ୟକ ।

ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ବୁଗୁଡା : ୦୨/୦୯/(ଅକ୍ଷର ଓଡିଶା): ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡ଼ା ଏନଏସି, ତାଳସାକର ଓ ଗୋଲିଆ ଆଦି ୩ଟି କ୍ଲଷ୍ଟର ଅନ୍ତର୍ଗତ ୧୩ଟି ଶିକ୍ଷାନୁଷ୍ଠାନର ମୋଟ ୨୮୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ୧୪ ବର୍ଷରୁ କମ୍ ବର୍ଗର ୯୩ ଜଣ ଏବଂ ୧୭ ବର୍ଷରୁ କମ୍ ବର୍ଗର ୧୯୪ ଜଣ ପ୍ରତିଯୋଗୀ ରହିଥିଲେ । ବୁଗୁଡ଼ା ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନ ପକ୍ଷରୁ ଆୟୋଜିତ ଉକ୍ତ ଦ୍ୱିଦିବସୀୟ କ୍ରୀଡା ପ୍ରତିଯୋଗିତାର ଉଦଘାଟନ ଉତ୍ସବରେ ପିପୁଲ୍ସ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଭାମଶ୍ୟାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ନାଗେଶ୍ୱର ରାଓ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବୁଗୁଡା ମିଡିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ଏବଂ ପ୍ରତିଯୋଗୀଙ୍କ ସାମୂହିକ ଶପଥ ଗ୍ରହଣ ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଗୌଡ, ଅମୀୟ ରଞ୍ଜନ ଭୂୟାଁ, ସତ୍ୟଶ୍ରୀ ଜେନା, ବିନୋଦ ବେହେରା, ଲକ୍ଷ୍ମଣ ବେହେରା, ଆକାଶ ପ୍ରଧାନ ଓ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ମହାନ୍ତ ପ୍ରମୁଖ ଦୌଡ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍ ଥ୍ରୋ, ସଟପୁଟ୍ ଥ୍ରୋ, ଜଭଲିନ୍ ଥ୍ରୋ, ବ୍ୟାଡମିଣ୍ଟନ, ଭଲିବଲ, କ୍ରିକେଟ, ଖୋ-ଖୋ, କବାଡି, ଯୋଗାସନ ଆଦି ପ୍ରତିଯୋଗିତା ଗୁଡିକୁ ପରିଚାଳନା କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ବ୍ଲକ କ୍ରୀଡା ସଂଗଠନ ସମ୍ପାଦକ ବିଶ୍ୱେଶ୍ୱର ଗିରିଙ୍କତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି କିରଣ ବାଳା ତ୍ରିପାଠୀ ଓ ସୁନିତା ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

ଡିଜିଟାଲ ହୁଣ୍ଡି ଜରିଆରେ ମିଳିଛି ୫୬. ୭୦ଲକ୍ଷ

ପୁରୀ, ୨ ।୯(ଅକ୍ଷର ଓଡ଼ିଶା):ଗତ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଜଗନ୍ନାଥପ୍ରେମୀ ଭକ୍ତମାନେ ଡିଜିଟାଲ ହୁଣ୍ଡି 'ସମର୍ପଣ' ଜରିଆରେ ୫୬ ଲକ୍ଷ ୭୦ ହଜାର ୭୦୫ ଟଙ୍କା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।ଉଲ୍ଲେଖ ଯୋଗ୍ୟ ଚଳିତ ବର୍ଷ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଅର୍ଥାତ ଗତ ଜୁଲାଇ ୧୫ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡିଜିଟାଲ ହୁଣ୍ଡି - 'ସମର୍ପଣ' ଲୋକାର୍ପଣ ହୋଇଥିଲା । ଏହି ପ୍ଲାଟଫର୍ମ ଜରିଆରେ ଶ୍ରଦ୍ଧାଳୁ ଭକ୍ତମାନେ ପୃଥିବୀର କୋଣ ଅନୁକୋଣରୁ ସୁବିଧାରେ ଶ୍ରୀଜଗନ୍ନାଥ ମନ୍ଦିର ତଥା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦେଇ ପାରିବେ । ଦାନର ପରିମାଣ ମଧ୍ୟ ରସିଦ ଆକାରରେ ଡାଉନଲୋଡ୍ କରି ପାରିବେ ।

ଦାନଗଦିରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ପଙ୍ଖା ବଣ୍ଟନ

ଯାଜପୁର୦୨/୦୯ (ଅକ୍ଷର ଓଡ଼ିଶା): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ବୁଦ୍ଧରାଜ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ଓ ପଙ୍ଖା ବଣ୍ଟନ କରିବା ସହ ଶିବିର ପରିଦର୍ଶନ କରିଥିଲେ ।ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୩୪ ଜଣ, ମୂକବଧିର ବିଭାଗରେ ୪୯ ଜଣ, ଚକ୍ଷୁ ବିଭାଗରେ ୩୮ ଜଣ, ମାନସିକ ବିଭାଗରେ ୩୭ ଜଣ ଓ ଅନ୍ୟ ଏକ ବିଭାଗରେ ୨୨ ଜଣଙ୍କ ସମେତ ୦ରୁ ୧୪ ବର୍ଷ ବୟସର ଭିନ୍ନକ୍ଷମ ଶିଶୁଙ୍କ ପାଇଁ ୪୪ ଜଣ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ବିଭିନ୍ନ ବିଭାଗରେ ଆସିଥିବା ହିତାଧିକାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯାଇଥିଲା ।ଏହାପରେ ଦାନଗଦି ବ୍ଲକ ସଭାଗୃହରେ



ଅନୁଷ୍ଠିତ ନବମ ସାଧାରଣ ବୈଠକରେ ମନ୍ତ୍ରୀ ଯୋଗଦେଇଥିଲେ । ବୈଠକରେ ସେ ପଞ୍ଚାୟତ ପ୍ରତିନିଧି ଓ ଅଧିକାରୀମାନଙ୍କୁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ ।ମନ୍ତ୍ରୀ କହିଥିଲେ, "ଆପଣମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ପାଇଁ କାର୍ଯ୍ୟ କରନ୍ତୁ । କିନ୍ତୁ ଜନସେବା ପାଇଁ ଯେକେହି ମୋ ପାଖକୁ ଆସିଲେ, ମୁଁ କେଉଁ ଦଳର ତାହା ଦେଖେ ନାହିଁ ।"ଶିବିରରେ ମନ୍ତ୍ରୀଙ୍କ ସହ ବିଡିଓ ପ୍ରଦୀପ ସେଠୀ, ଏବିଡିଓ ଦିବ୍ୟାକାନ୍ତି ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ସିଡିପିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।ଭିନ୍ନକ୍ଷମ ହିତାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ ସହ ଜନସେବାକୁ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରଖିବାକୁ ମନ୍ତ୍ରୀଙ୍କ ଆହ୍ୱାନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା ।

ଶ୍ରୀମନ୍ଦିର ସ୍ଥାୟୀ ଜମା ୧୮୧୧ କୋଟି

ପୁରୀ, ୨ ।୯(ଅକ୍ଷର ଓଡ଼ିଶା):ଗତ ଅଗଷ୍ଟ ୩୧ ସୁଦ୍ଧା ଶ୍ରୀଜଗନ୍ନାଥ ମନ୍ଦିର ୩ ଟି ଯୋଜନାରେ ୧୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ଟଙ୍କା ସ୍ଥାୟୀ ଜମାରେ ରଖାଯାଇଛି । ଜମାରାଶିରୁ ବିଭିନ୍ନ ରାଷ୍ଟ୍ରୟତ ବ୍ୟାଙ୍କମାନଙ୍କରେ ୧,୩୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ପି.ଏଲ୍ ଆକାଉଣ୍ଟରେ ଓଡ଼ିଶା ସରକାରଙ୍କ ପ୍ରଦତ୍ତ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ରଖାଯାଇଛି । ଏତଦବ୍ୟତୀତ ଗତଅଗଷ୍ଟ ୩୧ ତାରିଖ ସୁଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟମାନଙ୍କରେ (ସେଭିଙ୍ଗସ୍, କରଣ୍ଟ, ଫେକ୍ସି) ୧୦୦ କୋଟି ୭୦

ପ୍ରି କ୍ୱାର୍ଟରରେ ତନ୍‌ବୀ, ଶ୍ରୀକାନ୍ତ

ଚାଇନା ମାଷ୍ଟର୍ସ

ସେନ୍‌ଝେନ୍, ୦୨/୦୯ : ଭାରତର ତନ୍‌ବୀ ଶର୍ମା ଓ କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପ୍ରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ମହିଳା ଏକକ ରାଉଣ୍ଡ-୩୨ରେ ତନ୍‌ବୀ ୨୧-୧୬, ୨୧-୧୭ରେ ଡେନ୍ମାର୍କର ଆମାଲିଏ ଶୁଲ୍‌ଜଙ୍କୁ ହରାଇଥିଲେ। ପୁରୁଷ ଏକକ ମୁକାବିଲାରେ ଶ୍ରୀକାନ୍ତ ୨୧-୧୬, ୨୧-୧୫ରେ ତାଇୱାନ୍‌ର ଚି ୟୁ-ଜେନ୍‌ଙ୍କୁ ହରାଇଛନ୍ତି। ତେବେ ମହିଳା ଏକକ ଖେଳାଳି ଦେବୀକା ସିହାଗ ୧୮-୨୧, ୧୫-୨୧ରେ ବୁଲଗେରିଆର କାଲୋୟାନା ନାଲବାନ୍ତୋଭାଙ୍କଠୁ ହାରି ବିଦାୟ ନେଇଛନ୍ତି। ସେହିପରି ତାରକା ଖେଳାଳି ଲକ୍ଷ୍ୟ ସେନ୍‌ଙ୍କ ଅଭିଯାନ ମଧ୍ୟ ରାଉଣ୍ଡ-୩୨ରେ ଶେଷ ହୋଇଛି। ସେ ୧୪-୨୧, ୧୭-୨୧ରେ କାନାଡାର ଭିକ୍ଟର ଲାଇଙ୍କଠୁ ପରାସ୍ତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଳ ଓ ତନିଷା କ୍ରାଷ୍ଟୋ ୨୧-୮, ୨୧-୯ରେ ଥାଇଲାଣ୍ଡର ତୋଙ୍କିତ ଓ ତୋନ୍ଥୁଗ ସାହେଙ୍ଗଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଥିଲେ। ରୋହନ ବୋପାନ୍ନା ଓ ରତିକା ଗଡ଼େ ୧୬-୨୧, ୧୮-୨୧ରେ ଉ ଗୁଆଁ ଜୁନ୍ ଓ ଲି ଚିଆ ସିନ୍‌ଙ୍କଠୁ ହାରିଯାଇଛନ୍ତି।



ଆଫଗାନିସ୍ତାନ ଟ୍ୱେଣ୍ଟି-୨୦ ଲାଗି ଭାରତୀୟ ଦଳକୁ ଫେରିଲେ ସଂଜୁ, ବରୁଣ

ନୂଆଦିଲ୍ଲୀ, ୦୨/୦୯ : ଚଳିତ ମାସ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀସ୍ଥିତ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଲାଗି ଭାରତୀୟ ଦଳ ମଙ୍ଗଳବାର ଘୋଷିତ ହୋଇଛି। ଜିମ୍ବାୱେ ବିପକ୍ଷ ଶୃଙ୍ଖଳା ଖେଳି ନଥିବା ସଂଜୁ ସାମ୍‌ସନ୍ ଦଳକୁ ଫେରିଥିଲା ବେଳେ ଯଶପ୍ରୀତ ବୁମ୍‌ରା, ହର୍ଷିତ ରାଣା, ୱାସିଂଟନ୍ ସୁନ୍ଦର ଓ ନୀତୀଶ କୁମାର ରେଡ୍ଡୀଙ୍କୁ ଫିଟ୍‌ନେସ୍ ପ୍ରମାଣ ସର୍ତ୍ତରେ ଦଳରେ ସାମିଲ ହୋଇଛନ୍ତି। ପାଦ ଜନିତ ଆହତ ସମସ୍ୟାରୁ ମୁକୁଳିଥିବା ବରୁଣ ଚକ୍ରବର୍ତ୍ତୀ ମଧ୍ୟ ଫେରିଛନ୍ତି। ଏସୀୟ କ୍ରୀଡ଼ା ପୂର୍ବରୁ ଭାରତ ପାଇଁ ଏହି ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ରହିଛି। ଦଳ ଜିମ୍ବାୱେରେ ଟ୍ୱେଣ୍ଟି-୨୦ ଜିତିଥିଲା ବେଳେ ଏହା ପୂର୍ବରୁ ଆୟର୍ଲାଣ୍ଡ (୦-୨) ଓ ଇଂଲଣ୍ଡ (୦-୪) ଗସ୍ତରେ ମୂଳପୋଛ ହୋଇଥିଲା। ସେହିଭଳି ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାକୁ ମଧ୍ୟ ୧-୨ରେ ହାରିବାର ଲଜ୍ଜାଜନକ ଫଳ ପାଇଥିଲା। ଏବେ ଘରୋଇ ପରିବେଶରେ ଆଫଗାନସ୍ତାନ ବିପକ୍ଷରେ ସେହି ଦୁଃଖ ଦୂର କରିବାର ସମୟ ଆସିଯାଇଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ବିଶ୍ୱକପ୍ ପରଠୁ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିନି। ବିଶ୍ୱକପ୍‌ରେ ଏହି ଦଳ ୪ ସୁପର-୮ ମ୍ୟାଚ୍‌ରୁ ୨ଟିରେ ଜିତି ଆଗକୁ ବଢ଼ିପାରି ନଥିଲା।





ଭାରତୀୟ ଦଳ: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଂଜୁ ସାମ୍‌ସନ୍ (ୱିକେଟ୍‌କିପର), ଇଶାନ କିଶନ (ୱିକେଟ୍‌କିପର), ତିଳକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାସିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

ମହିଳା ଟ୍ୱେଣ୍ଟି-୨୦ ଏସିଆ କପ୍

ଗୁରୁବାର ହଂକଂକୁ ଭେଟିବ ଭାରତ

ଦୁବାଇ, ୦୨/୦୯: ଚଳିତ ମହିଳା ଟ୍ୱେଣ୍ଟି-୨୦ ଏସିଆ କପ୍‌ରେ ଭାରତ ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଶନିବାର ପାକିସ୍ତାନ ବିପକ୍ଷ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବା ପୂର୍ବରୁ ଭାରତ ଗୁରୁବାର ହଂକଂକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ୭ ଥର (୪ ଦିନିକିଆ, ୩ ଟ୍ୱେଣ୍ଟି-୨୦) ବିଜେତା ଭାରତର ବ୍ୟାଟିଂ ପ୍ରଦର୍ଶନ ଆଶାନୁଯାୟୀ ହୋଇ ନଥିଲା। ପ୍ରଥମ ୧୦ ଓଭରରେ ୧୦୧/୨ କରିଥିବା ଭାରତ ୨୦୦ରୁ ଅଧିକ ଆଶା ରଖିଥିଲା। ହେଲେ ୨୯ ରନ୍‌ରେ ୭ ୱିକେଟ୍ ହରାଇବାରୁ ଦଳ ୧୫୯ ରନ୍‌ରେ ଅଟକିଯାଇଥିଲା। ତଥାପି ଭାରତର ଚମତ୍କାର ବୋଲିଂ ଯୋଗୁଁ ଥାଇଲାଣ୍ଡକୁ ୯୪ ରନ୍‌ରେ ହରାଇ ଦେଇଥିଲା। ଏହି ମ୍ୟାଚ୍‌ରେ ଶେଫାଳି ବର୍ମା ୬୪ ଓ ଦୀପ୍ତି ଶର୍ମା ରନ୍ ବ୍ୟୟ ନକରି ୩ ୱିକେଟ୍ ନେବାରୁ ଦଳ ସହଜ ବିଜୟ ପାଇଥିଲା। ଅନ୍ୟପକ୍ଷରେ ହଂକଂ ୬ ରନ୍‌ରେ ଥାଇଲାଣ୍ଡଠୁ ହାରିଯାଇଛି। ୧୨୧ ରନ୍‌କୁ ପିଛା କରୁଥିବା ଏହି ଦଳ ୧୧୪/୭ରେ ଅଟକିଯାଇଥିଲା। ହଂକଂର ଦ୍ରୁତ ବୋଲର ମାରିନା ଲାମ୍ପଲେଫ୍ ୪/୧୧ ବୋଲିଂ ସଫଳତା ପାଇଥିଲେ। ସେହିପରି ବ୍ୟାଟିଂରେ କାରି ଚାନ୍ ୨୦ ବଲ୍‌ରୁ ୨୮ ରନ୍ କରିଥିଲେ। ଉଭୟଙ୍କ ଉପରେ ଭାରତୀୟ ଖେଳାଳି ଧ୍ୟାନ ଦେବେ।



ଭାରତ ସମ୍ଭାବ୍ୟ ଏକାଦଶ: ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ପ୍ରତୀକା ରାୱଲ, ହର୍‌ମନପ୍ରୀତ କୌର (ଅଧିନାୟିକା), ରିଚା ଘୋଷ (ୱିକେଟ୍‌କିପର), ଭାରତୀ ଫୁଲମାଳି, ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ, ରେଣୁକା ସିଂହ, କ୍ରାନ୍ତି ଗୌଡ଼। ହଂକଂ ସମ୍ଭାବ୍ୟ ଏକାଦଶ: ନତାଶା ମାଇଲ୍‌ସ (ଅଧିନାୟକ), ମାରିକୋ ହିଲ୍, ଯଶମିନ୍ ଦାସଓ୍ୱାନି, କାରି ଚାନ, ମାରିନା ଲାମ୍ପଲଫ୍, ଶାନଜିନ ଶାହଜାଦ (ୱିକେଟକିପର), ରୁଚିତା ଭେଙ୍କଟେଶ, ମାରୁମ ବିବି, ଇକ୍ରା ସାହାର, ମେଇ ୱାଇ ସିଉ, ହାଇଲି ୱଙ୍ଗ।

ୟୁଏସ୍ ଓପନ୍

ଜନ୍ମଦିନରେ ମନ୍‌ଫିଲ୍ସଙ୍କ ବିଜୟ

ନ୍ୟୁୟର୍କ, ୦୨/୦୯: ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ଗେଲ୍ ମନଫିଲ୍ସ, ଇଟାଲିର ଫ୍ଲାବିଓ କୋବୋଲି ଓ ଆମେରିକାର ଟେଲର ଫ୍ରିଜ୍ ପ୍ରବେଶ କରିଛନ୍ତି। ପୁରୁଷ ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ଫ୍ରାନ୍ସର ମନ୍‌ଫିଲ୍ସ ୨-୬, ୬-୧, ୬-୨ ସେଟ୍‌ରେ ପାରାଗୁଏର ଆଡୋଲ୍‌ଫୋ ଡାନିଏଲ୍ ଭାଲେଜୋଙ୍କୁ ହରାଇ ନିଜର ୪୦ତମ ଜନ୍ମଦିନକୁ ଆହୁରି ସ୍ମରଣୀୟ କରିଛନ୍ତି। ଏଥିସହ ୧୯୯୨ରେ ଜିମି କୋନୋର୍ସ (୪୦ ବର୍ଷ)ଙ୍କ ପରେ ଫ୍ଲସିମିଡୋଜ୍‌ରେ ମୁଖ୍ୟ ଡ୍ର' ମ୍ୟାଚ୍ ଜିତିବାରେ ମନ୍‌ଫିଲ୍ସ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ପଞ୍ଚମ ମାନ୍ୟତାପ୍ରାପ୍ତ କୋବୋଲି ନିଜ କ୍ୟାରିୟର୍‌ରେ ପ୍ରଥମ ଥର ଆରମ୍ଭରୁ ୨ ସେଟ୍ ପଛରେ ପଡ଼ିଲା ବେଳେ ମ୍ୟାଚ୍ ଜିତିଛନ୍ତି। ସେ ୪ ଘଣ୍ଟା ୧୩ ମିନିଟ୍‌ର ସଂଘର୍ଷ ପରେ ୩-୬, ୨-୬, ୬-୩, ୬-୪, ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ଫ୍ରାନ୍‌ସିସ୍କୋ କୋମେସାନାଙ୍କୁ ହରାଇଛନ୍ତି। ନବମ ମାନ୍ୟତାପ୍ରାପ୍ତ ଫ୍ରିଜ୍ ୬-୩, ୬-୨, ୬-୪ ସେଟ୍‌ରେ ନିଜ ଦେଶର ୧୮ ବର୍ଷୀୟ ଡରଓ୍ୱିନ୍ ବ୍ଲାଞ୍ଚଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ମହିଳା ଏକକରେ ବିଶ୍ୱର ୨ନମ୍ବର ଏଲିନା ରିବାକିନା, ପୂର୍ବତନ ବିଜୟିନୀ କୋକୋ ଗଫ୍, ମାଡିସନ୍ କିଜ୍ ଓ ଫ୍ରେଞ୍ଚ ଓପନ୍ ବିଜୟିନର ମୀରା ଆନ୍ଦ୍ରିଭା ଆଗକୁ ବଢ଼ିଛନ୍ତି। କାଜାଖସ୍ତାନର ରିବାକିନା ୬-୩, ୬-୨ ସେଟ୍‌ରେ ଆମେରିକାର ସ୍ୱଳ୍ପ ବୟସ୍କା ଯୁବତୀ ଥିଆ ଫ୍ରୋଡିନ୍‌ଙ୍କୁ, ସ୍ଥାନୀୟ ଖେଳାଳି ଗଫ୍ ୬-୩, ୬-୪ ସେଟ୍‌ରେ ତୁର୍କିର ଜେନେପ୍ ସୋନ୍‌ମେଜ୍‌ଙ୍କୁ, ପଞ୍ଚମ ମାନ୍ୟତାପ୍ରାପ୍ତ ରୁଷିଆର ଆନ୍ଦ୍ରିଭା ୬-୨, ୬-୨ ସେଟ୍‌ରେ ବିଶ୍ୱର ୩୬ ନମ୍ବର ଇଣ୍ଡୋନେସିଆ ଖେଳାଳି ଜାନିକେ ତିଜେନ୍‌ଙ୍କୁ ଏବଂ ଆମେରିକାର କିଜ୍ ୭-୫, ୬-୪ ସେଟ୍‌ରେ ରୁଷୀୟ ଯୁବତୀ ଏଲିନା କୋର୍ନୀଭାଙ୍କୁ ହରାଇଥିଲେ।



ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ ରହିବେ ଜୟବର୍ଦ୍ଧନେ

ନୂଆଦିଲ୍ଲୀ, ୦୨/୦୯ : ଆଇପିଏଲ୍-୨୦୨୬ ଲାଗି ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ ପଦ ବଜାୟ ରଖିପାରନ୍ତି ମହେଲା ଜୟବର୍ଦ୍ଧନେ। ୫ ଥର ଟାଇଟଲ ବିଜୟୀ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୬ରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେଅଫ ଦୌଡ଼ରୁ ବାଦ୍ ପଡ଼ିଥିଲା। ଉକ୍ତ ପ୍ରଦର୍ଶନ ପରେ ଜୟବର୍ଦ୍ଧନେଙ୍କ ମୁଖ୍ୟ ପ୍ରଶିକ୍ଷକ ପଦକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ୨୦୨୭ ଆଇପିଏଲ ଲାଗି ଦଳରେ ଏକାଧିକ ପରିବର୍ତ୍ତନର ସମ୍ଭାବନା ରହିଛି। କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ପଦ ଜୟବର୍ଦ୍ଧନେ ବଜାୟ ରଖିବେ ବୋଲି ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସୂଚନା ମିଳିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ୨୦୨୪ରେ ଜୟବର୍ଦ୍ଧନେ ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୪ଟି ବିଜୟ ହାସଲ କରିବା ସହ ନବମ ସ୍ଥାନରେ ରହିଥିଲା। ଆଇପିଏଲ-୨୦୨୬ରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳୀୟ ମ୍ୟାନେଜମେଣ୍ଟ ଏକାଧିକ ପରିବର୍ତ୍ତନର ସୂଚନା ଦେଇଛି। ଅଧିନାୟକ ହାର୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ି ଚେନ୍ନଇ ସୁପର କିଙ୍ଗ୍ସ ଯିବା ନେଇ ଯୋଜନାରେ ରହିଛନ୍ତି ଯଦି ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ନ ଛାଡ଼ନ୍ତି ତେବେ ତାଙ୍କୁ ଆଉ ଅଧିନାୟକ ପଦ ମିଳିବାର ସମ୍ଭାବନା କମ ରହିଛି। କାରଣ ଗତ ଦୁଇ ସଂସ୍କରଣରେ ମୁମ୍ବାଇ ହାର୍ଦିକଙ୍କ ଅଧିନାୟକତ୍ୱରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଯାହାକୁ ଦଳ ଗୁରୁତର ସହ ନେଇଛି।



ସରକାରୀ ପାଣ୍ଠି ହେରଫେର ମାମଲାରେ ଭିଜିଲାନ୍ସର ବଡ଼ ସଫଳତା

ଦେବଗଡ଼, ୦୨/୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ କଲା ପ୍ୟାକ୍ସ (ଚଇଉଝ)ର ପୂର୍ବତନ ସମ୍ପାଦକ ଶ୍ରୀପତି ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, କଲା ପ୍ୟାକ୍ସର ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ସମୟରେ ଶ୍ରୀପତି ପ୍ରଧାନ ସାର ବିକ୍ରି ବାବଦ ଅର୍ଥ ସହ ବିଭିନ୍ନ ସରକାରୀ ପାଣ୍ଠିରୁ ମୋଟ ପ୍ରାୟ ୧୬ ଲକ୍ଷ ୭୨ ହଜାର ଟଙ୍କା ସାର ବିକ୍ରି ଅର୍ଥ ଓ ବିଭିନ୍ନ ସରକାରୀ ପାଣ୍ଠି ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ଆର୍ଥିକ ଅନିୟମିତତାକୁ ନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତଦନ୍ତ ସମୟରେ ପାଣ୍ଠି ହେରଫେର ସମ୍ପର୍କିତ ବିଭିନ୍ନ ତଥ୍ୟ ଓ ପ୍ରମାଣ ଭିଜିଲାନ୍ସ ହାତରେ ଲାଗିବା ପରେ ଅଭିଯୁକ୍ତ ପୂର୍ବତନ ସମ୍ପାଦକଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ଆହୁରି କେହି ସଂପୃକ୍ତ ଅଛନ୍ତି କି ନାହିଁ, ଏବଂ ହେରଫେର ହୋଇଥିବା ଅର୍ଥ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

୧୬.୭୨ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ ପୂର୍ବତନ PACS ସମ୍ପାଦକ ଗିରଫ



ଜାତୀୟ ଯୁବ ଦୌଡ଼କୁଦ

ଦୂତିଙ୍କ ରେକର୍ଡ ଭାଙ୍ଗିଲେ ମ୍ରିଥିକା



ଲୁଧିଆନା, ୦୨/୦୯: ଓଡ଼ିଶାର ଦ୍ରୁତତମ ଧାବିକା ଦୂତି ଚାନ୍ଦଙ୍କ ଏକ ରେକର୍ଡ ମଙ୍ଗଳବାର ଭାଙ୍ଗିଛି। ଏଠାରେ ଚାଲିଥିବା ଜାତୀୟ ଯୁବ ଦୌଡ଼କୁଦ ପ୍ରତିଯୋଗିତାର ତାମିଲନା ୨ର ଟି ମ୍ରିଥିକା ମହିଳା ୧୦୦ ମିଟରକୁ ୧୧.୭୮ ସେକେଣ୍ଡରେ ଶେଷ କରି ସର୍ଣ୍ଣ ପଦକ ଜିତିବା ସହ ନୂଆ ମିଟ୍ ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ଦୂତି (୧୧.୮୦ ସେକେଣ୍ଡ)ଙ୍କ ନାଁରେ ଥିଲା। ଦୂତି ୨୦୧୨ରେ ବେଙ୍ଗାଲୁରୁରେ ଏହି ରେକର୍ଡ କରିଥିଲେ। ମ୍ରିଥିକା ଏକ ମାତ୍ର ଧାବିକା ଭାବେ ଫାଇନାଲ୍‌ରେ ୧୨ ସେକେଣ୍ଡରୁ କମ୍ ସମୟରେ ରେସ୍ ଶେଷ କରିଥିଲେ। ତାଙ୍କ ପଛକୁ କର୍ଣ୍ଣାଟକର ସୁଚିତ୍ରା ଏସ୍ (୧୨.୦୩) ଓ ମହାରାଷ୍ଟ୍ରର ସାଓ୍ୱାରୀ କୁଲକର୍ଣ୍ଣି (୧୨.୦୯) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ରୌପ୍ୟ ଓ କାଂସ୍ୟ ଜିତିଥିଲେ। ପୁରୁଷ ୧୦୦ ମିଟରରେ ତାମିଲନାଡୁର ନିଲ ସମରାଜ ଆର୍ ନୂଆ ରେକର୍ଡ ସମୟ ୧୦.୪୬ ସେକେଣ୍ଡ ସହ ସର୍ଣ୍ଣ ଜିତିଥିଲେ। ଏହି ରେକର୍ଡ ପୂର୍ବରୁ ଅଂଶୁ ରଜାକ (୧୦.୬୩ ସେକେଣ୍ଡ, ୨୦୨୩ କୋଏମ୍ବାଟୁର)ଙ୍କ ନାଁରେ ଥିଲା। ପଶ୍ଚିମବଙ୍ଗର ମେହେବୁବୁଲ ଅହମଦ (୧୦.୭୪) ଓ ଦିଲ୍ଲୀର ପୁଷ୍ପେନ୍ଦର (୧୦.୮୧) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପାଇଥିଲେ।

କ୍ରିକେଟ୍ ଯାତ୍ରା ଆରମ୍ଭ କଲେ ରାଇନାଙ୍କ ପୁଅ ରିଓ



ନୂଆଦିଲ୍ଲୀ, ୦୨/୦୯ : ଭାରତୀୟ କ୍ରିକେଟ୍‌ର ଦୁଇ ମହାନ ତାରକା ରାହୁଲ ଦ୍ରାବିଡ଼ ଓ ବୀରେନ୍ଦ୍ର ସେହବାଗଙ୍କ ପୁଅ ଅନଭୟ ଓ ଆର୍ଯ୍ୟବୀର ପ୍ରମାଣ କରି ସାରିଛନ୍ତି। ଉଭୟ ଭାରତୀୟ ୧୯ବର୍ଷରୁ କମ୍ କ୍ରିକେଟ୍ ଦଳରେ ସ୍ଥାନ ଅର୍ଜନ କରି ନିଜନିଜର ଚର୍ଚ୍ଚିତ ପିତାଙ୍କ ପଦାଙ୍କ ଅନୁସରଣ କରୁଛନ୍ତି। ଏହି ତାଲିକାରେ ଏବେ ପୂର୍ବତନ ଭାରତୀୟ ବାମହାତୀ ବ୍ୟାଟର୍ ସୁରେଶ ରାଇନାଙ୍କ ପୁଅ ରିଓ ସାମିଲ ହୋଇଛନ୍ତି। ରିଓ ଅବଶ୍ୟ ଏବେଏବେ ନିଜ କ୍ରିକେଟ୍ ଯାତ୍ରା ଆରମ୍ଭ କରିଛନ୍ତି। କୁନି ବୟସରେ ବ୍ୟାଟ୍ ଧରି ଖେଳିବା ଶିଖୁଛନ୍ତି। କ୍ରିକେଟ୍ ପଡ଼ିଆରେ ତାଙ୍କ ପ୍ରଥମ ପାଦକୁ ନେଇ ରାଇନା କିନ୍ତୁ ବେଶ୍ ଉତ୍ସାହିତ ଅଛନ୍ତି। ରିଓଙ୍କ ଯାତ୍ରାରମ୍ଭର କିଛି ଫଟୋ ରାଇନା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଛନ୍ତି। ଫଟୋଗୁଡ଼ିକରେ ରିଓଙ୍କୁ କ୍ରିକେଟ୍ ପୋଷାକରେ ଦେଖିବାକୁ ମିଳିଛି। ଏହାଛଡ଼ା ସେ ଏକ ବ୍ୟାଟ୍ ଫ୍ୟାକ୍ଟ୍ରିକୁ ଯାଇ ନିଜ ପସନ୍ଦର ବ୍ୟାଟ୍ ମଧ୍ୟ ବାଛୁଥିବା ଦେଖାଯାଇଛି। ରାଇନା ଭାରତ ପାଇଁ ୨୦୦୫ରୁ ୨୦୧୮ ମଧ୍ୟରେ ୩୨୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏବେ ପୁଅ ରିଓ କ୍ରିକେଟ୍‌ରେ ପ୍ରବେଶ କରିବା ତାଙ୍କ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ପାଲଟିଛି। ଫଟୋ ସେୟାର କରି ସେ ଲେଖିଛନ୍ତି, ''ବାପା ଭଳି ପୁଅ ! ଆଉ ଏମିତି ଆମ କ୍ରିକେଟ୍ ଯାତ୍ରା ଆରମ୍ଭ ହେଲା। ତୁମ ଆଖିରେ ପୁଣିଥରେ ଏହି ଖେଳର ଆନନ୍ଦ, ଉତ୍ସାହ ଓ ନିଷ୍ପଟତାକୁ ଅନୁଭବ କରିବାକୁ ମୁଁ ଅପେକ୍ଷା କରିଛି। ଆସ,ଏକାଠି କିଛି ସୁନ୍ଦର ସ୍ମୃତି ତିଆରି କରିବା।''

ଅନାୟାଙ୍କୁ ସମର୍ଥନ କଲେ ଟ୍ରାନ୍ସଜେଣ୍ଡର କ୍ରିକେଟର ଡାନିଏଲ୍

ନୂଆଦିଲ୍ଲୀ, ୦୨/୦୯ : ଭାରତୀୟ ଟ୍ରାନ୍ସଜେଣ୍ଡର କ୍ରିକେଟର ଅନାୟା ବାଙ୍ଗରଙ୍କୁ ସମର୍ଥନ କରିଛନ୍ତି ଅଷ୍ଟ୍ରେଲିଆର ଟ୍ରାନ୍ସଜେଣ୍ଡର କ୍ରିକେଟର ଡାନିଏଲ୍ ମ୍ୟାକ୍‌ଗହି। ଅନାୟାଙ୍କ ଭଳି ସେ ମଧ୍ୟ ଟ୍ରାନ୍ସଜେଣ୍ଡର ଖେଳାଳିଙ୍କୁ ନେଇ ହେଉଥିବା ବିବାଦ ଓ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ଏଣୁ ଅନାୟାଙ୍କ ଦୁଃଖକୁ ସେ ଭଲ ଭାବେ ବୁଝି ପାରୁଛନ୍ତି ବୋଲି ଡାନିଏଲ କହିଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ ଅନାୟାଙ୍କୁ ମାର୍ଚ୍ଚ ୨୦୨୭ରୁ ସେଠାକାର କମ୍ୟୁନିଟି ମହିଳା କ୍ରିକେଟ୍ ଖେଳିବା ପାଇଁ ଅନୁମତି ପ୍ରଦାନ କରିଛି। ଏହାକୁ ନେଇ କିନ୍ତୁ ବିବାଦ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ କ୍ରିକେଟର ମାରିୟାନ୍ କାପ୍‌ଙ୍କ ଭଳି କିଛି ମହିଳା ଖେଳାଳି କ୍ରିକେଟ୍ ଅଷ୍ଟ୍ରେଲିଆର ଏହି ନିଷ୍ପତ୍ତିକୁ ଭିର୍ସନା କରିଛନ୍ତି। ଏହା ପରେ ତାଙ୍କ ସମର୍ଥନରେ ଆଗକୁ ଆସିଛନ୍ତି ଡାନିଏଲ। ସେ କହିଛନ୍ତି, ଅନାୟାଙ୍କୁ କ୍ରିକେଟ୍ ଖେଳିବାର ସପ୍ନ ଜାରି ରଖିବା ପାଇଁ ସମର୍ଥନ ମିଳିବା ଦରକାର ଏବଂ ଏହି ପ୍ରସଙ୍ଗରେ ଆଲୋଚନା ପ୍ରମାଣ ଓ ଗବେଷଣା ଆଧାରିତ ହେବା ଉଚିତ। ତାଙ୍କୁ ମୁଁ ସମ୍ପୂର୍ଣ୍ଣ ସମର୍ଥନ କରୁଛି।





ଅନେକ ସାର୍ବଜନୀନ ସମାଲୋଚନାର ସାମ୍ନା କରି ମଧ୍ୟ ଅନାୟା ନିଜର ପ୍ରିୟ କ୍ରୀଡ଼ାକୁ ଜାରି ରଖିବାକୁ ଚେଷ୍ଟା କରୁଥିବାରୁ ମୁଁ ତାଙ୍କ ପାଇଁ ଗର୍ବିତ। ହର୍ମୋନ୍ ଥେରାପି ପରେ ଟ୍ରାନ୍ସଜେଣ୍ଡର ମହିଳାଙ୍କ ଶାରୀରିକ ଗଠନ ଓ କ୍ରୀଡ଼ା ପ୍ରଦର୍ଶନ ସମ୍ବନ